RNI No.ODIODI/2010/33031
୧୭ ବର୍ଷ Volume-17
ISSUE -197 ସଂଖ୍ୟା-୧୯୭
ଭୁବନେଶ୍ୱର, ଶୁକ୍ରବାର ୨୩ ଅକ୍ଟୋବର ୨୦୨୬
Bhubaneswar, Friday 23 October, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଆଜି ସୃଷ୍ଟି ହେବ ଲଘୁଚାପ

ଭୁବନେଶ୍ୱର୨୨।୧୦(ନି.ପ୍ର): ଆଣ୍ଡାମାନ ସାଗର ଉପରେ ସକ୍ରିୟ ଘୂର୍ଣ୍ଣବଳୟ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି। ଆଜି ସନ୍ଧ୍ୟା ସୁଦ୍ଧା ଏହା ଦକ୍ଷିଣ-ପୂର୍ବ, ପାର୍ଶ୍ୱବର୍ତ୍ତୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ସଂଲଗ୍ନ ଆଣ୍ଡାମାନ ଉପରେ ରହିଛି। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଶୁକ୍ରବାର ଦକ୍ଷିଣ-ପୂର୍ବ ଓ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହି ଲଘୁଚାପ କ୍ଷେତ୍ର ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ଅଧିକ ଘନୀଭୂତ ହୋଇ ୨୫ ତାରିଖ ସକାଳ ସୁଦ୍ଧା ଅବପାତର ରୂପ ନେଇପାରେ। ଏହା ପରେ ମଧ୍ୟ ଏହାର ତୀବ୍ରତା ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସମ୍ପ୍ରସାରିତ ପୂର୍ବାନୁମାନରେ ସ୍ପଷ୍ଟ କରାଯାଇଛି। ଆହୁରି କୁହାଯାଇଛି ଯେ ଲଘୁଚାପ ସୃଷ୍ଟି ହେବା ପରେ ୨୩ ତାରିଖ ସନ୍ଧ୍ୟାରୁ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ପବନର ଘଣ୍ଟାପ୍ରତି ବେଗ ୩୫ରୁ ୪୫ କିଲୋମିଟର (କିମି) ରହିବ। ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ପବନର ବେଗ ଘଣ୍ଟାପ୍ରତି ୪୫ରୁ ୫୫ କିମି ଓ ଝଟକା ପବନର ବେଗ ୬୫ କିମି ଏବଂ ୨୫ ତାରିଖ ସନ୍ଧ୍ୟା ସୁଦ୍ଧା ପୂର୍ବ-କେନ୍ଦ୍ରୀୟ, ପଶ୍ଚିମ-କେନ୍ଦ୍ରୀୟ ଓ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କିମି ଓ ଝଟକା ପବନର ବେଗ ୭୦ କିମି ରହିପାରେ। ଅକ୍ଟୋବର ୨୬ରୁ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ପବନର ବେଗ ଘଣ୍ଟା ପ୍ରତି ୭୦ରୁ ୮୦ କିମି ଓ ଝଟକା ପବନର ବେଗ ୯୦ କିଲୋମିଟର ଛୁଇଁପାରେ। ୨୮ ତାରିଖ ପର୍ଯ୍ୟନ୍ତ ପବନର ତୀବ୍ରତା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସମ୍ଭାବ୍ୟ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୩ ସନ୍ଧ୍ୟାରୁ ୨୫ ତାରିଖ ଯାଏଁ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ୨୬ରୁ ୨୮ ତାରିଖ ଯାଏଁ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଏହି ସମୟରେ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିବା ସହ ୨୬ରୁ ୨୮ ତାରିଖ ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଉଚ୍ଚ ଜୁଆର ଓ ବଡ଼ ଢେଉ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ୨୩ରୁ ୨୯ ତାରିଖ ମଧ୍ୟରେ ମତ୍ସ୍ୟଜୀବୀଙ୍କ ଗତିବିଧି, ଜାହାଜ ଚଳାଚଳ, ବନ୍ଦର ଓ ସାମୁଦ୍ରିକ ପର୍ଯ୍ୟଟନ ସମ୍ପର୍କିତ କଟକଣା ପରବର୍ତ୍ତୀ ପାଣିପାଗ ସତର୍କ ସୂଚନା ଆଧାରରେ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଷ୍ଟମ୍ କେଉଁ ରୂପରେ ଉପକୂଳକୁ ଆସିବ ଏବଂ କେଉଁଠି ସ୍ଥଳଭାଗ ଛୁଇଁବ ତାହାକୁ ନେଇ ଏବେ ବି ସ୍ପଷ୍ଟତା ଆସି ପାରିନାହିଁ। ତେବେ ୨୬ ତାରିଖଠାରୁ ଓଡ଼ିଶା ଉପକୂଳରେ ପାଗ ବଦଳିବ। ବାଲେଶ୍ୱର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୫୦ରୁ ୬୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ଆକଳନ ଅନୁଯାୟୀ ୨୫ ତାରିଖରେ ଅବପାତ ଓ ୨୬ରେ ଗଭୀର ଅବପାତରେ ପରିଣତ ହୋଇପାରେ। ବାତ୍ୟା ପାଇଁ ଏବେ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଗଭୀର ଅବପାତ ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନେବାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଉର୍ଦ୍ଧ୍ୱଗାମୀ ବାୟୁର ଘର୍ଷଣ ଶକ୍ତି। ତେଣୁ ମଡେଲ୍‌ଗୁଡ଼ିକ ଭିନ୍ନ ଭିନ୍ନ ଆକଳନ କରିଛନ୍ତି। ତେବେ ୟୁରୋପିଆନ୍ ମଡେଲ୍ କହୁଛି ଯେ ୨୮ ଓ ୨୯ ତାରିଖ ବେଳକୁ ଘର୍ଷଣ ଶକ୍ତି ୨୦ ନଟ୍ (କେଟି)ରୁ କମ୍ ରହିବ, ଯାହାକି ବାତ୍ୟା ରୂପ ନେବାରେ ସହାୟକ ହେବ। ଅନ୍ୟ ସମସ୍ତ ମଡେଲ୍‌ରୁ ଜଣାପଡୁଛି ଉତ୍ତର-ଉତ୍ତରପଶ୍ଚିମ ବାୟୁ ବଙ୍ଗୋପସାଗରକୁ ଆସି ଅବପାତର କେନ୍ଦ୍ରକୁ ଆସିବା ଫଳରେ ଏହା ଗଭୀର ଅବପାତରୁ ଅଧିକ ଘନୀଭୂତ ହେବାକୁ ଦେବ ନାହିଁ। ତେବେ ସମସ୍ତ ମଡେଲ୍‌ରୁ ଜଣାପଡୁଛି ଯେ ଏସ୍‌ଟିଆର (ସବ୍ ଟପିକାଲ ରିଜ୍) ୨୦ ଡିଗ୍ରି ଉତ୍ତରରେ କାନ୍ଥ ଭଳି ରହିବ, ଯାହାକି ସିଷ୍ଟମ୍‌କୁ ଆଗକୁ ଯିବାକୁ ଦେବ ନାହିଁ। ଏହା ଦକ୍ଷିଣ ଓଡ଼ିଶା ଉପକୂଳ କିମ୍ବା ସଂଲଗ୍ନ ଉତ୍ତର ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବ। ସମ୍ଭାବ୍ୟ ଗତିପଥ ବିଶାଖାପାଟଣାରୁ ପାରାଦୀପ ମଧ୍ୟରେ ରହିପାରେ।

# ଜଗତଜନନୀଙ୍କୁ ଭାବପ୍ରବଣ ମେଲାଣି



## କିଛି ଲୋକ ଅରାଜକତାର ସ୍ୱପ୍ନ ଦେଖୁଛନ୍ତି: ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ୨୨।୧୦(ନି.ପ୍ର): : କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କଡ଼ା କଟାକ୍ଷ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମଗ୍ର ବିଶ୍ୱ ବର୍ତ୍ତମାନ ଏକ ନୂତନ ବ୍ୟବସ୍ଥା ସନ୍ଧାନ କରୁଥିବା ବେଳେ ଦେଶ ମଧ୍ୟରେ କେତେକ ବ୍ୟକ୍ତି କେବଳ ଅରାଜକତା ଓ ଅଶାନ୍ତିର ସ୍ୱପ୍ନ ଦେଖୁଛନ୍ତି। ଗୁରୁବାର ଅନୁଷ୍ଠିତ 'ଏନ୍‌ଡିଟିଭି ୱାର୍ଲ୍ଡ ସମିଟ୍ ୨୦୨୬'ର ପ୍ରାରମ୍ଭିକ ଦିବସରେ ମୁଖ୍ୟ ଅଭିଭାଷଣ ଦେଇ ପ୍ରଧାନମନ୍ତ୍ରୀ କଂଗ୍ରେସ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ବିରୋଧୀ ଦଳ ନେତା ରାହୁଲ



ଗାନ୍ଧୀଙ୍କ ନାମ ନନେଇ ସେ କହିଛନ୍ତି ଯେ ଏକ 'ବିଫଳ ପ୍ରଡକ୍ଟ'କୁ କେତେ ଦିନ ପର୍ଯ୍ୟନ୍ତ କଂଗ୍ରେସ ବାରମ୍ବାର ଲଞ୍ଚ୍ କରିବାକୁ ଚେଷ୍ଟା କରିବ ।ପ୍ରଧାନମନ୍ତ୍ରୀ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛନ୍ତି ଯେ କଂଗ୍ରେସର ନିଜସ୍ୱ ଚିନ୍ତାଧାରା ଶେଷ ହୋଇଯାଇଛି ଏବଂ ଦଳ ଉପରେ ବର୍ତ୍ତମାନ 'ଦିମାଗୀ ନକ୍ସଲ୍' ମାନେ ସମ୍ପୂର୍ଣ୍ଣ ଭାବେ ପ୍ରଭାବ ବିସ୍ତାର କରିଛନ୍ତି। କଂଗ୍ରେସକୁ ଏକ 'ପରଜୀବୀ' ସଂଗଠନ ଭାବେ ଅଭିହିତ କରି ସେ କହିଛନ୍ତି ଯେ ଏହି ଦଳ ଅନ୍ୟ କାହାକୁ ଆଗକୁ ବଢ଼ିବାକୁ ଦିଏନାହିଁ। କ୍ଷମତା ହରାଇବା ପରେ କଂଗ୍ରେସ ପାଇଁ ଅଙ୍ଗୁର ଏତେ ଖଟା ପାଲଟିଯାଇଛି ଯେ ସେମାନେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବସିଛନ୍ତି। ଦେଶର ସମ୍ମାନ ରକ୍ଷା କରିବା ପରିବର୍ତ୍ତେ ଏହି ଲୋକମାନେ କେବଳ ଭାରତର ପ୍ରତିଷ୍ଠା ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି ।ମୋଦୀ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ଯେତେବେଳେ ବିଶ୍ୱ ସମ୍ମୁଖରେ ଭାରତର ଏକ ଶକ୍ତିଶାଳୀ ଚିତ୍ର ଉପସ୍ଥାପନ କରିବାର ଆବଶ୍ୟକତା ରହିଛି, ସେତେବେଳେ ଏହି ନେତାମାନେ ବିଦେଶ ମାଟିକୁ ଯାଇ ଦେଶକୁ ବଦନାମ କରୁଛନ୍ତି। ସେମାନେ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ବୈଦେଶିକ ଶକ୍ତି ଓ ବିଦେଶୀମାନଙ୍କୁ ହସ୍ତକ୍ଷେପ କରିବା ପାଇଁ ଆହ୍ୱାନ ଦେଉଛନ୍ତି, ଯାହା କଦାପି ଗ୍ରହଣୀୟ ନୁହେଁ।

## ଯନ୍ତ୍ରୀଙ୍କ ଠିକଣାରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୨୨।୧୦(ନି.ପ୍ର) ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯାଜପୁର ବଡ଼ଚଣା ଆର୍ ଆଣ୍ଡ୍ ବି ଉପଖଣ୍ଡର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତପନ ସେଠୀଙ୍କ ୭ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ଚଢ଼ାଉ କରିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଯାଜପୁର ଜିଲ୍ଲାର ବଡ଼ଚଣାସ୍ଥିତ ଆର୍ ଆଣ୍ଡ୍ ବି ଉପଖଣ୍ଡର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଏଇ) ତପନ ସେଠୀଙ୍କ ବିଭିନ୍ନ ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଉଛି।କଟକ ଜିଲ୍ଲାର ଚୌଦ୍ୱାରସ୍ଥିତ ଚାରବାଟିଆ ଆର୍ ଆଣ୍ଡ୍ ବି ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ କାର୍ଯ୍ୟରତ ଶ୍ରୀ ସେଠୀଙ୍କ ସମ୍ପତ୍ତି ଯାଞ୍ଚ ପାଇଁ କଟକ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ



ଏହି ଚଢ଼ାଉ କରାଯାଉଛି। ଏହି ଅଭିଯାନରେ ୩ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ସହାୟକ କର୍ମଚାରୀ ସାମିଲ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ୭ଟି ସ୍ଥାନରେ ଚଢ଼ାଉ କରାଯାଉଛି। କଟକ ସିଡିଏ ସେକ୍ଟର-୭ର ଫ୍ଲାଟ ନମ୍ବର ଏଫ୍/୭୭୯ରେ ଥିବା ତିନିମହଲା କୋଠା, ପୁରୀ ସିଦ୍ଧମହାବୀର ଅଞ୍ଚଳରେ ଥିବା ତିନି ମହଲା କୋଠା, କଟକ ଜିଲ୍ଲା କଣ୍ଟାପଡ଼ାରେ ଥିବା ଫାର୍ମ ହାଉସ୍ ଏବଂ ଏକ ସିମ୍ପ୍ଲେକ୍ସ, ପୁରୀ ଜିଲ୍ଲା କୋଣାର୍କ ଥାନା ଅନ୍ତର୍ଗତ ତାଙ୍କ ନିଜ ଗ୍ରାମ ଝିଙ୍କିଆରେ ଥିବା ଦୁଇ ମହଲା ଘର, କଟକ ୪୨ ମୌଜା ଅନ୍ତର୍ଗତ ଶିବ ମନ୍ଦିର ନିକଟସ୍ଥ ବନ୍ତୁଣିଆରେ ଥିବା ତାଙ୍କ ଶ୍ୱଶୁର ଘର, ଭୁବନେଶ୍ୱର କଣ୍ଟାବାଡ଼ରେ ଥିବା ଦୁଇ ମହଲା କୋଠା, ଯାଜପୁର: ବଡ଼ଚଣାସ୍ଥିତ ଆର୍ ଆଣ୍ଡ୍ ବି ଉପଖଣ୍ଡ କାର୍ଯ୍ୟାଳୟରେ ଥିବା ଶ୍ରୀ ସେଠୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚଢ଼ାଉ କରାଯାଇଛି । ଚଢ଼ାଉ ସମୟରେ ମିଳୁଥିବା ସମ୍ପତ୍ତି, ଆର୍ଥିକ କାରବାର ଏବଂ ଅନ୍ୟାନ୍ୟ ଦସ୍ତାବିଜ୍‌ର ଯାଞ୍ଚ ପରେ ଅଧିକ ତଥ୍ୟ ଜଣାପଡ଼ିବ।

### ଇଣ୍ଡିଆ କେମ୍ ୨୦୨୬: ଖଣିରୁ କେମିକାଲ୍ ଅର୍ଥନୀତି ଆଡ଼କୁ ଓଡ଼ିଶାର ବଡ଼ ପଦକ୍ଷେପ

# ଭାରତର ୧ ଟ୍ରିଲିୟନ୍ ଡଲାର୍ କେମିକାଲ୍ ସ୍ୱପ୍ନ ପୂରଣ କରିବାରେ ଓଡ଼ିଶାର ପ୍ରମୁଖ ଭୂମିକା ରହିବ

ମୁମ୍ବାଇ/ଭୁବନେଶ୍ୱର, ୨୨।୧୦(ନି.ପ୍ର): ମୁମ୍ବାଇର ବମ୍ବେ ଏକ୍ସିବିସନ୍ ସେଂଟରଠାରେ 'ଇଣ୍ଡିଆ କେମ୍ ୨୦୨୬'ର ୧୪ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ଶିଳ୍ପ ମହାକୁମ୍ଭରେ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଖଣିଭିତ୍ତିକ ଅର୍ଥନୀତିରୁ କେମିକାଲ୍ ଓ ପେଟ୍ରୋକେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର କରାଇବାର ସଂକଳ୍ପ ପ୍ରକାଶ କରିଛନ୍ତି।

୨୦୪୦ ସୁଦ୍ଧା ଭାରତର ୧ ଟ୍ରିଲିୟନ୍ ଡଲାରର କେମିକାଲ୍ ଅର୍ଥନୀତି ଲକ୍ଷ୍ୟକୁ ସାକାର କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଏବଂ ସମୃଦ୍ଧ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ଖଣିଭିତ୍ତିକ ଅର୍ଥନୀତିରୁ ଏକ କେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ରାଜ୍ୟର ଖଣିଜ ସମ୍ପଦ, ବନ୍ଦର, ଶିଳ୍ପ ଭିତ୍ତିଭୂମି ଏବଂ ନୂତନ ନିବେଶ ସୁଯୋଗଗୁଡ଼ିକୁ କାମରେ ଲଗାଇ ଏହି ରୂପାନ୍ତରଣ କରାଯିବ ବୋଲି ସେ ମତ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ପାରାଦୀପ, ଗୋପାଳପୁର ଏବଂ ଧାମରା ବନ୍ଦର ମାଧ୍ୟମରେ ଓଡ଼ିଶାର ରଣନୈତିକ ସୁବିଧାଗୁଡ଼ିକୁ ଆଲୋକପାତ କରିଥିଲେ, ଯାହାକି ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ବଜାର ସହିତ ସଂଯୋଗ ସ୍ଥାପନ କରିବାରେ ସହାୟକ ହେଉଛି। ସେ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଂଟ ରିଜନ , ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ଼ର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ଗୁରୁତ୍ୱକୁ କହି ପଲିମର, ପ୍ୟାକେଜିଂ ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ସ କ୍ଷେତ୍ରରେ ଡାଉନ୍ ଷ୍ଟ୍ରିମ୍ ସୁଯୋଗ ସୃଷ୍ଟି କରୁଛି ବୋଲି କହିଥିଲେ ।

ଗୋପାଳପୁରରେ ରେଫ୍ରିଜରେଂଟ୍ସ, ଫ୍ଲୋରୋକେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ତଥା ତାଲଚେର ଏବଂ ଲଖନପୁରରେ କୋଇଲା



ଗ୍ୟାସୀକରଣ ଭିତ୍ତିକ ପ୍ରକଳ୍ପଗୁଡ଼ିକରେ ଉତ୍ପନ୍ନ ହେଉଥିବା ନୂତନ ସୁଯୋଗଗୁଡ଼ିକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହି ବିକାଶଗୁଡ଼ିକ ଆଭ୍ୟନ୍ତରୀଣ ଉତ୍ପାଦନକୁ ଦୃଢ଼ କରିବା ଏବଂ ଭାରତର କେମିକାଲ୍ ଓ ପେଟ୍ରୋକେମିକାଲ୍ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଭୂମିକାକୁ ସମ୍ପ୍ରସାରିତ କରିବାରେ ସାହାଯ୍ୟ କରିବ ବୋଲି ସେ ମତପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ଅଢ଼େଇ ବର୍ଷରୁ କମ୍ ସମୟ ମଧ୍ୟରେ ପ୍ରାୟ ୨୦୦ଟି ଶିଳ୍ପ ପ୍ରତିଷ୍ଠାନ ସ୍ଥାପିତ ହୋଇଛି, ଯାହାକି ପ୍ରାୟ ୩.୫୨ ଲକ୍ଷ କୋଟି ଟଙ୍କାର ନିବେଶକୁ ପ୍ରତିନିଧିତ୍ୱ କରୁଛି। ରାଜ୍ୟରେ ୨୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ପ୍ରାପ୍ତ ହୋଇଛି, ଯେଉଁଥିରୁ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକକୁ ହାଇ-ଲେଭେଲ୍ କ୍ଲିୟରାନ୍ସ ଅଥରିଟି ଅନୁମୋଦନ ପ୍ରଦାନ କରିଛନ୍ତି।

ସେ ସେପ୍ଟେମ୍ବର ୨୦୨୬ରେ ୟୁଏଇ ଠାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀକୁ ମଧ୍ୟ ସ୍ମରଣ କରିଥିଲେ, ଯେଉଁଠାରେ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା; ଯେଉଁଥିରେ ଆନ୍ତର୍ଜାତିକ ହୋଲ୍ଡିଂ କମ୍ପାନୀରୁ ପ୍ରାୟ ୨.୧୦ ଲକ୍ଷ କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଅନେକ କେମିକାଲ୍ସ, ପେଟ୍ରୋକେମିକାଲ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସହିତ ଜଡ଼ିତ।

ରାଜ୍ୟର ଶିଳ୍ପ-ଅନୁକୂଳ ମନୋଭାବକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପସ୍ଥାପନ କରି ଶ୍ରୀ ମାଝୀ ଓଡ଼ିଶାର ଶିଳ୍ପ ନୀତି ସହାୟତା, ଭିତ୍ତିଭୂମି, ଦକ୍ଷ ଶ୍ରମଶକ୍ତି ଏବଂ ପ୍ରତିଷ୍ଠାନିକ ଇକୋସିଷ୍ଟମକୁ ପ୍ରଶଂସା କରିଥିଲେ। ଏଥିରେ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି ଏବଂ ସେଂଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ମାଧ୍ୟମରେ ମିଳୁଥିବା ସହଯୋଗ ମଧ୍ୟ ସାମିଲ ରହିଛି।

ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ଉପସ୍ଥିତ ଥିଲେ।

# କୋଟିଆରେ ନିର୍ବାଚନ ନେଇ ବିବାଦ

ପଟାଙ୍ଗି/କୋରାପୁଟ,୨୨।୧୦(ନି.ପ୍ର): ଆମେ ଉଭୟ ରାଜ୍ୟର ଯୋଜନା ହାତଉଛୁ। ତେଣୁ ଉଭୟ ରାଜ୍ୟର ନିର୍ବାଚନରେ ଭାଗ ନେବୁ। ଯଦି ଅଟକାଇବା ପାଇଁ ଚେଷ୍ଟା କରାଯିବ ତାହା ହେଲେ ପରିସ୍ଥିତି ଅଲଗା ହେବ। କୋଟିଆରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ପ୍ରସଙ୍ଗକୁ ନେଇ ଏମିତି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଆନ୍ଧ୍ର ନିର୍ବାଚନକୁ ଭଣ୍ଡୁର କରିବାକୁ ଓଡ଼ିଶା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଯାଉଥିବା ବେଳେ କୋଟିଆବାସୀଙ୍କ ଏଭଳି ଚେତାବନୀ ଓଡ଼ିଶା ସରକାରଙ୍କୁ ଅକଳରେ ପକାଇ ଦେଇଛି।

ସେପଟେ ଆନ୍ଧ୍ରକୁ ବିରୋଧ କରିବା ପାଇଁ କୋରାପୁଟ ଜିଲ୍ଲା ପ୍ରଶାସନର ଅଧିକାରୀମାନେ କୋଟିଆରେ ଡେରା ପକାଇବା ଆରମ୍ଭ କରିଦେଇଛନ୍ତି। କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ ବୁଧବାର କୋଟିଆରେ ରାତ୍ରିଯାପନ କରି ବିବାଦୀୟ ଗାଁଗୁଡ଼ିକ ବୁଲିଛନ୍ତି। ସୀମାନ୍ତ ନେରେଡ଼ିବାଲସା, ଉପରସେମ୍ବୀ, ତଳସେମ୍ବୀ, କୋଟିଆ, ଫଗୁଣସିନେରୀ, ଫାଟୁସିନେରୀର ଘର ଘର ବୁଲି ସରକାରୀ ଯୋଜନା ଓ ମୌଳିକ ସୁବିଧା ମିଳୁଛି କି ନାହିଁ ତାହାର ଅନୁଧ୍ୟାନ କରିଛନ୍ତି। ଉପଜିଲ୍ଲାପାଳଙ୍କ ସହ କୋଟିଆ ସ୍ୱତନ୍ତ୍ର ଅଧିକାରୀ (ଓଏସ୍‌ଡି) ସୌରଭ ଦାସ, ପଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ବିଡିଓ ରାମକୃଷ୍ଣ ନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରାଉତ, ସିଡିପିଓ ମିନତିବାଳା ପଟ୍ଟନାୟକ, କୋରାପୁଟ ଏସ୍‌ଡିପିଓ, କୋଟିଆ ଥାନା ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଟୋବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଦାଖଲ ନେଇ ସମୟ ଧାର୍ଯ୍ୟ କରିଛି ଆନ୍ଧ୍ର। ନଭେମ୍ବର ୩ରେ ମତଦାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବୁଧବାର କୋଟିଆର ୱାଇଏସ୍‌ଆର୍ ଓ ଟିଡିପି ପକ୍ଷରୁ ୨ ଜଣ ଜିଲ୍ଲା ପରିଷଦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗଞ୍ଜେଇପଦରର ୨ ଜଣ ଏମ୍‌ପିଟିସି (ସମିତିସଭ୍ୟ) ପଦବି ପାଇଁ ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ନେତା ମଧ୍ୟ କୋଟିଆରେ ଆନ୍ଧ୍ରକୁ ବିରୋଧ କରିବା ପାଇଁ ଅଣ୍ଟା ଭିଡ଼ିଲେଣି। ଫଳରେ କୋଟିଆ ରାଜନୀତି ସରଗରମ ହେବାରେ ଲାଗିଛି।

## କାରରୁ ବିସ୍ଫୋରକ ଏବଂ ନିଷିଦ୍ଧ ରାସାୟନିକ ପଦାର୍ଥ ଉଦ୍ଧାର

କୋଲକାତା,(ନି.ପ୍ର): ପଶ୍ଚିମବଙ୍ଗର ଉତ୍ତର ୨୪ ପରଗନା ଜିଲ୍ଲା ଦତ୍ତପୁକୁରରେ ଏକ କାରରୁ ବିପୁଳ ପରିମାଣର ବିସ୍ଫୋରକ ଏବଂ କିଛି ନିଷିଦ୍ଧ ରାସାୟନିକ ପଦାର୍ଥ ଉଦ୍ଧାର ହେବା ଘଟଣା ଚାଂଚଲ୍ୟ ସୃଷ୍ଟି କରିଛି। ବୁଧବାର ରାତିରେ ଏହି ଘଟଣା ପରେ, ପୋଲିସ, ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ), ଜାତୀୟ ସୁରକ୍ଷା ଗାର୍ଡ (ଏନଏସଜି) ଏବଂ ଫୋରେନସିକ୍ ଦଳ ସହିତ ମିଶି ଅଂଚଳରେ ଏକ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହି ବିସ୍ଫୋରକଗୁଡ଼ିକୁ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରରେ ବ୍ୟବହାର କରିବା ପାଇଁ ଉଦ୍ଦିଷ୍ଟ କି ନାହିଁ ତାହା ନିକଟରୁ ତଦନ୍ତ କରୁଛନ୍ତି।

# ଯମୁନା ନଦୀର ପୁନରୁଦ୍ଧାର ପାଇଁ ୮,୯୪୧ କୋଟି ଟଙ୍କାର ବିକାଶ ପ୍ରକଳ୍ପ

ନୂଆଦିଲ୍ଲୀ,,୨୨।୧୦(ନି.ପ୍ର) :କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଯମୁନା ନଦୀର ପୁନରୁଦ୍ଧାର ପାଇଁ ଦିଲ୍ଲୀ ଜଳ ବୋର୍ଡ (ଡିଜେବି)ର ୪୩ଟି ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଶ୍ୟାମ ବିହାରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହି ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ କରିଥିଲେ। ଏହି ସମସ୍ତ ପ୍ରକଳ୍ପର ମୋଟ ବ୍ୟୟ ଅଟକଳ ୮,୯୪୧ କୋଟି ଟଙ୍କା। ଏଥିରେ ୨,୮୨୭.୧୧ କୋଟି ଟଙ୍କା ବ୍ୟୟରେ ୧୦ଟି ପ୍ରକଳ୍ପର ଉଦ୍ଘାଟନ ଏବଂ ୬,୧୧୪.୧୧ କୋଟି ଟଙ୍କା ବ୍ୟୟରେ ୩୩ଟି ପ୍ରକଳ୍ପର ଶିଳାନ୍ୟାସ ସାମିଲ ରହିଛି ।ଅମିତ ଶାହ କହିଛନ୍ତି ଯେ, ଯମୁନା ନଦୀକୁ ନିର୍ମଳ କରିବା ପରେ ୨୦୨୯ରେ ସେମାନେ ଭୋଟ ମାଗିବାକୁ ଆସିବେ। କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି (ଆପ୍) ଗତ ୩୦ ବର୍ଷ ଧରି ଯମୁନା ନଦୀରେ ନର୍ଦ୍ଦମା ଜଳ ଓ ଗୋବର ଛାଡ଼ିବା କାମ କରିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଯମୁନାକୁ ପ୍ରଦୂଷଣମୁକ୍ତ କରିବା ଉଦ୍ଦେଶ୍ୟରେ ଆଜି ପ୍ରାୟ ୯,୦୦୦ କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ ଓ ଶିଳାନ୍ୟାସ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଯମୁନା ନଦୀର ସ୍ୱଚ୍ଛତା ପାଇଁ ମେରୁଦଣ୍ଡ ଭଳି କାର୍ଯ୍ୟ କରିବ ବୋଲି ସେ କହିଥିଲେ।

# ଗ୍ରାମାଂଚଳରେ ଦୁର୍ଘଟଣାପ୍ରବଣ ବ୍ଲାକସ୍ପଟ୍ ଚିହ୍ନଟ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୧୦(ନି.ପ୍ର): ସଡ଼କ ଦୁର୍ଘଟଣା ଓ ପଦଚାରୀଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ରାଜ୍ୟ ସରକାର ଏବେ ସମସ୍ତ ପ୍ରକାରର ଗ୍ରାମୀଣ ରାସ୍ତାରେ ଦୁର୍ଘଟଣାପ୍ରବଣ ବ୍ଲାକସ୍ପଟ ଚିହ୍ନଟ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଫିଲ୍ଡସ୍ତରୀୟ ଯାଂଚ ଓ ଓ ବ୍ଲାକସ୍ପଟ୍ ଚିହ୍ନଟ ପ୍ରକ୍ରିୟାକୁ ଜୋରଦାର କରିବା ଓ ଦୁର୍ଘଟଣା ଏଡ଼ାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଜର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ପକ୍ଷରୁ ସମ୍ବିଧାନର ଧାରା ୧୯ ଓ ୨୧ ଅଧୀନରେ ଫୁଟପାଥ୍ ଓ ସୁରକ୍ଷିତ ରାସ୍ତାରେ ଚାଲିବାର ଅଧିକାରକୁ ଏକ ମୌଳିକ ଅଧିକାର ଭାବେ ଅଭିହିତ କରାଯିବା ସହ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ରାସ୍ତା ଓ ଅନ୍ୟାନ୍ୟ ଗ୍ରାମୀଣ ରାସ୍ତାରେ ଥିବା ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ତୁରନ୍ତ ଠିକ୍ କରିବାକୁ କୁହାଯାଇଛି।

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଦିତି ସିଂହ ଓଡ଼ିଶା ସରକାରଙ୍କୁ ଚିଠି ଲେଖି ତୁରନ୍ତ ପରିବହନ କମିଶନର ଓ ସମ୍ପୃକ୍ତ ବିଭାଗ ସହିତ ବୈଠକ କରି ଜିଲ୍ଲାସ୍ତରୀୟ ତଥ୍ୟ ଆଧାରରେ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ଓ ଅକ୍ଟୋବର ୩୦ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ତାଗିଦ୍ ଓ କେନ୍ଦ୍ର ସରକାରଙ୍କ ଚିଠି ପରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ସବୁ ଜିଲ୍ଲା ଅଫିସକୁ ଚିଠି ଲେଖି ଆକ୍ସନଟେକେନ ରିପୋର୍ଟ ମାଗିଥିବା ଜଣାପଡ଼ିଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ , ୨୦୨୩ ମସିହାରେ ଦେଶରେ ସଡ଼କ ଦୁର୍ଘଟଣାରେ ୩୫୨୨୧ ଜଣ ପଦଚାରୀ ପ୍ରାଣ ହରାଇଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୩.୭ ପ୍ରତିଶତ ବୃଦ୍ଧି ପାଇ ୩୬୫୨୬ରେ ପହଂଚିଛି। ଉପଯୁକ୍ତ ରାସ୍ତା ଡିଜାଇନ, ରକ୍ଷଣାବେକ୍ଷଣ ଓ ଟ୍ରାଫିକ୍ ନିୟମ ପାଳନରେ ତ୍ରୁଟି ଯୋଗୁଁ ଏଭଳି ଅମୂଲ୍ୟ ଜୀବନ ଯାଉଥିବା କମିଟି ଦର୍ଶାଇଛି। ଯଦି କୌଣସି ସ୍ଥାନରେ ରାସ୍ତା ନିର୍ମାଣ ହେଉଛି, ତେବେ ସେଠାରେ ସୁରକ୍ଷିତ ଫୁଟପାଥ ଯୋଗାଇଦେବା ପ୍ରଶାସନର ସାମ୍ବିଧାନିକ ଦାୟିତ୍ୱ ବୋଲି ସ୍ପଷ୍ଟ କରାଯାଇଛି। ସଡ଼କ ଦୁର୍ଘଟଣାରେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ କମିଟିର ଅଧ୍ୟକ୍ଷ ଜଷ୍ଟିସ ଅଭୟ ମନୋହର ସାପ୍ରେଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ସୁରକ୍ଷିତ ପଦଚାରୀ ଭିତ୍ତିଭୂମି ଯୋଗାଇବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ସ୍ପଷ୍ଟ କରିଦିଆଯାଇଥିଲା।

## ତିବ୍ବତରେ ୭.୦ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ,୨୨।୧୦(ନି.ପ୍ର): ଗୁରୁବାର ତିବ୍ବତରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୦ ଥିବା ଜଣାପଡିଛି । ତେବେ କ୍ଷୟକ୍ଷତିର ଖବର ଏଯାଏ ହସ୍ତଗତ ହୋଇପାରିନାହିଁ । କିନ୍ତୁ ଏହଦ୍ୱାରା ହିମାଳୟ ପାର୍ବତୀୟ ଅଞ୍ଚଳର ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିବା ଆଶଙ୍କା ପ୍ରକାଶ ପାଇଛି । ବିଶେଷ କରି ଏହା ଏକ ବରଫାବୃତ୍ତ ଅଞ୍ଚଳ ହୋଇଥିବାରୁ ହୀମସ୍ଖଳନ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ୨୧ ତାରିଖରେ ନେପାଳ-ତିବ୍ବତ ସୀମାରେ ଏପରି ହୀମସ୍ଖଳନ ଯୋଗୁ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ଘରଦ୍ୱାର ମାଟିରେ ମିଶିଯାଇଥିଲା ।



# ପ୍ରଥମ ସାଉଁତେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର,୨୩।୧୦ :(ମନ୍ଥନ) ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ ଅନ୍ତର୍ଗତ ଅଏଁଲାସାରିଠାରେ ପ୍ରଥମ ସାଉଁତେଶ୍ୱରୀ ମହୋତ୍ସବ ଭକ୍ତିମୟ ଓ ଉତ୍ସବମୁଖର ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଙ୍କ ସହଯୋଗରେ ଆୟୋଜିତ ଏହି ମହୋତ୍ସବ ଅଞ୍ଚଳର ଧାର୍ମିକ ଆସ୍ଥା, ପରମ୍ପରା ଓ ଲୋକସଂସ୍କୃତିର ଏକ ନିଆରା ପରିଚୟ ସୃଷ୍ଟି କରିଛି। ଲାଲମୋହନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ, ଯୁବନେତା ନିହାର ରଞ୍ଜନ ବେହେରା, ବିଜେଡି ନେତା ଲକ୍ଷ୍ମଣ ମେହେର, ପୁଇଁତଳା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ଯତିନ ପଟେଲ, ସରପଞ୍ଚ ସଂଘ ସଭାପତି, ସରପଞ୍ଚ ମଦନା ବେହେରା, ସମିତି ସଭ୍ୟା ସସ୍ମିତା ସାହୁ, କବିରାଜ ଭୋଇ ଏବଂ ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।ଏହି ଅଞ୍ଚଳର ଆରାଧ୍ୟା ଦେବୀ ମା' ସାଉନ୍ତେଶ୍ୱରୀଙ୍କ ସମେତ ବୁଢ଼ାରଜା, ନରିହା ବୁଢ଼ା, ଡଙ୍ଗରବୁଢ଼ା ଏବଂ ଅଇଁଲାସାରି ର ବୁଢ଼ା ଡଙ୍ଗର ପାହାଡ଼ରେ ବିରାଜମାନ ବିଭିନ୍ନ ଦେବାଦେବୀଙ୍କ ପ୍ରତି ଅଞ୍ଚଳବାସୀଙ୍କ ଗଭୀର



ଆସ୍ଥା ଓ ବିଶ୍ୱାସ ରହିଛି। ପାରମ୍ପରିକ ବରୁଆଙ୍କ ମାଧ୍ୟମରେ ଦେବଦେବୀଙ୍କ ଆବିର୍ଭାବ ଓ ଦର୍ଶନ ପାଇଁ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନେ ନିଜର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ଦେବଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମୁଖ୍ୟ ବରୁଆ ଜୟ ମଙ୍ଗଳ ବେହେରା ଓ ରାଜେନ୍ଦ୍ର ସା ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମହୋତ୍ସବରେ ଅଞ୍ଚଳର ପାରମ୍ପରିକ ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ଗୁରୁତ୍ୱ ଦିଆଯାଇଥିଲା। ଢୋଲ ମୁହୁରୀ କଳା ପରିଷଦ ଏବଂ ଶ୍ରୀରାମ କଳା ପରିଷଦ, ଚନ୍ଦ୍ରପୁର ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହା ଉପସ୍ଥିତ ଦର୍ଶକ ଓ ଶ୍ରଦ୍ଧାଳୁଙ୍କୁ ବିମୋହିତ କରିଥିଲା। ଏହି ମହୋତ୍ସବର ସଫଳ ଆୟୋଜନରେ ବଳରାମ ଚନ୍ଦନ, ଯୁବନେତା ଉମେଶ ପଧାନ, ସୁବାଷ ଚନ୍ଦ୍ର ବିଶ୍ୱାଳ, ଗୋକୁଳ ବିଶ୍ୱାଳ, ଉକାଳୁ ସା, ସଦାନନ୍ଦ ଦୀପ, ନାରାୟଣ ବେହେରା, ଶ୍ରୀବସ୍ ସାହୁ, ବ୍ରଜଲାଲ ସାହୁ, ମାଖନଫୁଲ ଚନ୍ଦନ, ସଦାନନ୍ଦ ବେହେରା ଓ ଅର୍ଜୁନ ବେହେରାଙ୍କ ସମେତ ଅନେକ ସ୍ଥାନୀୟ ବ୍ୟକ୍ତି ସହଯୋଗ କରିଥିଲେ କ୍ଷ ପ୍ରଥମ ସାଉଁତେଶ୍ୱରୀ ମହୋତ୍ସବ ଅଞ୍ଚଳର ଧାର୍ମିକ ପରମ୍ପରା, ଲୋକକଳା ଓ ସାମାଜିକ ଏକତାକୁ ଆହୁରି ସୁଦୃଢ଼ କରିବା ସହ ଆଗାମୀ ପିଢ଼ି ପାଇଁ ଏହି ଅମୂଲ୍ୟ ଐତିହ୍ୟର ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହୋଇଛି।

# ପ୍ରସିଦ୍ଧ ଗଙ୍ଗାଦେବୀ ଙ୍କ ପୀଠ ରେ ଯାତ୍ରା ଆରମ୍ଭ

ଗଞ୍ଜାମ,୨୩।୧୦ :(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଂଚାୟତ ର ପୁରୁଣା ବନ୍ଧ ନିକଟରେ ଅବସ୍ଥିତ ପ୍ରସିଦ୍ଧ ମା ଗଙ୍ଗା ଦେବୀ ଙ୍କ ପୀଠ ରେ ପବିତ୍ର ଦଶହରା ଅବସରରେ ଯାତ୍ରା ବୁଧବାର ଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ମଙ୍ଗଳ ବାର ଦିନ ରାତ୍ର ମାଙ୍କୁ ବାଦ୍ୟବାଜଣା ବଜାଇ ଗ୍ରାମ୍ୟ ପରିକ୍ରମା କରିଥିଲେସ୍ଥାନୀୟ ବାସିନ୍ଦା । ସେହିପରି ଅନୁରୂପ ଭାବେ ପୁଇଁତୋଳା ଗ୍ରାମରେ ଖଣ୍ଡେଶ୍ୱର ମହାପ୍ରଭୁ, ଓ ବରପଲ୍ଲୀ ଗ୍ରାମରେ ପୁଡୁକେଶ୍ୱର ମହାପ୍ରଭୁ ଙ୍କୁ ଶୋଭାଯାତ୍ରା ରେ ଗ୍ରାମ୍ୟ ପରିକ୍ରମା ସହ ଦ୍ୱାର ଭୋଗ ଖାଇଥିଲେ । ବୁଧବାର ଦିନ ଭୋରୁ ମା ଗଙ୍ଗାଦେବୀ ସହ ଦୁଇ ଠାକୁର ତ୍ରିବେଣୀ ମଠ ଛକ ଠାରେ ଏକତ୍ରିତ ହୋଇଥିଲେ । ପରେ ସେଠାରୁ ସମସ୍ତେ ପୁଣ୍ୟ ତୋୟା ଋଷିକୁଲ୍ୟା ନଦୀ କୁ ସାନ୍ନ ପାଇଁ ଶୋଭାଯାତ୍ରା ରେ ଯାଇଥିଲେ । କିମ୍ବଦନ୍ତୀ ଅନୁଯାଇ ବଡ଼ ଭଉଣୀ ମା ତାରା ତାରିଣୀ ଙ୍କୁ ଋଷିକୁଲ୍ୟା କୂଳ ରେ ସାକ୍ଷାତ ହେବାପରେ ସେଠାରେ ପରମ୍ପରା ଅନୁଯାଇ ସ୍ନାନ ଠାକୁରାଣୀ, ଠାକୁର ଙ୍କୁ କରାଯାଇଥିଲା । ଶେଷରେ ପୁଣି ସମସ୍ତେ ଶୋଭାଯାତ୍ରା ରେ ଗଞ୍ଜାମ ବଜାର ପରିକ୍ରମା କରି ନିଜ ନିଜ ମନ୍ଦିର ର କୁ ଫେରିଥିଲ । ମା ଗଙ୍ଗାଦେବୀ ଫେରିବା ପରେ ଯାତ୍ରା ଆରମ୍ଭ ହୋଇଥିଲା । ଦିନରେ ସଂସ୍କୃତିକ କାର୍ଯ୍ୟକ୍ରମ ସ୍ୱରୂପ ଦୁଇଟି ଭାରତ ଲୀଳା , ସନ୍ଧ୍ୟା ରେ ଦୁଇଟି ରାମାୟଣ ନାଟକ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଯାତ୍ରା କୁ ପୁରୁଣା ବନ୍ଧ ଗ୍ରାମ ସମେତ ପାଳିବନ୍ଦ ଗ୍ରାମପଞ୍ଚାୟତ ର ସମସ୍ତ ଗ୍ରାମ ସହଯୋଗ କରୁଛନ୍ତି । ବିଭିନ୍ନ ଅଂଚଳ ରୁ ବହୁ ଲୋକମାନେ ଯାତ୍ରା ରେ ସମାଗମ ହେଉଥିବା ଜଣାପଡିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ଉତ୍ସାବ ମୁଖର ହୋଇଛି ।

# ଜିଲ୍ଲାପାଳଙ୍କ କୋଷାଗୁମୁଡ଼ା ବ୍ଲକ୍ ଗସ୍ତ

ନବରଙ୍ଗପୁର, ୨୩।୧୦ :(ମନ୍ଥନ)ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଆଜି କୋଷାଗୁମୁଡ଼ା ବ୍ଲକ୍ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବା ସହ ବିଭିନ୍ନ ଅନୁଷ୍ଠାନ ଓ ପ୍ରକଳ୍ପ ପରିଦର୍ଶନ କରି ଇଣ୍ଟେକ୍ ୱାଲ୍ ପରିଦର୍ଶନ କରିବା ସହ ବନ୍ୟା ପ୍ରଭାବିତ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ।ପରବର୍ତ୍ତୀ ସମୟରେ କୋଷାଗୁମୁଡ଼ା ବ୍ଲକ୍ କାର୍ଯ୍ୟାଳୟରେ



ସମ୍ପୃକ୍ତ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ।ଗସ୍ତ ଅବସରରେ ଜିଲ୍ଲାପାଳ ରାଜୋଡ଼ାସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର-୨, ବଡ଼ଆମ୍ବଡ଼ାସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଉପଲବ୍ଧ ସେବା ଓ କାର୍ଯ୍ୟକଳାପ ସମ୍ପର୍କରେ ସେ ଅବଗତ ହୋଇଥିଲେ।ଏହାପରେ ଜିଲ୍ଲାପାଳ ଘାଟବାସୁଲିସ୍ଥିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ଯୋଜନାର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବ୍ଲକ୍ ସ୍ତରୀୟ ଅଧିକାରୀଙ୍କ ସହ ସମୀକ୍ଷା କରିବା ସହ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ସଠିକ୍ କାର୍ଯ୍ୟାନ୍ୱୟନ, ଜନସାଧାରଣଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଏବଂ ସ୍ଥାନୀୟ ସମସ୍ୟାର ସମାଧାନ ଉପରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ପ୍ରଥମ ସାଉଁତେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

ବଳଙ୍ଗା,୨୩।୧୦ :(ମନ୍ଥନ)ରବିବାର ବିଳମ୍ବିତ ବଳଙ୍ଗା ଥାନା ଅନ୍ତର୍ଗତ ବାଲିଆ ଶାସନ ଗ୍ରାମବାସୀ ମାନେ ଜଣେ ପେଶାଦାର ସାଇକଲ ଚୋରକୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏନେଇ ଗ୍ରାମର ନରେନ୍ଦ୍ର ବରାଳ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲା ନିମାପଡା ଥାନା ଅନ୍ତର୍ଗତ ବୁଧେଇ ଗ୍ରାମର ପ୍ରଶାନ୍ତ କୁମାର ଜେନା (୩୦) ଓ ପୋଲିସ ତା ନିକଟରୁ ୨ଟି ସାଇକଲକୁ ଜବତ କରିଥିବା ନେଇ ସୂଚନା ଦେଇଛି । ନରେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମ



ଠାକୁରାଣୀଙ୍କ ଷୋଳପୂଜା ଚାଲୁଥିବାରୁ ଗ୍ରାମର କେତେକ ଯୁବକ ଠାକୁରାଣୀଙ୍କ ମଣ୍ଡପରେ ସୋଇଥିଲେ। ବିଳମ୍ବିତ ରାତିରେ ଖଡ ଖାଡ ଶବ୍ଦ ହେବାରୁ ଯୁବକ ମାନେ ଉଠିବାରେ ଅଭିଯୁକ୍ତ ଜଣକ ଠାକୁରାଣୀଙ୍କ ମଣ୍ଡପରେ ଲାଗିଥିବା ମାଇକ ମେସିନ ଓ ବଲକୁ ଖୋଲୁଥିବା ଦେଖିଥିଲେ। ଯୁବକ ମାନେ ତା ନିକଟକୁ ଯିବାରେ ସେଠାରୁ ସେ ଖସି ପଳାଇ ଥିଲା। ଯୁବକ ମାନେ ଗ୍ରାମବାସୀଙ୍କୁ ଖବର ଦେଇ ଅଭିଯୁକ୍ତକୁ ପିଛା କରି ତାକୁ କାବୁ କରିଥିଲେ । ପଚରା ଉଚରା ପରେ ଅଭିଯୁକ୍ତ ୨ଟି ସାଇକଲକୁ ଚୋରୀ କରି ମନ୍ଦିର ପଛପଟେ ରଖିଥିବା ନେଇ କହିଥିଲା। ପରେ ଗ୍ରାମବାସୀ ମାନେ ପହଁଚି ଅଭିଯୁକ୍ତକୁ ଅଟକ ରଖି ବଳଙ୍ଗା ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ ବେଳେ ଅଭିଯୁକ୍ତ ଜଣେ ପେଷାଦାର ସାଇକଲ ଚୋର ହୋଇଥିବା ଓ ତା ନାଁରେ ବିଭିନ୍ନ ଥାନାରେ ମାମଲା ରହିଥିବା ନେଇ ଜଣା ପଡିଛି।

# କଣଲୋଇ ଗ୍ରାମରେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ, ପରିବାର ଲୋକ କଲେ ହତ୍ୟା ଅଭିଯୋଗ

ଛେଣ୍ଡିପଦା,୨୩।୧୦ :(ମନ୍ଥନ) ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅନ୍ତର୍ଗତ କଣଲୋଇ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଯାହାକି ଏହି ଅଞ୍ଚଳ ରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଘର ଭିତରୁ ଜଣେ ଯୁବକଙ୍କ ମୃତଦେହ ସନ୍ଦେହ ଜନକ ପରିସ୍ଥିତିରେ ଉଦ୍ଧାର କରାଯାଇଛି ।ମୃତ ଯୁବକ ହେଲେ କଣଲୋଇ ଗ୍ରାମର ଦିଲୀପ ସେଠୀ (ବୟସ ୩୦ ବର୍ଷ) ବୋଲି ଜଣାପଡିଛି । ଘର ଭିତରୁ ଦିଲୀପଙ୍କ ମୃତଦେହ ମିଳିବା ପରେ ଘଟଣାକୁ ନେଇ ଅଞ୍ଚଳରେ ନାନା ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ଦିଲୀପଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ହେଲା, ତାହାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି । ଏହା ଏକ ସ୍ୱାଭାବିକ ମୃତ୍ୟୁ ନା ମୃତ୍ୟୁ ପଛରେ ରହିଛି ଅନ୍ୟ କିଛି କାରଣ, ତାହା ଏଯାଏଁ ସ୍ପଷ୍ଟ ହୋଇପାରିନାହିଁ । ଏପରିକି ଦିଲୀପଙ୍କ ମୃତ୍ୟୁକୁ ନେଇ ହତ୍ୟା ସନ୍ଦେହ ମଧ୍ୟ ଉଠୁଥିବା ବେଳେ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବା ଏବେ ଜରୁରୀ ହୋଇପଡ଼ିଛି । ସୂଚନା ଯୋଗ୍ୟ ଯେ କଣଲୋଇ ଗ୍ରାମରେ ମଙ୍ଗଳବାର ରାତିରେ ଦଶହରା ଉତ୍ସବ ପାଳନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଧିକାଂଶ



ପରିବାର ଲୋକେ ଦଶହରା ଉତ୍ସବ ଦେଖିବାକୁ ଯାଇଥିଲେ । ଏହି ଘଟଣା ବିଳମ୍ବିତ ରାତିରେ ଘଟିଥିବା ଅନୁମାନ କରାଯାଉଛି । ଘଟଣା ସମ୍ପର୍କରେ ଖବର ପାଇ ବାଗଡ଼ିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି । ମୃତଦେହ ଉଦ୍ଧାର ପରେ ଘଟଣାର ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି । ମୃତଦେହ କୁ ଜବତ କରିବା ସହ ବ୍ୟବଚ୍ଛେଦ ସକାଶେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଯାଇଛି । ତେବେ ଦିଲୀପଙ୍କ ମୃତ୍ୟୁ ପଛରେ କାହାର ହାତ ରହିଛି କି ନାହିଁ, ଯଦି ରହିଛି ତେବେ ଏହା ପଛର କାରଣ କ'ଣ, ସେନେଇ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ । ଅନ୍ୟପଟେ ଏହି ଘଟଣାକୁ ନେଇ ଗାଁରେ ଆଲୋଚନା ଜୋର ଧରିଥିବା ବେଳେ ସମସ୍ତଙ୍କ ନଜର ଏବେ ପୋଲିସ ତଦନ୍ତ ଉପରେ ରହିଛି । ତେବେ ଦିଲୀପଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ, ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି । ଅନ୍ୟ ପକ୍ଷରେ ଉପରୋକ୍ତ ଘଟଣାରେ ସମ୍ପୃକ୍ତ ଥିବା ନେଇ ପୋଲିସ ଜଣେ ମହିଳା ଓ ଅନ୍ୟ ଜଣେ ଯୁବକ ଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି । ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରୀ ରହିଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ।

## କଲେଜ ଛାତ୍ର ସଂସଦ ନିର୍ବାଚନରେ ଅନିୟମିତତା ପ୍ରସଙ୍ଗ

# ସିସିଟିଭି ଯାଞ୍ଚ କଲା ସ୍ୱତନ୍ତ୍ର ଟିମ

ଗଞ୍ଜାମ, ୨୩।୧୦ :(ମନ୍ଥନ)ଗଞ୍ଜାମ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନରେ ଅନିୟମିତତା ଅଭିଯୋଗ କରି ଗତ ଶନିବାର ଛତ୍ରପୁର ଉପଜିଲ୍ଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ଡ଼ଃ ଶିବାଶିଷ ବରାଳଙ୍କୁ ବିଜୁ ଜନତା ଦଳ ସମର୍ଥିତ ପାର୍ଥି ମାନେ ଲିଖିତ ଦାବୀ ପତ୍ର ପ୍ରଦାନ କରିଥିଲେ । ଦାବୀ ପତ୍ର ପ୍ରଦାନ ପରେ ଉପଜିଲ୍ଲାପାଳ ତଦନ୍ତ ଆରମ୍ଭ କରିବା ସହ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଟିମ କଲେଜରେ ପହଞ୍ଚି ସିସିଟିଭି ଯାଞ୍ଚ କରିଛନ୍ତି । ପ୍ରକାଶ ଯୋଗ୍ୟ ନିର୍ବାଚନ ଘୋଷଣା ଦିନ ଭୋଟ ଗଣତିରେ ଅନିୟମିତତା ହୋଇଥିବା ନେଇ ଦୀର୍ଘ ଦେଢ଼ ଘଣ୍ଟା ସମୟ ଧରି କଲେଜ ଗେଟ ଅବରୋଧ କରି ହୋ ହାଲା କରିବା ସହ ପ୍ରତିବାଦ କରିଥିଲେ ବିସିଜେଡି ସମର୍ଥିତ ଛାତ୍ର । ତା ପରଦିନ ମଧ୍ୟ କଲେଜ ଗେଟ ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ କରାଯାଇଥିଲା । ଯାହାକୁନେଇ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ଅତିରିକ୍ତ ଆଇଆଇସି ଶୁଭଲକ୍ଷ୍ମୀ କହଁର ପ୍ରମୁଖ କଲେଜ ଯାଇ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ନିର୍ବାଚନ ଶେଷ ହେବା ପରେ ଗଣତି ସମୟରେ ଏଜେଣ୍ଟ ମାନଙ୍କୁ କାହିଁକି ୪୦ ମିନେଟ ପର୍ଯ୍ୟନ୍ତ ବାହାରକୁ ବାହାର କରିଦିଆଯାଇଥିଲା । ସେ ସମୟରେ ବାଲାଟ ପେପରରେ ଏପଟ ସେପଟ କରିଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ବିକ୍ଷୋଭକାରୀ ବିସିଜେଡି ଛାତ୍ର ମାନେ ସେ ସମୟର ସି ସି ଟି ଭି ଫୁଟେଜ ଦେଖାଇବା ପାଇଁ ଦାବୀ କରିଥିଲେ । କଲେଜ କର୍ମଚାରୀ ମାନେ ଏକ ନିର୍ଦ୍ଦିଷ୍ଟ ଦଳ ପାର୍ଥିଙ୍କୁ ଜିତାଇବାକୁ ଛାତ୍ର ମାନଙ୍କ ସହ ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିବା ନେଇ ଭିଡିଓ ଭାଇରାଲକୁ ହୋଇଥିବା ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏନେଇ କଲେଜ ଅଧ୍ୟକ୍ଷା ଡ଼ଃ. ସ୍ମରଣିକା ହୋତା ଙ୍କ ପ୍ରତିକ୍ରିୟା ନେବାରେ ସରକାରଙ୍କ ଙ୍କ ନୀତିନିୟମ ପ୍ରକାରେ ସମସ୍ତ ନିର୍ବାଚନ ହୋଇଛି ବୋଲି ସେ ପୂର୍ବରୁ ସୂଚନା ଦେଇଛନ୍ତି ।

# ୭୫ ଜୁଆଡ଼ି ଗିରଫ, ୨ ଲକ୍ଷ ୪୬ ହଜାର ୭୨୦ ଟଙ୍କା ଜବତ

ଛତ୍ରପୁର, ୨୩।୧୦ :(ମନ୍ଥନ)ପାର୍ବଣ ଋତୁରେ ସମଗ୍ର ଜିଲ୍ଲା ଉତ୍ସବମୁଖର ହୋଇଥିବା ବେଳେ ଜୁଆ କାରବାର ଉପରେ ଗଞ୍ଜାମ ଜିଲ୍ଲା ପୋଲିସ କଡ଼ା ନଜର ରଖିଛି। ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଗତ ୨୦ ତାରିଖରେ ପ୍ରାୟ ୧୫ଟି ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୭୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଏହି ଚଢ଼ାଉରେ ମୋଟ ୨ ଲକ୍ଷ ୪୬ ହଜାର ୭୨୦ ଟଙ୍କା ଜବତ ହୋଇଥିବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବି. ସି. ସୂଚନା ଦେଇଛନ୍ତି।ସୂଚନା ଅନୁଯାୟୀ, ଭଞ୍ଜନଗର ଥାନା ପୋଲିସ ୪ଟି ପୃଥକ ଜୁଆ ଆଡ୍ଡାରେ ଚଢ଼ାଉ କରି ୩୪ ଜଣଙ୍କୁ ଗିରଫ କରିଛି। ସେହିପରି କୋଦଳା ଥାନା ପୋଲିସ ୨ଟି ଜୁଆ ଆଡ୍ଡାରେ ଚଢ଼ାଉ କରି ୧୦ ଜଣ ଏବଂ ଗାଙ୍ଗପୁର ଥାନା ପୋଲିସ ୨ଟି ଜୁଆ ଆଡ୍ଡାରେ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଛି।ଅନ୍ୟପକ୍ଷରେ, ଆସିକା ଥାନା ପୋଲିସ ଗୋଟିଏ ଜୁଆ ଆଡ୍ଡାରେ ଚଢ଼ାଉ କରି ୬ ଜଣ, ହିଞ୍ଜିଳିକାଟୁ ଥାନା ପୋଲିସ ୫ ଜଣ ଏବଂ ସୋରଡ଼ା ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଜଗନ୍ନାଥପ୍ରସାଦ ଓ ପୋଲସରା ଥାନା ପୋଲିସ ୩ ଜଣ ଲେଖାଏଁ ଜୁଆଡ଼ିଙ୍କୁ ଗିରଫ କରିଥିବା ବେଳେ ବେଲଗୁଣ୍ଠା ଓ ଗଞ୍ଜାମ ଥାନା ପୋଲିସ ଜଣେ ଲେଖାଏଁ ଜୁଆଡ଼ିଙ୍କୁ ଗିରଫ କରିଛି।ଚଢ଼ାଉ ବେଳେ ବିଭିନ୍ନ ଜୁଆ ଆଡ୍ଡାରୁ ବହୁ ତାସ୍ ପତ୍ତା ସହ ୮ଟି ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି। ଗିରଫ ଜୁଆଡ଼ିମାନଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ବେଳେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଛେଣ୍ଡିପଦା ଓ ବାଗଡିଆ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଓ ଦଶହରା ଉତ୍ସବ ପାଳିତ

ଛେଣ୍ଡିପଦା,୨୩।୧୦ :(ମନ୍ଥନ) ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଦର ମହକୁମା ଠାରେ ପଞ୍ଚ ଦିନ ବ୍ୟାପି ପବିତ୍ର ଶାରଦୀୟ ଦୁର୍ଗାପୂଜା ଓ ଦଶହରା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ସ୍ଥାନୀୟ ଦୂର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଷଷ୍ଠୀ ତିଥି ଠାରୁ ବିଜୟା ଦଶମୀ ତିଥି ପର୍ଯ୍ୟନ୍ତ ଯଥାବିଧି ଜଗତ ଜନନୀ ମା ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା କୁ ପୂଜାନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ଏଥିସହ ପୂଜା ମଣ୍ଡପ କୁ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗ ଆଲୋକ ମାଳ। ରେ ସୁସଜ୍ଜିତ କରାଯାଇଥିଲା ।ଏହି ଅବସରରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଭକ୍ତ , ଯାତ୍ରୀ ମାନଙ୍କ ଅସମ୍ଭବ ଭାବେ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ପରିପ୍ରେକ୍ଷିରେ କଳସ ଯାତ୍ରା, ନାମ ସଂକୀର୍ତ୍ତନ, ପୁରାଣ ପାଠ, ଚଣ୍ଡୀପାଠ, ହୋମ ଯଜ୍ଞ, ସାମୂହିକ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା,ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସାଙ୍ଗକୁ ଧାର୍ମିକ କାର୍ଯ୍ୟକ୍ରମ ଆଦି କରାଯାଇଥିଲା । ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ ଭଜନ ଜଣାଣ ପରିବେଷଣ କରାଯାଇଥିଲା । ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଭଜନ ସନ୍ଧ୍ୟା, ମେଲୋଡ଼ି, ଦଣ୍ଡନୃତ୍ୟ, ସାମାଜିକ ନାଟକ, ଅପେରା ଆଦି ପରିବେଷଣ କରାଯାଇଥିଲା । ସ୍ଥାନୀୟ ପୂଜା କମିଟି ସଦସ୍ୟ ମାନେ ଉତ୍ସବ ଆୟୋଜନ କରିବା ସହ ସକ୍ରୀୟ ସହଯୋଗ କରିଥିଲେ। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।ସେହିପରି ବାଗଡିଆ, କୋଶଳ।, ବାଲିପଟା,ଦୁର୍ଗାପୁର , ଟେଣ୍ଟୁଲୋଇ, ପାତ୍ରପଡା, ଜରପଡା, ପୁଟଗାଡିଆ ଆଦି



ସ୍ଥାନରେ ଏହି ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ଅନ୍ୟ ପକ୍ଷରେ ଦୁର୍ଗାପୁର ମଠ ମୁଣ୍ଡିଆ ସ୍ଥିତ ମା ଅପରାଜିତା ବନ ଦୁର୍ଗା ମନ୍ଦିର,କୋଶଳ। ମା ରାମଚଣ୍ଡୀ ମନ୍ଦିର, ସନ୍ତରାବନ୍ଧ ମା ମହିଷା ମର୍ଦ୍ଦୀନି ମନ୍ଦିର, ପାତ୍ରପଡା ସ୍ଥିତ ମା ବାଟ ବାୟାଣୀ ମନ୍ଦିର,ଛେଣ୍ଡିପଦା ମା ବନ ଦୁର୍ଗା ମନ୍ଦିର, ଦୁର୍ଗାପୁର ଟାଙ୍ଗିରି ସାହି ସ୍ଥିତ ମା ବନ ଦୁର୍ଗା ଦେବୀ ପୀଠ, ଜରପଡା ବସଷ୍ଟାଣ୍ଡ ସ୍ଥିତ ମା ଜଙ୍ଗଲେଶ୍ୱରି ମନ୍ଦିର , ଟେଣ୍ଟୁଲୋଇ କୋଡା ସାହି ଗ୍ରାମ ସ୍ଥିତ ଆରାଧ ଦେବୀ ମା କନକ ଦୁର୍ଗା ମନ୍ଦିର ଆଦି ସ୍ଥାନରେ ଥିବା ସମସ୍ତ ଦେବୀ ପୀଠ ଠାରେ ପବିତ୍ର ଶାରଦୀୟ ଦୁର୍ଗାପୂଜା ଓ ଦଶହରା ଉତ୍ସବ ଧୁମ ଧାମରେ ପାଳିତ ହୋଇଯାଇଛି ।

# ଜିଲ୍ଲାସ୍ତରୀୟ 'ଉତ୍ସାହ ଓ ମହକ-୨୦୨୬' ଅନୁଷ୍ଠିତ

ଅନୁଗୋଳ,୨୩।୧୦ :(ମନ୍ଥନ) ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଏବଂ ସେମାନଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ 'ଉତ୍ସାହ ଓ ମହକ-୨୦୨୬' କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ବ୍ଲକ ଡାଇମଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀମତୀ ମଧୁସ୍ମିତା ନାୟକ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଶ୍ରୀ ଦେବାଶିଷ ପଟ୍ଟନାୟକ ଏବଂ ସମାଜ ମଙ୍ଗଳ ସୁରକ୍ଷା ଅଧିକାରୀ ଶ୍ରୀ ରୁନୁ ପ୍ରଧାନ ଉପସ୍ଥିତ ଥିଲେ।



ଏହି ଅବସରରେ କ୍ୟାରମ୍, ଚେସ୍, ଫୁଟବଲ, ୧୦୦ ଓ ୨୦୦ ମିଟର ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, ଦଳଗତ ନୃତ୍ୟ, ଏକକ ସଙ୍ଗୀତ ଏବଂ ଟ୍ୟାଲେଣ୍ଟ ହଣ୍ଟ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର (ସାର୍ଟିଫିକେଟ) ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ଯଥା— ଉତ୍କଳ ବାଳାଶ୍ରମ , ଆଦୃତ ଶିଶୁ ସଦନ ଏବଂ ଆଠମଲ୍ଲିକ ବାଳାଶ୍ରମର ଶିଶୁମାନଙ୍କ ସହ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ସଚିନ ମାଝୀ ଓ ଶ୍ରୀ ଛଇଳ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଖଚଡଂ ଶ୍ରୀ ପ୍ରଦୀପ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ବିଭିନ୍ନ ପୂଜାପୀଠରେ ମା' ଦୁର୍ଗାଙ୍କ ଦର୍ଶନ କଲେ ସାଂସଦ

ଅନୁଗୋଳ,୨୩।୧୦ :(ମନ୍ଥନ)ପବିତ୍ର ମହାଷ୍ଟମୀ ତଥା ଦୁର୍ଗାପୂଜାର ମଙ୍ଗଳମୟ ଅବସରରେ ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ ଏବଂ ଅନୁଗୋଳ ଜିଲ୍ଲାର ବିଭିନ୍ନ ପୂଜାପୀଠ ଓ ପୂଜା ମଣ୍ଡପ ପରିଦର୍ଶନ କରି ଜଗଜ୍ଜନନୀ ମା' ଦୁର୍ଗାଙ୍କ ଦିବ୍ୟ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି ।ଶ୍ରୀ ପ୍ରଧାନ ଆଜି ପ୍ରଥମେ ଢେଙ୍କାନାଳ ଜିଲ୍ଲା ଆମ୍ବିଠି ସ୍ଥିତ ପ୍ରସିଦ୍ଧ ମା' ବନଦୁର୍ଗା ମନ୍ଦିରରେ ଉପସ୍ଥିତ ହୋଇ ଭକ୍ତିମୟ ପରିବେଶ ମଧ୍ୟରେ ମା'ଙ୍କ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ମତପ୍ରକାଶ କରି କହିଛନ୍ତି ଯେ, 'ଜଗଜ୍ଜନନୀ ମା' ଦୁର୍ଗା ହେଉଛନ୍ତି ଅଧର୍ମ ଓ ନକରାତ୍ମକତା ଉପରେ ସତ୍ୟ ଓ ଧର୍ମର ବିଜୟର ପ୍ରତୀକ। ମା' ସମସ୍ତ ଶକ୍ତି, କରୁଣା, ଆସ୍ଥା ଓ ବିଶ୍ୱାସର ନିରନ୍ତର ସ୍ରୋତ । ମା'ଙ୍କ କୃପାରୁ ହିଁ ମାନବ ସମାଜରେ ଉଦାରତା ଓ ସଦ୍ଭାବ ପ୍ରତିଷ୍ଠିତ ହୋଇଥାଏ।' ଶ୍ରୀ ପ୍ରଧାନ ଅନୁଗୋଳ ଜିଲ୍ଲାର ଜରପଡ଼ା ସ୍ଥିତ ବାର୍ଷିକ ଦୁର୍ଗାପୂଜା ଉତ୍ସବ, ବଇଣ୍ଡା ସ୍ଥିତ ମଣ୍ଡପ, ଆଠମଲ୍ଲିକର ଡେବରାପାଲି ଏବଂ ବାମୁର ସ୍ଥିତ ବିଭିନ୍ନ ପୂଜାମଣ୍ଡପରେ ଦର୍ଶନ କରିଥିଲେ ।

# ବୁଗୁଡ଼ା ଯାଦବ ସାହିରେ ଓଷାକୋଠି ପର୍ବ ପାଳନ

ବୁଗୁଡ଼ା,୨୩।୧୦ :(ମନ୍ଥନ)ସ୍ଥାନୀୟ ଯାଦବ ସାହିବାସିନ୍ଦାଙ୍କ ପକ୍ଷରୁ ସାହି କୋଠଘରେ ଓଷାକୋଠି ପର୍ବପାଳନ ପବିତ୍ର ବିଜୟାଦଶମୀ ଠାରୁ ଆରମ୍ଭ ହୋଇଯାଇଛି । ଏହି ପର୍ବ ପାଳନ ଅବସରରେ ପ୍ରଥମେ ସାହିକୋଠଘର କାନ୍ଥରେ କୋଠିଶାଳ ଚିତ୍ର ଅଙ୍କନକରାଯାଇଥିଲା



। ଏହା ପରେ ନିକଟସ୍ଥ ପୋଖରୀରୁକଳସ ଯାତ୍ରାରେ ଜଳ ଆଣି ସଙ୍କଳ୍ପ ସହମାନସିକଧାରୀମାନେ ପୂଜାର୍ଚ୍ଚନା କରିଥିଲେ। ପ୍ରତିଦିନଘଟ କଳସ ପୂଜା କରାଯିବା ଏବଂ ଝୁଣାରେ ମା'ଙ୍କୁ ପୂଜାକରାଯିବା ସହ ଘଟ କଳସ ଧରି ମା'ଙ୍କ ନିମନ୍ତେ ଗ୍ରାମପରିକ୍ରମା ବିଧି ପାଳନ କରାଯାଉଅଛି ।ଜାନି ଆଦିଗା ପାତ୍ର ଓ ବାଉରି ପାତ୍ରଙ୍କ ଦ୍ୱାରା ମା'ମଙ୍ଗଳାଙ୍କ ପୂଜାର୍ଚ୍ଚନା ଯଥା ରୀତିନୀତି ପ୍ରକାରେଅନୁଷ୍ଠିତ ହେଉଥିବା ବେଳେ ଶହ ଶହ ଶ୍ରଦ୍ଧାଳୁଙ୍କସମାବେଶ ହେଉଛି । ମା'ଙ୍କ ନିକଟରେ ପୂର୍ବାହ୍ନରେ ଅନ୍ନଭୋଗ ଓ ସନ୍ଧ୍ୟାରେ ବାଲ ଭୋଗ କରାଯାଇ ଶ୍ରଦ୍ଧାଳୁଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଉଛି । ଏହି ପର୍ବ ପାଳନଅବସରରେ ଦୈନିକ ରାତିରେ କୋଠଘର ନିକଟରେଗାହାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏହିପର୍ବ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲୁ ରହିବ ବୋଲିଅଧିକାରୀ କେ.ନବ ପାତ୍ରଙ୍କ ଠାରୁ ପ୍ରକାଶ ପାଇଛି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# କ୍ରିକେଟରେ ଓଡ଼ିଆ

ପ୍ରଜ୍ଞାନ ପ୍ରୟାଶ ଓଝାଙ୍କ ଜନ୍ମ ୧୯୮୬ ମସିହା ସେପ୍ଟେମ୍ବର ୫ ତାରିଖରେ ଓଡ଼ିଶାର ଭୁବନେଶ୍ୱରଠାରେ ହୋଇଥିଲା। ତାଙ୍କ ପିତା ମହେଶ୍ୱର ଓଝା ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମାତା ବିଦ୍ୟୁତଲତା ଓଝା ସାହିତ୍ୟରେ ସ୍ନାତକୋତର ଶିକ୍ଷାପ୍ରାପ୍ତ। ପରିବାରର ଶିକ୍ଷାଗତ ପରିବେଶ ଓ ଶୃଙ୍ଖଳା ତାଙ୍କ ଜୀବନ ଗଠନରେ ଭୂମିକା ନେଇଥିବା କୁହାଯାଇପାରେ। ପିଲାଦିନରୁ କ୍ରିକେଟ ପ୍ରତି ତାଙ୍କର ଆଗ୍ରହ ଥିଲା। ପ୍ରାୟ ଦଶ ବର୍ଷ ବୟସରେ ସେ ଭୁବନେଶ୍ୱରର ସହିଦ ସ୍ପୋର୍ଟିଂ କ୍ଲବରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ପରେ ଉନ୍ନତ ଶିକ୍ଷା ଓ କ୍ରିକେଟରରେ ଅଧିକ ସୁଯୋଗ ପାଇବା ଉଦ୍ଦେଶ୍ୟରେ ସେ ହାଇଦ୍ରାବାଦ ଯାଇଥିଲେ। ସେଠାରେ ପ୍ରଶିକ୍ଷକମାନଙ୍କ ମାର୍ଗଦର୍ଶନରେ ନିଜ ବୋଲିଂକୁ ଶାଣିତ କରିଥିଲେ। ତାଙ୍କ ଜୀବନ ଏହି ଶିକ୍ଷା ଦିଏ ଯେ ପ୍ରତିଭାର ଆରମ୍ଭ ଜନ୍ମଭୂମିରେ ହୋଇପାରେ, କିନ୍ତୁ ତାହାର ବିକାଶପାଇଁ ଅନେକ ସମୟରେ ତ୍ୟାଗ, ପରିବର୍ତନ ଓ ନିରନ୍ତର ଅଭ୍ୟାସ ଆବଶ୍ୟକ ହୁଏ। ୨୦୧୦ ମସିହା ମେ ୧୬ ତାରିଖରେ ସେ କରାବୀ ବରାଲଙ୍କୁ ବିବାହ କରିଥିଲେ। ଭାରତୀୟ ଦଳ ପାଇଁ ଖେଳିବା ସମୟରେ ସେ ନିଜର ବାମହାତୀ ସ୍ପିନ୍ ବୋଲିଂ ଦ୍ୱାରା ପରିଚିତ ହାସଲ କରିଥିଲେ। ୨୦୧୩ରେ ସଚିନ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟରେ ଦଶଟି ଉଇକେଟ୍ ନେବା ତାଙ୍କ କ୍ରିକେଟ ଜୀବନର ଏକ ସ୍ମରଣୀୟ ସଫଳତା। ଏହି ଉପଲବ୍ଧି ପରେ ମଧ୍ୟ ତାଙ୍କ ଯାତ୍ରାରେ ଆହ୍ୱାନ ଆସିଥିଲା। ବୋଲିଂ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିବା, ତାହାର ସୁଧାର ପାଇଁ ପ୍ରୟାସ କରିବା ଏବଂ ପୁନର୍ବାର ପୂର୍ବ ପ୍ରଭାବ ଫେରାଇ ଆଣିବାର ସଂଘର୍ଷ ତାଙ୍କୁ କଠିନ ଅଭିଜ୍ଞତା ଦେଇଥିଲା। ୨୦୨୦ରେ କ୍ରିକେଟରୁ ଅବସର ନେବା ପରେ ମଧ୍ୟ ସେ ଏହି ଖେଳ ସହିତ ଜଡିତ ରହିଥିଲେ। ଏବେ ଭାରତୀୟ ପୁରୁଷ ଦଳର ଚୟନ ସମିତିର ଅଧ୍ୟକ୍ଷ ଭାବେ ତାଙ୍କ ନୂଆ ଦାୟିତ୍ୱ ଏକ ନୂତନ ଅଧ୍ୟାୟ। ଜଣେ ଖେଳାଳୀ ଭାବେ ସେ ମଇଦାନରେ ନିଜ ପ୍ରତିଭା ପ୍ରମାଣ କରିଥିଲେ, ଏବେ ଜଣେ ଚୟନକର୍ତା ଭାବରେ ଯୋଗ୍ୟ ପ୍ରତିଭାଙ୍କୁ ଚିହ୍ନଟ କରିବା, ନିରପେକ୍ଷ ନିଷ୍ପତି ନେବା ଏବଂ ଭାରତୀୟ କ୍ରିକେଟର ଭବିଷ୍ୟତ ଗଢିବା ତାଙ୍କ ସମ୍ମୁଖରେ ରହିବ। ଓଡ଼ିଶା ପାଇଁ ତାଙ୍କ ସଫଳତାର ପ୍ରକୃତ ଅର୍ଥ ହେଉଛି- ଆମ ମାଟିର ପ୍ରତିଭା ଜାତୀୟ ସ୍ତରରେ ନେତୃତ୍ୱ ନେବାର ସାମର୍ଥ୍ୟ ରଖେ। ଓଡ଼ିଶାର ମାଟି କେବଳ ତ୍ୟାଗ, ତପସ୍ୟା, ସଂସ୍କୃତି, ସାହିତ୍ୟ ଓ ଆଧ୍ୟାତ୍ମିକତାର ମାଟି ନୁହେଁ, ଏହା ସଂଘର୍ଷ, ସାହସ, ପ୍ରତିଭା ଓ ସଫଳତାର ମଧ୍ୟ ଏକ ଅନନ୍ୟ ଭୂମି। ଏହି ମାଟିରୁ ଅନେକ ମହାନ ବ୍ୟକ୍ତିତ୍ୱ ଜନ୍ମ ନେଇ ଦେଶର ଗୌରବ ବୃଦ୍ଧି କରିଛନ୍ତି। କେହି ସାହିତ୍ୟରେ, କେହି କଳାରେ, କେହି ପ୍ରଶାସନରେ, ଆଉ କେହି କ୍ରୀଡାକ୍ଷେତ୍ରରେ ନିଜର ଅସାଧାରଣ ପ୍ରତିଭାର ପରିଚୟ ଦେଇଛନ୍ତି। ଆଜି ସେହି ଗର୍ବର ତାଲିକାରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଛି। ଭୁବନେଶ୍ୱରରେ ଜନ୍ମିତ ପୂର୍ବତନ ଭାରତୀୟ କ୍ରିକେଟର ପ୍ରଜ୍ଞାନ ଓଝା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡର ପୁରୁଷ ଦଳ ଚୟନ ସମିତିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ପାଇବା ଓଡ଼ିଶା ପାଇଁ ଏକ ଐତିହାସିକ ଗୌରବର ବିଷୟ। ଏହା କେବଳ ଜଣେ କ୍ରିକେଟରଙ୍କ ପଦୋନ୍ନତି ନୁହେଁ, ଏହା ଓଡ଼ିଶାର କ୍ରୀଡା ସ୍ୱପ୍ନ, ଯୁବପିଢିର ଆକାଂକ୍ଷା ଏବଂ ରାଜ୍ୟର ଅସୀମ ସମ୍ଭାବନାର ଏକ ଉଜ୍ଜ୍ୱଳ ପ୍ରତୀକ। ଅକ୍ଟୋବର ୧୯ ତାରିଖରେ ତାଙ୍କ ନାମରେ ଏହି ଗୁରୁଦାୟିତ୍ୱ ଘୋଷଣା ହେବା ପରେ ଓଡ଼ିଶାର କ୍ରୀଡାପ୍ରେମୀଙ୍କ ମନରେ ଆନନ୍ଦ, ଆତ୍ମବିଶ୍ୱାସ ଓ ଗର୍ବର ଏକ ନୂଆ ଲହରୀ ସୃଷ୍ଟି ହୋଇଛି। ଯେଉଁ ରାଜ୍ୟର ପିଲାମାନେ ଦିନେ ଭାରତୀୟ ଦଳରେ ସ୍ଥାନ ପାଇବାର ସ୍ୱପ୍ନ ଦେଖୁଥିଲେ, ସେହି ରାଜ୍ୟର ଜଣେ ସନ୍ତାନ ଆଜି ଭାରତୀୟ ଦଳ ଗଠନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅବସ୍ଥାପିତ ହେବା ନିଶ୍ଚିତ ଭାବେ ପ୍ରେରଣାଦାୟକ। ଏହି ସଫଳତାର ମୂଲ୍ୟକୁ ବୁଝିବାକୁ ହେଲେ ପ୍ରଜ୍ଞାନ ଓଝାଙ୍କ କ୍ରିକେଟ ଯାତ୍ରାକୁ ମନେ ପକାଇବାକୁ ପଡିବ। ୧୯୮୬ ମସିହା ସେପ୍ଟେମ୍ବର ୫ ତାରିଖରେ ଭୁବନେଶ୍ୱରରେ ଜନ୍ମଗ୍ରହଣ କରିଥିବା ପ୍ରଜ୍ଞାନ ନିଜର ପରିଶ୍ରମ, ଅଭ୍ୟାସ ଓ ଦୃଢ ସଂକଳ୍ପ ବଳରେ କ୍ରିକେଟର ଉଚ୍ଚତମ ସ୍ତରରେ ପହଂଚିଥିଲେ। ତାଙ୍କ ଯାତ୍ରା ଆମକୁ ଶିଖାଏ ଯେ ଜନ୍ମସ୍ଥାନ ମଣିଷର ପରିଚୟର ଆରମ୍ଭ ହୋଇପାରେ, କିନ୍ତୁ ତାହାର ଶେଷ ସୀମା ନୁହେଁ। ପ୍ରତିଭାକୁ ଯଦି ଅଧ୍ୟବସାୟର ସାଥ ମିଳେ, ତେବେ ଏକ ଛୋଟ ଆରମ୍ଭ ମଧ୍ୟ ବିଶାଳ ସଫଳତାର ଦ୍ୱାର ଖୋଲିପାରେ। ବାମହାତୀ ଧୀମା ବୋଲିଂରେ ଦକ୍ଷ ପ୍ରଜ୍ଞାନ ଭାରତୀୟ ଦଳ ପକ୍ଷରୁ ୨୪ଟି ଟେଷ୍ଟ, ୧୮ଟି ଏକଦିବସୀୟ ଅର୍ନ୍ତଜତୀୟ ମ୍ୟାଚ୍ ଓ ୬ଟି ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଟେଷ୍ଟ କ୍ରିକେଟରରେ ସେ ୧୧୩ଟି ଉଇକେଟ୍ ନେଇ ନିଜର ଦକ୍ଷତା ପ୍ରମାଣ କରିଥିଲେ। ତାଙ୍କ କ୍ୟାରିୟରର ସବୁଠାରୁ ସ୍ମରଣୀୟ ଅଧ୍ୟାୟ ମଧ୍ୟରୁ ଗୋଟିଏ ହେଉଛି ୨୦୧୩ ମସିହାରେ ମୁମ୍ବାଇରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସଚିନ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟ ମ୍ୟାଚରେ ତାଙ୍କର ଦଶଟି ଉଇକେଟ୍ ଅକ୍ତିଆର। ସେହି ମ୍ୟାଚରେ ଉଭୟ ପାଳିରେ ପାଂଚଟି ଲେଖାଏଁ ଉଇକେଟ୍ ନେଇ ସେ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ହୋଇଥିଲେ। ଏହା ଥିଲା ତାଙ୍କ ଅନ୍ତର୍ଜାତୀୟ ଟେଷ୍ଟ ଯାତ୍ରାର ଏକ ଅବିସ୍ମରଣୀୟ ନେଇ ସେ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏହା ଥିଲା ତାଙ୍କ ଅନ୍ତର୍ଜାତୀୟ ଟେଷ୍ଟ ଯାତ୍ରାର ଏକ ଅବିସ୍ମରଣୀୟ ଶିଖର। କିନ୍ତୁ ଜୀବନର ପ୍ରତ୍ୟେକ ଯାତ୍ରା ସରଳ ରେଖାରେ ଆଗକୁ ବଢେ ନାହିଁ। ବୋଲିଂ କାର୍ଯ୍ୟଶୈଳୀକୁ ନେଇ ଉଠିଥିବା ପ୍ରଶ୍ନ ତାଙ୍କ କ୍ୟାରିୟରକୁ ବାଧା ଦେଇଥିଲା। ପୁନର୍ବାର ନିଜକୁ ପ୍ରମାଣ କରିବାର ସଂଘର୍ଷ, ଜାତୀୟ ଦଳକୁ ଫେରିବାର ଆଶା ଏବଂ ଶେଷରେ ୨୦୨୦ ମସିହାରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେବାର ନିଷ୍ପତି ତାଙ୍କ ଜୀବନର ଅନ୍ୟ ଏକ ଅଧ୍ୟାୟ। ଏହି ଅଭିଜ୍ଞତା ହିଁ ଆଜି ଚୟନ ସମିତିର ଅଧ୍ୟକ୍ଷ ଭାବେ ତାଙ୍କ ପାଇଁ ମୂଲ୍ୟବାନ ପୁଞ୍ଜି ହୋଇପାରେ କାରଣ ଜଣେ ଖେଳାଳୀର ସାମର୍ଥ୍ୟ ମାପିବା କେବଳ ପରିସଂଖ୍ୟାନ ଦେଖିବା ନୁହେଁ, ତାଙ୍କ ମାନସିକ ଦୃଢତା, ଶୃଙ୍ଖଳା, ଚାପ ସମ୍ଭାଳିବାର କ୍ଷମତା, ଦଳ ପ୍ରତି ନିଷ୍ଠା ଏବଂ ବିଫଳତାକୁ ଫେରିବାର ସମାର୍ଥ୍ୟକୁ ମଧ୍ୟ ବୁଝିବା ଆବଶ୍ୟକ। ଏସବୁ ଅନୁଭବ ଜଣେ ଚୟନକର୍ତାଙ୍କୁ ଅଧିକ ସମ୍ବେଦନଶୀଳ ଓ ବିଚାରଶୀଳ କରିପାରେ। ଏହି ନୂଆ ଦାୟିତ୍ୱ ତାଙ୍କ ପାଇଁ କେବଳ ସମ୍ମାନ ନୁହେଁ, ଏକ ବଡ ପରୀକ୍ଷା ମଧ୍ୟ। ଭାରତୀୟ ପୁରୁଷ କ୍ରିକେଟ ଦଳର ଚୟନ କୌଣସି ସାଧାରଣ ପ୍ରଶାସନିକ କାର୍ଯ୍ୟ ନୁହେଁ। ଏହା କୋଟି କୋଟି କ୍ରିକେଟପ୍ରେମୀଙ୍କ ଭାବନା, ଦେଶର ଆଶା ଓ ଆନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିଷ୍ଠା ସହ ଜଡିତ। କାହାକୁ ଦଳରେ ସ୍ଥାନ ମିଳିବ, କାହାକୁ ଅପେକ୍ଷା କରିବାକୁ ପଡିବ, କେଉଁ ଯୁବ ପ୍ରତିଭାକୁ ସୁଯୋଗ ଦିଆଯିବ ଏବଂ କେଉଁ ଅଭିଜ୍ଞ ଖେଳାଳିଙ୍କ ଭବିଷ୍ୟତ ନେଇ ନିଷ୍ପତି ହେବ-ଏହି ସବୁ ପ୍ରଶ୍ନର ଉତରରେ ନିରପେକ୍ଷତା, ଦୂରଦୃଷ୍ଟି ଓ ସାହସର ଅପରିହାର୍ଯ୍ୟ। ଜନପ୍ରିୟତା ନୁହେଁ, ପ୍ରଦର୍ଶନ ହେଉ ମାନଦଣ୍ଡ, ଆଂଚଳିକ ପରିଚୟ ନୁହେଁ, ପ୍ରତିଭା ହେଉ ପ୍ରାଥମିକତା, ବାହ୍ୟ ଚାପ ନୁହେଁ, ଦଳର ଦୀର୍ଘମିଆଦି ସ୍ୱାର୍ଥ ହେଉ ନିଷ୍ପତିର ଆଧାର। ପ୍ରଜ୍ଞାନଙ୍କ ନେତୃତ୍ୱରେ ଏହି ମୂଲ୍ୟବୋଧ ଅଧିକ ସୁଦୃଢ ହେଉ ବୋଲି ଦେଶ ଆଶା କରିବ। ତାଙ୍କ ଅଧ୍ୟକ୍ଷତାରେ ଭାରତୀୟ କ୍ରିକେଟର ଭବିଷ୍ୟତ ପାଇଁ ଯୋଗ୍ୟ ଖେଳାଳି ଚିହ୍ନଟ, ନୂଆ ପ୍ରତିଭାଙ୍କୁ ସୁଯୋଗ, ଖେଳାଳିଙ୍କ ନିରନ୍ତର ପ୍ରଦର୍ଶନର ମୂଲ୍ୟାୟନ ଏବଂ ଆଗାମୀ ପିଢିର ଦଳ ଗଠନ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏହି ସଫଳତା ଓଡ଼ିଶାର ଯୁବପିଢି ପାଇଁ ମଧ୍ୟ ଏକ ବଡ ବାର୍ତା ବହନ କରୁଛି। ଆମ ରାଜ୍ୟରେ ଅନେକ ପ୍ରତିଭାବାନ୍ ଖେଳାଳି ଅଛନ୍ତି, ଯେଉଁମାନେ ଯଥୋଚିତ ପ୍ରଶିକ୍ଷଣ, ଉପଯୁକ୍ତ ସୁବିଧା, ନିରନ୍ତର ଅଭ୍ୟାସ ଓ ସଠିକ୍ ଦିଗଦର୍ଶନ ପାଇଲେ ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିବେ। ପ୍ରଜ୍ଞାନଙ୍କ ଉଦାହରଣ ସେମାନଙ୍କୁ କହୁଛି – ସ୍ୱପ୍ନ ଦେଖିବାରେ ସଙ୍କୋଚ କରନାହିଁ, ବିଫଳତାକୁ ଭୟ କରନାହିଁ ଏବଂ ପରିଶ୍ରମର ପଥରୁ ଦୂରେଇ ଯାଅନାହିଁ। ଜଣେ ଖେଳାଳୀର ଯାତ୍ରା କେବଳ ନିଜ ପାଇଁ ନୁହେଁ, ତାଙ୍କ ସଫଳତା ଅନେକ ଅନାମଧେୟ ପ୍ରତିଭାଙ୍କ ମନରେ ଆଶାର ଦୀପ ଜଳାଇପାରେ। ଏଠାରେ ରାଜ୍ୟର କ୍ରୀଡା ସଂଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟ, ପ୍ରଶିକ୍ଷକ ଓ ଅଭିଭାବକଙ୍କର ମଧ୍ୟ ବଡ଼ ଦାୟିତ୍ୱ ରହିଛି। ଖେଳକୁ କେବଳ ମନୋରଂଜନ ଭାବେ ନଦେଖି ଶୃଙ୍ଖଳିତ ଜୀବନ, ସୁସ୍ଥ ସମାଜ ଓ ରୋଜଗାରର ଏକ ସମ୍ଭାବନାମୟ କ୍ଷେତ୍ର ଭାବେ ଗ୍ରହଣ କରିବାର ସମୟ ଆସିଛି। କ୍ରିକେଟରେ ଓଡ଼ିଶାର ଅବଦାନକୁ ମଧ୍ୟ ଏହି ପରିପ୍ରେକ୍ଷୀରେ ମନେ ପକାଇବା ଉଚିତ। ଶିବସୁନ୍ଦର ଦାସଙ୍କ ପରି ଖେଳାଳି ଭାରତୀୟ କ୍ରିକେଟରେ ନିଜର ଛାପ ଛାଡିଛନ୍ତି। ଏବେ ପ୍ରଜ୍ଞାନ ଓଝାଙ୍କ ଏହି ଉଚ୍ଚ ପଦବୀ ରାଜ୍ୟର କ୍ରିକେଟ ସ୍ୱପ୍ନକୁ ଆଉ ଏକ ନୂଆ ଆଲୋକ ଦେଇଛି।

# ଶିଶୁ ମଙ୍ଗଳ ଓଡ଼ିଶା ଗଠନର ସଂକଳ୍ପ

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ପ୍ରତିଟି ଶିଶୁ ହେଉଛନ୍ତି ଆଗାମୀ ସମାଜ, ସମ୍ଭାବନା ଏ ଦେଶର ଗର୍ବ, ଗୌରବ ଓ ସମ୍ପତ୍ତି। ଆମେ ଚାହୁଁଥିବା ଏକ ସୁନ୍ଦର ସମାଜ ଭିତରେ ସେମାନଙ୍କ ପରିକଳ୍ପନା ଅତ୍ୟନ୍ତ ଅପରିହାର୍ଯ୍ୟ। ବର୍ତ୍ତମାନର ସମୟକୁ ଦେଖିଲେ ପ୍ରଗତିରେ ଓଡ଼ିଶା ଅଭିବୃଦ୍ଧି ସମ୍ପନ୍ନ। ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ପ୍ରଚେଷ୍ଟା ପାଇଁ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଶିଳ୍ପ, ବିକାଶ, କୃଷି ଉତ୍ପାଦନ, କ୍ରୀଡ଼ାର ପ୍ରୋତ୍ସାହନ, ପର୍ଯ୍ୟଟନ, ସାଂସ୍କୃତିକ ପରିଦୃଶ୍ୟର ବିସ୍ତାର ଇତ୍ୟାଦି ଅନେକ କ୍ଷେତ୍ରରେ ସୁଦୂରପ୍ରସାରୀ ହୋଇପାରିଛି। ତଥାପି ଏହି ବିକାଶ କେତେ ଦୂର ଶିଶୁ ଅନୁକୂଳ ବା ଶିଶୁକୈନ୍ଦ୍ରିକ ହୋଇପାରିଛି ? ଏହା ହେଉଛି ଆଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରଶ୍ନ, ଯାହା ଆମେ ବିବେକକୁ ପଚାରିବା ଉଚିତ।

ଏକ ବିକଶିତ ରାଷ୍ଟ୍ରର ସ୍ୱପ୍ନକୁ ସାକାର କରିବା ପାଇଁ ଶିଶୁ ଓ କିଶୋର ମାନଙ୍କ ବିକାଶ ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶିଶୁମାନଙ୍କ ଅଧିକାରକୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ନିହାତି ଆବଶ୍ୟକ। ଏକ ପ୍ରଗତିଶୀଳ ସମାଜ ବିଷୟରେ ଚିନ୍ତା କରିବାର ଏହା ଏକ ମାଧ୍ୟମ ସୃଷ୍ଟି କରେ। ଆମେ ଆମ ପିଲାମାନଙ୍କ ଉପରେ ଯେତେ ଅଧିକ ନିବେଶ କରିବା ଏକ ପ୍ରଗତିଶୀଳ ସମାଜ ଆଡ଼କୁ ସେତିକି ଆଗକୁ ବଢ଼ିପାରିବା। ଭାରତ ଶିଶୁ ଅଧିକାର ଉପରେ ଜାତିସଂଘର ଚୁକ୍ତିନାମାର ଏକ ସ୍ୱାକ୍ଷରକାରୀ ରାଷ୍ଟ୍ର। ଆମେ ଶିଶୁଙ୍କ ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଏବଂ ସହଭାଗିତାର ଅଧିକାର ପାଇଁ ଅଙ୍ଗୀକାରବଦ୍ଧ। ଏହା ଶିଶୁ ମାନଙ୍କ ବିରୋଧରେ ହିଂସା, ଶୋଷଣ, ଅବହେଳା ଓ ଭେଦଭାବରୁ ରକ୍ଷା ପାଇବାକୁ ରାଷ୍ଟ୍ର ଗୁଡ଼ିକୁ ଦାୟିତ୍ୱବାନ କରେ ଏବଂ ଶିଶୁଙ୍କର ସର୍ବୋତ୍ତମ ହିତକୁ ସମସ୍ତ ନୀତି ଓ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ରଖିବାକୁ ଗୁରୁତ୍ୱ ଦିଏ।

ଭାରତୀୟ ସମ୍ବିଧାନରେ ଶିଶୁଙ୍କ ଅଧିକାରର ସୁରକ୍ଷା ଓ ବିକାଶ ପାଇଁ ସ୍ପଷ୍ଟ ବ୍ୟବସ୍ଥା ରହିଛି। ସମ୍ବିଧାନର ଧାରା ୧୪ ଶିଶୁ ମାନଙ୍କୁ ସମାନତାର ଅଧିକାର ଦେଇଥାଏ, ଯେଉଁଥିରେ ଧାରା ୧୫(୩) ରାଜ୍ୟକୁ ଶିଶୁ ଓ ମହିଳାଙ୍କ ପାଇଁ ବିଶେଷ ବ୍ୟବସ୍ଥା କରିବାର ସଶକ୍ତ କରେ। ଧାରା ୨୧-ଏ ଅନୁସାରେ ୬-୧୪ ବୟସର ସମସ୍ତ ଶିଶୁଙ୍କୁ ନିଃଶୁଳ୍କ ଓ ଅନିବାର୍ଯ୍ୟ ଶିକ୍ଷା ଦେବା ରାଜ୍ୟର କର୍ତ୍ତବ୍ୟ। ଧାରା ୨୪ ଶିଶୁ ଶ୍ରମକୁ ନିଷେଧ କରିଥାଏ ଏବଂ ରାଜ୍ୟ ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତର ଧାରା ୩୯ (ଏଫ) ଶିଶୁଙ୍କ ସ୍ୱାସ୍ଥ୍ୟ ବିକାଶ, ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନକୁ ସୁନିଶ୍ଚିତ କରିବାକୁ ରାଜ୍ୟକୁ ପଥପ୍ରଦର୍ଶନ କରେ। ଭାରତର ଜାତୀୟ ଶିଶୁ ନୀତି ୨୦୧୩ ଶିଶୁ ମାନଙ୍କୁ ଦେଶର ସର୍ବୋଚ୍ଚ ପ୍ରାଥମିକତା ଭାବେ ସ୍ୱୀକାର କରି ତାଙ୍କର ଜୀବନ, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ସୁରକ୍ଷା ଓ ଅଂଶଗ୍ରହଣ ଅଧିକାର ସୁନିଶ୍ଚିତ କରିବାକୁ ରାଜ୍ୟର ଦାୟିତ୍ୱ ନିର୍ଦ୍ଧାରଣ କରେ। ଏହି ନୀତି ଶିଶୁ ଓ କିଶୋର ମାନଙ୍କ ସହ ଜଡ଼ିତ ଆମର ସମସ୍ତ କାର୍ଯ୍ୟକ୍ରମ ଓ ନୀତି ସହିତ ସମନ୍ୱୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଏ। ଦୁର୍ଭାଗ୍ୟବଶତଃ ଶିଶୁ ମାନଙ୍କ ଅଧିକାରକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା ପାଇଁ ଏହି ଆଇନ ଓ ନୀତିକୁ ପ୍ରକୃତ ଅର୍ଥରେ କାର୍ଯ୍ୟକାରୀ କରିବାରେ ବହୁତ ବ୍ୟବଧାନ ଦେଖାଯାଉଛି।

ଓଡ଼ିଶାରେ ସମ୍ବଳ ଓ ପ୍ରତିଭା ଦୃଷ୍ଟିରୁ ଆମ ପାଖରେ ପ୍ରଚୁର ସୁଯୋଗ ଅଛି। ସେହି ସମୟରେ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ଆମ ପାଖରେ ଅନେକ ଆହ୍ୱାନ ଓ ପ୍ରତିବନ୍ଧକ ରହିଛି। ଓଡ଼ିଶାରେ ଜୀବିକା ସନ୍ଧାନ ପାଇଁ ଆର୍ଥିକ ସ୍ତରରେ ଦୁର୍ବଳ ପରିବାରଙ୍କ ଅନ୍ୟ ରାଜ୍ୟକୁ ପଳାୟନ ଏକ ବଡ଼ ସମସ୍ୟା। ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଯେପରି କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, ମାଲକାନାଗିରି ସମେତ ଅନ୍ୟାନ୍ୟ ଜିଲ୍ଲାର ବହୁତ ପରିବାର ଜୀବନ ଜୀବିକା ପାଇଁ ପ୍ରତିବର୍ଷ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ଗୁଜୁରାଟ ଆଦି ରାଜ୍ୟକୁ ଯାଉଛନ୍ତି। ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳରେ ଅନେକ ପରିବାର ବନ୍ୟାବାତ୍ୟା ବିପର୍ଯ୍ୟୟଜନିତ ସଙ୍କଟର ସାମ୍ନା କରିବାକୁ ପଡୁଛି। ଏହା ସହିତ ଜଳବାୟୁ ପରିବର୍ତ୍ତନ ଜନିତ ଆହ୍ୱାନ, ଗ୍ରୀଷ୍ମପ୍ରବାହ, ଅନିଶ୍ଚିତ କୃଷି ଆଦି ସମସ୍ୟା ଆର୍ଥିକ ଭାବରେ ଦୁର୍ବଳ ପରିବାର ଗୁଡ଼ିକର ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। ଏପରି ପରିସ୍ଥିତି ନିୟମିତ ଟିକାକରଣ, ଅଙ୍ଗନୱାଡ଼ି ସେବା, ଶିକ୍ଷାକୁ ଗମ୍ଭୀର ଭାବରେ ପ୍ରଭାବିତ କରିବା ସହିତ ସେମାନଙ୍କୁ ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ଫାଶରେ ପକାଇଥାଏ।

ଶିଶୁ ପୁଷ୍ଟିହୀନତା ଓଡ଼ିଶା ପାଇଁ ଆଉ ଏକ ଗମ୍ଭୀର ଆହ୍ୱାନ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ର ତଥ୍ୟ ଅନୁସାରେ ରାଜ୍ୟରେ ପାଞ୍ଚ ବର୍ଷ ତଳେ ଶିଶୁମାନଙ୍କ ମଧ୍ୟରେ ଷ୍ଟଣ୍ଟିଂ (ବୟସ ଅନୁସାରେ କମ ଉଚ୍ଚତା), ୱାଷ୍ଟିଂ (ଉଚ୍ଚତା ତୁଳନାରେ ଓଜନ ଅତ୍ୟଧିକ କମ ହୋଇଟିବା) ଓ ଆନିମିଆ ରକ୍ତହୀନତା ଏ ପର୍ଯ୍ୟନ୍ତ ଚିନ୍ତାଜନକ ସ୍ତରରେ ଅଛି। ଏହା କେବଳ ପୁଷ୍ଟିକର ଖାଦ୍ୟର ଅଭାବ ନୁହେଁ ବରଂ ଦାରିଦ୍ର୍ୟ, ସ୍ୱଚ୍ଛ ପାନୀୟ ଜଳର ଅଭାବ, ମାତୃ ସ୍ୱାସ୍ଥ୍ୟ ଓ ସଚେତନତାର ଅଭାବର ସଂଯୁକ୍ତ ପରିଣାମ। କୁପୋଷିତ ଶିଶୁ ଶିକ୍ଷାରେ ପଛରେ ପଡ଼େ, ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଓ ଦୀର୍ଘକାଳୀନ ଦାରିଦ୍ର୍ୟଚକ୍ରରେ ଫସିଯାଏ, ଯାହା ରାଜ୍ୟର ମାନବ ସମ୍ପଦକୁ ଦୁର୍ବଳ କରେ।ପିଲାମାନଙ୍କ ଏପରି ସମସ୍ୟାର ଦାୟିତ୍ୱ କେବଳ ସରକାର ବା ପ୍ରଶାସନର ନୁହେଁ। ଏ ଦାୟିତ୍ୱ ଆମ ସମସ୍ତଙ୍କର। ସମାଜରେ ଶିଶୁ ମାନଙ୍କର ନୈତିକ, ବୌଦ୍ଧିକ ଓ ସ୍ୱାସ୍ଥ୍ୟଗତ କ୍ଷେତ୍ରର ବିକାଶ ପାଇଁ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି। ସବୁଠାରୁ ବଡ଼କଥା ହେଉଛି ପିଲାଟିଏ ହେଲେ ମଧ୍ୟ ସେମାନଙ୍କ ପାଖରେ ଟିକିଏ ସମୟ କାଟିବା, ସେମାନଙ୍କୁ ଭଲ ପାଇବା, ସେମାନଙ୍କ ମତାମତକୁ ଗ୍ରହଣ କରିବା ଯାହାଦ୍ୱାରା ସେମାନଙ୍କର ସ୍ୱପ୍ନ ଓ ଆଶା ସଫଳ ହୋଇପାରିବ। ଆମକୁ ପିଲାମାନଙ୍କ କଥା ଶୁଣିବା, ସେମାନଙ୍କ ମତାମତକୁ ସମ୍ମାନ ଦେବା, ଆମର ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସେମାନଙ୍କ ସ୍ୱପ୍ନ ଓ ଆଶାକୁ ପ୍ରାଥମିକତା ଦେବା। ସମାଜ ସ୍ତରରେ ଆମକୁ ଶିଶୁ ମାନଙ୍କ ଅଧିକାରର ସୁରକ୍ଷା ପାଇଁ ସମ୍ପ୍ରଦାୟଭିତ୍ତିକ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ ଏବଂ ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସାମୂହିକ ପଦକ୍ଷେପ ନେବାକୁ ପଡ଼ିବ। ସେହିପରି ଢ଼ାଞ୍ଚାଗତ ବ୍ୟବସ୍ଥାରେ ସୁଧାର ଆଣିବାକୁ ପଡ଼ିବ। ସରକାରୀ ବ୍ୟବସ୍ଥାରେ ଉନ୍ନତମାନର ସୁବିଧା ଓ ସେବାକୁ ସୁନିଶ୍ଚିତ କରିବାକୁ ହେବ। ବିଭିନ୍ନ ସରକାରୀ ନୀତି, ଯୋଜନା ଓ କାର୍ଯ୍ୟକ୍ରମ ଯେପରିକି ପ୍ରଧାନମନ୍ତ୍ରୀ ପୋଷଣ ୨.୦, ଜାତୀୟ ଶିକ୍ଷା ନୀତି, ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ, ମିଶନ ବାତ୍ସଲ୍ୟ, ସମଗ୍ର ଶିକ୍ଷା ଅଭିଯାନ, ଆଦିର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି।

ଶିଶୁମାନଙ୍କର ସାର୍ବଜନୀନ ମଙ୍ଗଳକଳ୍ପେ ବା ଶିଶୁ ହିତୈଷୀ ଓଡ଼ିଶା ଗଢ଼ିବାରେ ଗ୍ରାମ ପଞ୍ଚାୟତର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ୭୩ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ସ୍ଥାନୀୟ ସ୍ୱଶାସନ ସଂସ୍ଥା ଭାବେ ଗ୍ରାମ ପଞ୍ଚାୟତକୁ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ପାନୀୟଜଳ ଓ ସାମାଜିକ ସୁରକ୍ଷା ଭଳି ବିଷୟରେ ଯୋଜନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ହେଉଛି ମୁଖ୍ୟ ଦାୟିତ୍ୱ। ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ ବିକାଶ ଯୋଜନାକୁ ଲୋକକୈନ୍ଦ୍ରିକ ଓ ବିକେନ୍ଦ୍ରୀକରଣ ଶାସନର ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟ ଭାବେ ଗୁରୁତ୍ୱ ଦେଇ ଆସୁଛନ୍ତି। ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଯଦି ସତରେ ଶିଶୁ କୈନ୍ଦ୍ରିକ ହେବାକୁ ହୁଏ, ତେବେ ଏହାର ମୂଳ ଅଂଶରେ ଶିଶୁ ସୁରକ୍ଷା, ସୁପୋଷଣ, ଶିକ୍ଷା ଓ ସହଭାଗିତାକୁ ଅନିବାର୍ଯ୍ୟ ଭାବେ ସ୍ଥାନ ମିଳିବା ଆବଶ୍ୟକ। ଗ୍ରାମ ପଞ୍ଚାୟତ ହେଉଛି ଶାସନ ବ୍ୟବସ୍ଥାର ତୃଣମୂଳ ଯୋଜନା। ଯେଉଁଠି ଅଙ୍ଗନବାଡ଼ି ସହିତ ବିଦ୍ୟାଳୟର ସୁଦୃଢ଼ୀକରଣ ହୋଇଥାଏ, ପିଲାମାନେ ସୁରକ୍ଷିତ ପାନୀୟ ଜଳର ସଂରକ୍ଷଣ ଓ ବ୍ୟବହାର ସହିତ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିରେ ନିଜକୁ ପ୍ରସ୍ତୁତ କରିଥାନ୍ତି। ଆମ ଓଡ଼ିଶାରେ ଶିଶୁମାନଙ୍କର ସାର୍ବଜନୀନ ଉନ୍ନତି ବା ମଙ୍ଗଳ ନିମିତ୍ତ ସରକାରଙ୍କ ମହିଳା ଓ ଶିଶୁ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତରାଜ, ଶିକ୍ଷା, ଗ୍ରାମୀଣ ଉନ୍ନୟନ, ସମାଜ କଲ୍ୟାଣ ସବୁ ବିଭାଗ ଅନେକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ବିଭାଗ ଭିତରେ ସମନ୍ୱୟ ରହିପାରିଲେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା ଓ ସାମାଜିକ ସୁରକ୍ଷା ଭଳି ସେବାଗୁଡ଼ିକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବ। ସମସ୍ତଙ୍କ ଭିତରେ ପ୍ରତିଟି ଶିଶୁର ଉନ୍ନତ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ସୁରକ୍ଷା ଓ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରାଥମିକତାର ଦାୟିତ୍ୱ ନିର୍ବାହ ଭିତରେ ଏକ ବିକଶିତ ଓ ସମୃଦ୍ଧ ଶିଶୁ ଉନ୍ନତିକଳ୍ପେ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

# ଥମୁନି ଜ୍ଞାନେଶ ବିବାଦ

**ଗୋପାଳ ମହାପାତ୍ର**

ସାରା ବିଶ୍ୱରେ ପ୍ରତିଷ୍ଠା ଲାଭ କରିଥିବା ଭାରତୀୟ ନିର୍ବାଚନ କମିଶନ ଙ୍କ କାର୍ଯ୍ୟ ପ୍ରଣାଳି କୁ ନେଇ ଏବେ ଦେଶରେ ଅନେକ ପ୍ରଶ୍ନ ଉଠୁଛି ଓ ନିର୍ବାଚନ କମିଶନ ଙ୍କୁ ନେଇ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରେ ଲାଗିଛି। କମିଶନଙ୍କ କାର୍ଯ୍ୟ କୁ ନେଇ ବାହାରୁ ତ ପ୍ରଶ୍ନ ଉଠୁଛି କିନ୍ତୁ ଭିତରୁ ଉଠୁଥିବା ପ୍ରଶ୍ନ ର ଉ ର ନଦେଇ ମୁଖ୍ୟ ନିର୍ବାଚନ କମିଶନର ଏବେ କାଠ ଗଡ଼ାରେ ଠିଆ ହୋଇଛନ୍ତି। ନିର୍ବାଚନ କମିଶନ ଙ୍କୁ ଭେଟିବା ପାଇଁ ସଂସଦ ରୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା (ମାର୍ଚ୍ଚ) ରେ ଯାଇଥିବା ବିରୋଧି (ଇଣ୍ଡିଆ) ମେ□ର ଶତାଧିକ ସଂସଦ ଙ୍କୁ ଭେଟିବାର ସୁଯୋଗ ନ ଦେବାରୁ ବିବାଦ ଘନେଇବା ସହ ଦିଲ୍ଲୀ-ମୁମ୍ବାଇ ସମେତ ଅନେକ ସହରରେ ପ୍ରଦର୍ଶନ ଜାରି ରହିଛି। ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଆକାଶବାଣୀ ଭବନ ପରିସର ରେ ୮ ଘ□। ଧାରଣାରେ ବସିବା, ତା ପରଦିନ ଜନ୍ତର ମନ୍ତର ଠାରେ ଧାରଣାରେ ବସିବାର ଉଦ୍ୟମ ଏବଂ ଅକ୍ଟୋବର ୧୨ ତାରିଖ ଦିନ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଲୋକଙ୍କ ମାର୍ଚ୍ଚ (ଶୋଭାଯାତ୍ରା) ଭାରତୀୟ ଗଣତନ୍ତ୍ରର ଛବିକୁ ମଳିନ କରିଦେଇଛି। ଅକ୍ଟୋବର ୨ ତାରିଖରେ ମୁମ୍ବାଇ,୮ ତାରିଖରେ ବେଙ୍ଗାଲୁର ରେ ପ୍ରଦର୍ଶନ ପରେ ଅକ୍ଟୋବର ୧୦ ରେ ଦିଲ୍ଲୀରେ ପ୍ରଦର୍ଶନ ପାଇଁ ଯାଉଥିବା କକରୋଚ ଜନତା ପାର୍ଟିର ନେତା ଅଭିଜିତ ଦିପକେ, ସୌରଭଦାସ ଏବଂ ଆଶୁତୋଶ ରାଙ୍କାଙ୍କୁ ବିମାନ ମଧ୍ୟରୁ ହାଜତ କୁ ନିଆଯିବା, ଚର୍ଚ୍ଚିତ ୟୁଟ୍ୟୁବର ଧ୍ରୁବ ରାଠିଙ୍କୁ ଗୁରୁଗ୍ରାମ ସ୍ଥିତ ତାଙ୍କ ଫ୍ଲାଟ(ଘର)ରୁ ଉଠାଇ ନିଆଯିବା ଏପରିକି ପୁର୍ବତନ ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଅନେକ ସଂସଦ ଙ୍କୁ ହାଜତ ଙ୍କୁ ନିଆଯିବା ଘଟଣା ସମ୍ବିଧାନ ସମ୍ମତ ଶାସନ ବ୍ୟବସ୍ଥା କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅକ୍ଟୋବର ୯ ତାରିଖ ରାତି ୯ଟା ପରଠାରୁ ଅନେକ ମେଟ୍ରୋ ଷ୍ଟେସନକୁ ବନ୍ଦ କରିବା ଓ ଦିଲ୍ଲୀ ଆସୁଥିବା ଅନେକ ଟ୍ରେନ କୁ ସରକାର ରଦ୍ଦ କରିବା କାରଣରୁ ମାନ୍ୟବର ସୁପ୍ରିମ୍ କୋର୍ଟ ଅଦାଲତ ଅବମାନନ୍ୟ ନୋଟିସ ଜାରି କରିଥିଲେ ମଧ୍ୟ ଦିଲ୍ଲୀ ସହର ପୋଲିସର ଛାଉଣୀରେ ପରିଣତ ହୋଇଥିଲା। ଏପରିକି ଦିଲ୍ଲୀ ପୋଲିସର ମାନସିକତାରେ ପରିବ□ନ ହୋଇନଥିଲା। ଶାନ୍ତିପୁର୍ଣ୍ଣ ଆନ୍ଦୋଳନକାରୀ , ସାମ୍ବାଦିକ ଏବଂ ଓକିଲ ମାନଙ୍କୁ ଦିଲ୍ଲୀ ପୋଲସ ହାଜତ କୁ ପଠାଇଦେଇଥିଲା। ପ୍ରାଧନ ବିଚାରପତି ଙ୍କ ନିର୍ଦ୍ଦେଶ ପରେ ଓକିଲ ମାନଙ୍କୁ ତୁରନ୍ତ ଛାଡ଼ି ଦିଆ ଯାଇଥିଲା। ସରକାର ପ୍ରଦର୍ଶନ ସ୍ଥଳର ପରିବର୍ନ ପାଇଁ ମଧ୍ୟ ଅଧିସୂଚନା ଜାରି କରିଥିଲେ। ଆଇନ୍ ଶୃଂଖଳା ପରିସ୍ଥିତି ନାମରେ ଆନ୍ଦୋଳନକାରୀ ଙ୍କ ସହ ସରକାର ଯେ ଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ତାହା ଅବ୍ୟବସ୍ଥା ବଢ଼ାଇଦେଇଛି, କିନ୍ତୁ




ସନ୍ଦେହ ଏବଂ ପ୍ରଶ୍ନ ଘେରରେ ଥିବା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶା କୁମାର ଏଯାବତ୍ ମୌନ ରହିଛନ୍ତି। ମୌନ ରହିଲେ ପ୍ରଶ୍ନର ଉ□ର ମିଳେନାହିଁ। କ୍ରମାଗତ ଭାବେ ନିର୍ବାଚନରେ ପରାଜୟ ଲାଭ କରୁଥିବା ବିରୋଧି ତଥାକଥିତ "ଭୋଟଚୋରୀ" ପ୍ରସଙ୍ଗକୁ ନେଇ ଏବେ ଏକଜୁଟ ଏବଂ ଆକ୍ରାମକ ହେବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ଜ୍ଞାନେଶ କୁମାର ଙ୍କୁ ବଂଚାଇବା ପାଇଁ ବିଜେପି ମଧ୍ୟ ଅଧିକ ଆକ୍ରାମଣ ହେଉଛି। ଏହି କାରଣରୁ ବିଜେପି ଏବଂ ଜ୍ଞାନେଶ କୁମାର ଙ୍କ ସମ୍ପର୍କ କୁ ନେଇ ସାଧାରଣ ରେ ସନ୍ଦେହ ସୃଷ୍ଟି ହେଉଛି। ସାମାଜିକ ଗଣ ମାଧମରେ ଦିଲ୍ଲୀ ପୋଲିସର ମାତ୍ରାଧିକ କାର୍ଯ୍ୟ ବହୁଳ ଭାବରେ ପ୍ରସାରିତ ହୋଇଛି। ଘଟଣା ସ୍ଥଳରେ ଶାସକ ଦଳ ଙ୍କ କିଛି ସମର୍ଥକ ଙ୍କ ଗୁଣ୍ଡାମୀ ମଧ୍ୟ ଜଣାପଡ଼ିଛି। ପେପର ଲିକ ମାମଲାରେ କକରୋଚ ଜନତା ପାର୍ଟିର ପ୍ରଦର୍ଶନ ବେଳେ ମଧ୍ୟ କିଛି ଅସାମାଜିକ ତତ୍ୱ ଆନ୍ଦୋଳନକାରୀ ଙ୍କ ଉପରେ ଆକ୍ରମଣ କରିଥିଲେ। ଏକଥା ସତ୍ୟ ଯେ ନିର୍ବାଚନ କମିଶନ ଏକ ସ୍ୱତନ୍ତ୍ର ଓ ସାମ୍ବିଧାନିକ ସଂସ୍ଥା କିନ୍ତୁ ଏହି ସଂସ୍ଥା ସମ୍ବିଧାନର ଉର୍ଦ୍ଧ୍ୱରେ ନୁହେଁ। ନିର୍ବାଚନ କମିଶନଙ୍କ ଦାୟୀତ୍ୱ ହେଉଛି ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କରାଇବା। ଏହି ନିର୍ବାଚନ ପ୍ରକ୍ରିୟରେ ଗୁରୁତ୍ୱପୁର୍ଣ୍ଣ ଭାଗିଦାର ହେଉଛନ୍ତି ରାଜନୈତିକ ଦଳ। ବିରୋଧି ସାଂସଦ ଙ୍କୁ ଭେଟିବାକୁ ନିର୍ବାଚନ କମିଶନର ଙ୍କ ନିକଟରେ ସମୟ ନାହିଁ। ଏଣୁ ଏମାନଙ୍କ ଦୃଷ୍ଟିରେ ସାଧାରଣ ଭୋଟର ଙ୍କର ବା ସ୍ଥିତି କ'ଣ ଯାହାଙ୍କୁ ନିର୍ବାଚନ ସମୟରେ "ଜନତା ଜନାର୍ଦନ" ବୋଲି କୁହାଯାଇଥାଏ। ଗୋଟିଏ ପଟେ ସାମ୍ବିଧାନିକ ସଂସ୍ଥାକୁ ନେଇ ଅବିଶ୍ୱାସ ବଢୁଛି ଓ ଅନ୍ୟ ପକ୍ଷରେ ସଂପୃକ୍ତ ସଂସ୍ଥା କୌଣସି ପ୍ରଶ୍ନର ଉ□ର ଦେଉନାହିଁ। ରାଜନୈତିକ ଦଳଙ୍କ ପାଖରେ ଏଜେଣ୍ଡାକୁ ନେଇ ରାଜନୀତି କରିବା ଛଡ଼ା କିଛି ନାହିଁ। ଅତୀତରେ ମଧ୍ୟ ନିର୍ବାଚନ କମିଶନ ଙ୍କ କାର୍ଯ୍ୟ କୁ ନେଇ ପ୍ରଶ୍ନ ଉଠିଛି। ଦୀର୍ଘଦିନ ପରେ ନିର୍ବାଚନ କମିଶନ ଙ୍କୁ ବହୁ ସଦସ୍ୟ ବିଶିଷ୍ଟ କରାଯିବାର କାରଣ ହେଉଛି କୈଣସ ନିର୍ବାଚନ କମିଶନର ନିରଙ୍କୁଶ ହୋଇପରିବ ନାହିଁ କିନ୍ତୁ ଇଣ୍ଡିଆନ ଏକ୍ସପ୍ରେସ ନାମକ ଏକ ଇଂରାଜୀ ସମ୍ବାଦପତ୍ରରେ ଏକ ସମ୍ବାଦ ପ୍ରକାଶ ପାଇଥିଲା ଯେ ୩ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ ଙ୍କ ଦୁଇ କମିଶନର ସୁଖବିର ସିଂହସଂଧୁ ଏବଂ ବିବେକ ତ୍ୟାଗି ୧୦ ମାସ ମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନର ଙ୍କ କାର୍ଯ୍ୟ କୁ ନେଇ ୧୪ ଥର ପ୍ରଶ୍ନ ଉଠାଇଛନ୍ତି। ଇଣ୍ଡିଆନ ଏକ୍ସପ୍ରେସ ର ଏହି ସମ୍ବାଦ ଅନୁସାରେ ଅନ୍ୟ ଦୁଇ ନିର୍ବାଚନ କମିଶନର ଙ୍କୁ ନଜଣାଇ ଏକା ସବୁ ନିଷ୍ପ□ ନିଆଯାଇଛି। ଏହି ଖବର ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ କମିଶନର ପୁଣି ବିବାଦୀୟ ହୋଇ ପଡ଼ିଛନ୍ତି। ଇଣ୍ଡିଆନ ଏକ୍ସପ୍ରେସ ରେ ଖବର ପ୍ରକାଶ ପାଇବାର ୩ ଦିନ ପରେ ମୁଖ୍ୟନିର୍ବାଚନ କମିଶନର ଓ ଦୁଇ ନିର୍ବାଚନ କମିଶନର ମିଳିତ ଭାବେ ଏକ ବିଜ୍ଞପ୍ତି ଜାରିକରିଥିଲେ ଓ କମିଶନର କାର୍ଯ୍ୟାଳୟରେ ସବୁକିଛି ଠିକ୍ ଚାଲିଛି ବୋଲି କହିଥିଲେ। ଆଶା କରାଯାଉଥିଲା ଅଭିଯୋଗ ର ଗୁରୁତ୍ୱ ଦୃଷ୍ଟିରୁ ସ୍ପଷ୍ଟିକରଣ ଦେଇଥାନ୍ତେ ନିର୍ବାଚନ କମିଶନର କିନ୍ତୁ ପ୍ରତିଥର ଭଳି ବିଜେପି ନିର୍ବାଚନ କମିଶନର ଙ୍କ ସୁରକ୍ଷା ପାଇଁ ଆଗେଇ ଆସିଥିଲେ। ମାନ୍ୟବର ସୁପ୍ରିମ୍ କୋର୍ଟ ମୁଖ୍ୟ ନିର୍ବାଚନ କମିଶନ ଙ୍କୁ ନିଲମ୍ବନ କରାଯିବା ଓ ତାଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧ ଲଗାଯିବା ପାଇଁ ଇଣ୍ଡିଆନ ଏକ୍ସପ୍ରେସ ଖବରକାଗଜର ସମ୍ବାଦ କୁ ଆଧାର ଭାବେ ଗ୍ରହଣ କରିନଥିଲେ କିନ୍ତୁ କମିଶନଙ୍କୁ କାରଣ ଦର୍ଶାଇ ନୋଟିସ ଜାରି କରିଥିଲେ। ଏଥିରୁ ସ୍ପଷ୍ଟ ଯେ ନିର୍ବାଚନ କମିଶନଙ୍କ କାର୍ଯ୍ୟ ନ୍ୟାୟିକ ସମୀକ୍ଷାରୁ ଉର୍ଦ୍ଧ୍ୱରେ ନୁହେଁ। ଏସ୍ଆଇଆର ରେ କୋଟି କୋଟି ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟିଦେବା ସହ ଫର୍ମ-୬ ମଧ୍ୟ ଆୟୋଗଙ୍କ ବିରୁଦ୍ଧରେ ଜନଅସନ୍ତୋଷର ଅନ୍ୟତମ କାରଣ ଅଟେ।

ନିର୍ବାଚନ କମିଶନ ଏବଂ ବିଜେପି ଫର୍ମ-୬ରେ ଘୋଷଣାପତ୍ର ଯୋଡ଼ିବା ପାଇଁ ସୁପ୍ରିମ୍ କୋର୍ଟ ଙ୍କ ମଞ୍ଜୁରୀ ମିଳିଛି ବୋଲି କହୁଥିବା ବେଳେ ସୁପ୍ରିମ୍ କୋର୍ଟ ଫର୍ମ-୬ ରେ କୌଣସି ସଂଶୋଧନ ପାଇଁ ମଞ୍ଜୁରୀ ଦେଇ ନାହାନ୍ତି ବୋଲି ଅକ୍ଟୋବର ୧୨ ତାରିଖରେ କହିଦେଇଛନ୍ତି। ଅକ୍ଟୋବର ୧୨ ରେ ରାହୁଲ ଗାନ୍ଧୀଙ୍କ ସମେତ ୧୧ ବିରୋଧି ନେତା ସୁପ୍ରିମ୍‌କୋର୍ଟଙ୍କ ଇଜଲାସରେ ଜ୍ଞାନେଶ କୁମାର ଙ୍କ ବିରୁଦ୍ଧରେ ମାମଲା ଦାଏର କରିଛନ୍ତି। ଆଇନଗତ ଲଢ଼େଇ ଅଧିକ ଲମ୍ବିତ ହୋଇପାରେ। କିନ୍ତୁ ବିରୋଧିଦଳ ଙ୍କ ଲଢ଼େଇ ମଧ୍ୟ ବନ୍ଦ ହେବନାହିଁ ବୋଲି ବିରୋଧିଦଳ ମାନେ କହିଛନ୍ତି। ସୁପ୍ରିମ୍ କୋର୍ଟରେ ମାମଲାର ଶୁଣାଣୀ ବେଳେ ଯଦି ନିର୍ବାଚନ କମିଶନଙ୍କ ଦୋଷ ଜଣାପଡ଼େ ତେବେ ସରକାରଙ୍କୁ ନିନ୍ଦିତ ହେବାକୁ ପଡ଼ିବ। ବିରୋଧି ମଧ୍ୟ ଏହା ହିଁ ଚାହୁଁଛନ୍ତି।

ରାମଚନ୍ଦ୍ରପୁର ,ରଣପୁର
ମୋ-୯୪୩୮୪୮୫୦୯୪



# ଆନ୍ନାମଲାଇ-ବିଜେପି ମୁହାଁମୁହିଁ

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):**ପୂର୍ବତନ ଆଇପିଏସ୍ ଅଧିକାରୀ ତଥା ତାମିଲନାଡୁ ବିଜେପିର ପୂର୍ବତନ ସଭାପତି କେ ଆନ୍ନାମଲାଇ ନୂଆଦିଲ୍ଲୀରେ କକ୍ରୋଚ ଜନତା ପାର୍ଟି (ସିଜେପି)ର ପ୍ରତିବାଦକାରୀଙ୍କୁ ଅଟକ ରଖିବା ଉପରେ କେନ୍ଦ୍ର ସରକାରଙ୍କୁ ତୀବ୍ର କଟାକ୍ଷ କରିଛନ୍ତି। ଆନ୍ନାମଲାଇଙ୍କ ମନ୍ତବ୍ୟକୁ ନେଇ ବିଜେପି ମଧ୍ୟ ପାଲଟା ଆକ୍ରମଣ କରିଛି।ବିଜେପିରୁ ଚଳିତ ବର୍ଷ ଜୁନ୍‌ରେ ଇସ୍ତଫା ଦେଇଥିବା ଆନ୍ନାମଲାଇ ବୁଧବାର 'ଏକ୍ସ'ରେ ଏକ ପୋଷ୍ଟ କରି ୨୦୧୧ରେ ନରେନ୍ଦ୍ର ମୋଦୀ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବା ସମୟର ଏକ ମନ୍ତବ୍ୟକୁ ଉଦ୍ଧାର କରି ଲେଖିଛନ୍ତି, ମୋଦୀ ସେତେବେଳେ କହିଥିଲେ ଯେ ଯଦି ତାଙ୍କ ହାତ ବନ୍ଧା ହୋଇନଥାନ୍ତା, ତେବେ ସେ ଦିଲ୍ଲୀ ଯାଇ କେନ୍ଦ୍ର ସରକାରଙ୍କ ବିରୋଧରେ ଯୁଦ୍ଧ କରିଥାନ୍ତେ, ଆନ୍ନାମଲାଇ କହିଛନ୍ତି, ମୋ ମତରେ ପ୍ରଧାନମନ୍ତ୍ରୀ ସେତେବେଳେ ଯାହା କହିଥିଲେ ସମ୍ପୂର୍ଣ୍ଣ ସଠିକ୍ କଥା କହିଥିଲେ, କିନ୍ତୁ ଆଜି ତୁମକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜେଲ୍ କରାଯାଇପାରେ; ତୁମର ଜାମିନ୍ ବଣ୍ଡ୍ ପ୍ରତ୍ୟାଖ୍ୟାନ କରାଯାଇପାରେ ଓ ଆଶ୍ଚର୍ଯ୍ୟଜନକ ଭାବରେ ଯେତେବେଳେ ଜଣେ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କୁ ପ୍ରିଭେଣ୍ଟିଭ୍ ବଣ୍ଡ୍ ମାମଲାର ବିଚାର କରିବାର କ୍ଷମତା ପ୍ରଦାନ କରାଯାଏ ସେ ତାଙ୍କ ଇଚ୍ଛାରେ ନଚାନ୍ତି।ଆନ୍ନାମଲାଇ ଏହି ପୋଷ୍ଟ ସିଜେପି ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଗିରଫ କରାଯିବା ମାମଲାକୁ ନେଇ କହିଥିଲେ। ଦାସ ଓ ରାଙ୍କାଙ୍କୁ ବୁଧବାର ସାତଦିନ ପରେ ଜେଲ୍‌ରୁ ମୁକ୍ତ କରାଯାଇଥିଲା। ଆନ୍ନାମଲାଇ କେନ୍ଦ୍ର ସରକାରଙ୍କ ରଣନୀତିକୁ ମଧ୍ୟ ସମାଲୋଚନା କରିଛନ୍ତି। ଆନ୍ନାମଲାଇ କହିଛନ୍ତି, ଗଣତନ୍ତ୍ରରେ ଆନ୍ଦୋଳନ କରିବାର ସମସ୍ତଙ୍କର ଅଧିକାର ରହିଛି। କିନ୍ତୁ ସରକାର ତାଙ୍କ ବିରୋଧରେ ଆନ୍ଦୋଳନ କରୁଥିବା ଲୋକଙ୍କୁ ବିଦେଶୀ ଏଜେଣ୍ଟ ଓ ଭାରତ ବିରୋଧୀ କହିବା ଧାରା ଏବେ ପ୍ରଚଳନ ହୋଇଛି। ଏହା ଅତ୍ୟଧିକ ବିରକ୍ତିକର ଓ ଚିନ୍ତାଜନକ କଥା।ସେ ସିଜେପିର ଅନେକ କାର୍ଯ୍ୟକୁ ସମର୍ଥନ କରନ୍ତି ନାହିଁ। ମୁଁ ଭାବୁଛି ସେମାନଙ୍କ ମଧ୍ୟରୁ ଅନେକ ଭୁଲ ମାର୍ଗରେ ଅଛନ୍ତି। କିନ୍ତୁ ସେମାନଙ୍କର ଆନ୍ଦୋଳନ କରିବାର ଅଧିକାର ରହିଛି। ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ ଗୃହ ମନ୍ତ୍ରଣାଳୟ ଅଧୀନରେ ରହିଛି, ମୋର ଅନୁଭବ ହେଉଛି ଯେ କେନ୍ଦ୍ର ସରକାର ଭୁଲିଯାଉଛି ଯେ, ଏହା ୧୨ ବର୍ଷରୁ ଅଧିକ ସମୟ ଧରି ଦିଲ୍ଲୀରେ କ୍ଷମତାରେ ଅଛି ଓ ନିଜକୁ ପ୍ରାସଙ୍ଗିକ ରଖିବା ପାଇଁ ସବୁବେଳେ ଏକ ଶତ୍ରୁ ସୃଷ୍ଟି କରୁଛି। ଏପରି ଅଭିଯୋଗ କରିବା ଦୁଃଖର ବିଷୟ ବୋଲି ଆନ୍ନାମଲାଇ କହିଛନ୍ତି।ତାମିଲନାଡୁ ବିଜେପି ନେତା ଭି ସେଲଭମ୍ ଆନ୍ନାମଲାଇଙ୍କ ଅଭିଯୋଗର ପାଲଟା ଜବାବ ରଖିଛନ୍ତି। ସେ କହିଛନ୍ତି, ସାଧାରଣ ଶୃଙ୍ଖଳା ବଜାୟ ରଖିବା ମୋଦୀ ସରକାରଙ୍କର ଦାୟିତ୍ୱ। କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଥିବା ଲୋକମାନେ ବିଜେପି ବିରୋଧୀ ବୋଲି ସେମାନେ ନିଜ ଦାୟିତ୍ୱରୁ ଓହରି ପାରିବେ ନାହିଁ। ଶାନ୍ତିପୂର୍ଣ୍ଣ ପ୍ରତିବାଦ ସୁରକ୍ଷା ପାଇବା ଉଚିତ। କଥିତ ଉଲ୍ଲଂଘନର ଯାଞ୍ଚ ହେବା ଉଚିତ। ରାଜନୈତିକ ସମ୍ପୃକ୍ତି କିମ୍ବା ସାମାଜିକ ଗଣମାଧ୍ୟମ ଲୋକପ୍ରିୟତା ଆଇନରୁ ଉର୍ଦ୍ଧ୍ୱ ନୁହେଁ ବୋଲି ସେଲଭାମ କହିଛନ୍ତି। ମୋଦୀ ୨୦୧୧ରେ ଦେଇଥିବା ମନ୍ତବ୍ୟ ଓ ୨୦୨୬ ଦିଲ୍ଲୀ ପୁଲିସ କାର୍ଯ୍ୟାନୁଷ୍ଠାନ ସମାନ ଘଟଣା ନୁହେଁ ବୋଲି ବିଜେପି ନେତା କହିଛନ୍ତି।



# ଫ୍ରାନ୍ସରେ ବ୍ୟାପିଲା ବିପଜ୍ଜନକ ଶାମୋଣ୍ଡା ଭାଇରସ

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):**ଫ୍ରାନ୍ସରେ ସରକାରଙ୍କ ବିରୋଧୀ ପ୍ରତିବାଦ ସହିତ ଆଉ ଏକ ବିପର୍ଯ୍ୟୟ ଦେଖାଦେଇଛି। ପ୍ରାଣୀଙ୍କୁ ସଂକ୍ରମିତ କରୁଥିବା ବିପଜ୍ଜନକ ଶାମୋଣ୍ଡା ଭାଇରସ ପ୍ରଥମ ଥର ପାଇଁ ମଣିଷଙ୍କଠାରେ ଚିହ୍ନଟ ହୋଇଛି। ପରେ ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ଫରାସୀ ସ୍ୱାସ୍ଥ୍ୟ ଅଧିକାରୀମାନେ ରିପୋର୍ଟ କରିଛନ୍ତି। ତେବେ ଅଧିକାରୀମାନେ କହିଛନ୍ତି ଯେ, ଏହି ଭାଇରସ ବର୍ତ୍ତମାନ ସାଧାରଣ ଜନତାଙ୍କ ପାଇଁ କୌଣସି ବିପଦ ସୃଷ୍ଟି କରୁ ନାହିଁ।ଶାମୋଣ୍ଡା ଭାଇରସ କୀଟପତଙ୍ଗ କାମୁଡ଼ା ମାଧ୍ୟମରେ ବ୍ୟାପିଥାଏ। ଏହା ମୁଖ୍ୟତଃ ଗୋରୁମାନଙ୍କୁ ସଂକ୍ରମିତ କରିଥାଏ ଅଧିକାଂଶ ସଂକ୍ରମଣ ଗାଈମାନଙ୍କଠାରେ ହୋଇଥାଏ। ଛୋଟ ଛୋଟ କାମୁଡ଼ା ପୋକ ଏହାର ସଂକ୍ରମଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଫ୍ରାନ୍ସ ସରକାରଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ କୁହାଯାଉଥିଲା ଯେ, ଏହି ଭାଇରସ୍ ମଣିଷଙ୍କୁ ସଂକ୍ରମିତ କରିପାରିବ ନାହିଁ। ଫରାସୀ ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରାରମ୍ଭିକ ଭାବରେ ଆକଳନ କରିଛନ୍ତି ଯେ, ମୃତ ଆକ୍ରାନ୍ତ ପୂର୍ବ ଫ୍ରାନ୍ସରେ ସଂକ୍ରମିତ ହୋଇଥାଇପାରନ୍ତି। ୨୦୨୬ ବସନ୍ତ ଏବଂ ଗ୍ରୀଷ୍ମ ଋତୁରେ ଏହି ଅଞ୍ଚଳର ପ୍ରାଣୀମାନଙ୍କ ମଧ୍ୟରେ ଏହି ଭାଇରସ ପ୍ରସାରିତ ହୋଇଥିଲା। ତେବେ ମୃତ ଆକ୍ରାନ୍ତଙ୍କ ସଂକ୍ରମଣର ସଠିକ୍ ପ୍ରକ୍ରିୟା ଅସ୍ପଷ୍ଟ ରହିଛି। ଏହି ଭାଇରସ ପ୍ରଥମେ ୧୯୬୦ ଦଶକର ମଧ୍ୟଭାଗରେ ଆଫ୍ରିକୀୟ ଦେଶ ନାଇଜେରିଆରେ ଚିହ୍ନଟ ହୋଇଥିଲା। ପରବର୍ତ୍ତୀ ସମୟରେ ଆଫ୍ରିକା ଏବଂ ଜାପାନରେ ପ୍ରାଣୀମାନଙ୍କଠାରେ ମାମଲା ରିପୋର୍ଟ କରାଯାଇଛି।ଚଳିତ ବର୍ଷ ଏହା ଅନେକ ୟୁରୋପୀୟ ଦେଶରେ ମଧ୍ୟ ବ୍ୟାପିବାରେ ଲାଗିଛି। ଆୟର୍ଲାଣ୍ଡ, ଜର୍ସି ଏବଂ ନେଦରଲ୍ୟାଣ୍ଡରେ ମଧ୍ୟ ମାମଲା ରିପୋର୍ଟ ହୋଇଛି। ଫ୍ରାନ୍ସ ଉପକୂଳରୁ ପ୍ରାୟ ୫୦ କିଲୋମିଟର ଦୂର ଜର୍ସି ଦ୍ୱୀପରେ ମଧ୍ୟ ଶାମୋଣ୍ଡା ଭାଇରସ ପରି ଏକ ଭାଇରସ ଚିହ୍ନଟ ହୋଇଛି। ଅଗଷ୍ଟ ମାସରୁ ସେଠାରେ ସଂକ୍ରମଣ ଜଣାପଡୁଥିଲା, କିନ୍ତୁ ୟୁକେର ପ୍ରାଣୀ ଏବଂ ଉଦ୍ଭିଦ ସ୍ୱାସ୍ଥ୍ୟ ସଂସ୍ଥା ଗତ ସପ୍ତାହରେ ଏହା ରିପୋର୍ଟ କରିଥିଲା।ଏଜେନ୍ସି କହିଛି ଯେ, ଏହା ବ୍ରିଟିଶ ଦ୍ୱୀପପୁଞ୍ଜ ନିକଟରେ ଭାଇରସର ଉପସ୍ଥିତିକୁ ନିଶ୍ଚିତ କରେ। ତେବେ ଏପର୍ଯ୍ୟନ୍ତ ୟୁକେରେ ସଂକ୍ରମଣର କୌଣସି ମାମଲା ରିପୋର୍ଟ ହୋଇନାହିଁ। ଦକ୍ଷିଣ ଆୟର୍ଲାଣ୍ଡର ଦୁଇଟି ଦୁଗ୍ଧ ଫାର୍ମରେ ତିନୋଟି ଗାଈଙ୍କଠାରେ ମଧ୍ୟ ଏହି ଭାଇରସ ମିଳିଛି। ଏକ ଘରୋଇ ଲ୍ୟାବରେ ପରୀକ୍ଷା କରିବା ସମୟରେ ପ୍ରଥମେ ସ୍କମାଲେନବର୍ଗ ଭାଇରସ ସନ୍ଦେହ କରାଯାଇଥିଲା, କିନ୍ତୁ ଏହାର ଫଳାଫଳ ଏହାକୁ ନିଶ୍ଚିତ କରିନଥିଲା। ପରେ ଏକ ଶାମୋଣ୍ଡା ଭଳି ଭାଇରସ ମିଳିଥିଲା।ଆଇରିଶ କୃଷି ବିଭାଗ ଏହି ମାମଲାର ତଦନ୍ତ ପାଇଁ ଲ୍ୟାବ ସହିତ ଯୋଗାଯୋଗ କରୁଛି। ବିଭାଗ ଗ୍ରୀଷ୍ମ ଋତୁଠାରୁ ୟୁରୋପରେ ଏହାର ପ୍ରସାର ଉପରେ ନଜର ରଖିଛି। ଏହି ଭାଇରସ ଗର୍ଭବତୀ ଗାଈମାନଙ୍କରେ ବାଛୁରୀଙ୍କ ମୃତ୍ୟୁର କାରଣ ହୋଇଥାଏ। ବର୍ତ୍ତମାନ ଏହାର କୌଣସି ଟିକା କିମ୍ବା ଚିକିତ୍ସା ଉପଲବ୍ଧ ନାହିଁ। ଯଦି ଚାଷୀମାନଙ୍କର କୌଣସି ସମସ୍ୟା ଥାଏ ତେବେ ସେମାନଙ୍କୁ ପ୍ରାଣୀଚିକିତ୍ସକଙ୍କ ସହିତ ପରାମର୍ଶ କରିବାକୁ ପରାମର୍ଶ ଦିଆଯାଇଛି।

# କେବଳ ବିବାହ ପାଇଁ 'ଧର୍ମ ପରିବର୍ତ୍ତନ'କୁ ଅନୁମତି ଦିଆଯାଇପାରିବ ନାହିଁ: ବମ୍ବେ ହାଇକୋର୍ଟ

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):**ବିବାହ ଲାଗି ଧର୍ମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ବମ୍ବେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି । କେବଳ ବିବାହ ଉଦ୍ଦେଶ୍ୟରେ ଧର୍ମ ପରିବର୍ତ୍ତନକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି । ତେବେ କୋର୍ଟ, ନାଗରିକଙ୍କ ସ୍ୱେଚ୍ଛାକୃତ ଧର୍ମ ପରିବର୍ତ୍ତନ ସ୍ୱାଧୀନତାକୁ ସ୍ୱୀକାର କରିଛନ୍ତି । ମହାରାଷ୍ଟ୍ର ସରକାରଙ୍କ ନୂଆ ଧର୍ମାନ୍ତରୀକରଣ ବିରୋଧୀ ଆଇନର ସାମ୍ବିଧାନିକ ବୈଧତାକୁ ନେଇ ଦାୟର ଆବେଦନର ଶୁଣାଣି କରି କୋର୍ଟ 'ଧର୍ମ ପରିବର୍ତ୍ତନ' ଉପରେ କହିଛନ୍ତି ।ମହାରାଷ୍ଟ୍ରର ଏହି ନୂଆ ଆଇନ୍ ଅନୁଯାୟୀ, ବଳପୂର୍ବକ, ପ୍ରଲୋଭନ, ପ୍ରତାରଣା କିମ୍ବା କେବଳ ବିବାହ ଉଦ୍ଦେଶ୍ୟରେ କରାଯାଉଥିବା ଧର୍ମାନ୍ତରୀକରଣକୁ ଅପରାଧ ଭାବରେ ଗ୍ରହଣ କରାଯାଇଛି। ଏହି ଆଇନର ଧାରା ୬ ଅନୁଯାୟୀ, ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ୬୦ ଦିନ ପୂର୍ବରୁ ପ୍ରଶାସନକୁ ନୋଟିସ ଦେବା ବାଧ୍ୟତାମୂଳକ। ଠାଣେର ଜଣେ ୭୦ ବର୍ଷୀୟ ଇସଲାମିକ ପ୍ରଚାରକ ଏହି ଆଇନ ବିରୋଧରେ ହାଇକୋର୍ଟରେ ପିଟିସନ ଦାୟର କରିଥିଲେ। ସମ୍ବିଧାନର ଧାରା ୨୫ ଅନୁଯାୟୀ ମିଳିଥିବା ଧର୍ମ ପ୍ରଚାରର ସ୍ୱାଧୀନତାକୁ ଏହି ଆଇନ ସଙ୍କୁଚିତ କରୁଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ମୁଖ୍ୟ ବିଚାରପତି ମାହେଶ ସି. ତ୍ରିପାଠୀ ଏବଂ ବିଚାରପତି ଅଦ୍ୱୈତ ସେଠନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସମାଜର ଧର୍ମନିରପେକ୍ଷତା ରକ୍ଷା କରିବା ଏବଂ ବଳପୂର୍ବକ ଧର୍ମାନ୍ତରୀକରଣକୁ ରୋକିବା ଏହି ଆଇନର ମୂଳ ଉଦ୍ଦେଶ୍ୟ। ସରକାର କେବଳ ବଳପୂର୍ବକ କିମ୍ବା ଚାପ ପକାଇ କରାଯାଉଥିବା ଧର୍ମାନ୍ତରୀକରଣକୁ ନେଇ ଚିନ୍ତିତ। ପ୍ରତ୍ୟେକ ବ୍ୟକ୍ତିଙ୍କର ଧର୍ମ ପରିବର୍ତ୍ତନ କରିବାର ସ୍ୱାଧୀନତା ରହିଛି । କିନ୍ତୁ କେବଳ ବିବାହ କରିବା ଉଦ୍ଦେଶ୍ୟରେ ଧର୍ମ ପରିବର୍ତ୍ତନକୁ ଅନୁମତି ଦିଆଯାଇପାରିବ ନାହିଁ। ସେପଟେ ଆବେଦନକାରୀଙ୍କ ଆବେଦନ ପ୍ରମାଣ ଉପରେ ଆଧାରିତ ନୁହେଁ ବୋଲି କୋର୍ଟ କହିଛନ୍ତି । ପରେ ନିଜର ଆବେଦନ ପ୍ରତ୍ୟାହାର କରିନେଇଛନ୍ତି ଆବେଦନକାରୀ ।

# ରାହୁଲ ଗାନ୍ଧୀଙ୍କୁ ଶାହଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ଶାହ କହିଛନ୍ତି, ବିରୋଧ ପ୍ରଦର୍ଶନ ଓ ପ୍ରତିବାଦ କିଛି ହାସଲ କରେ ନାହିଁ, ରାଜନେତାମାନଙ୍କୁ ଜନକଲ୍ୟାଣ କାର୍ଯ୍ୟ ଉପରେ ଧ୍ୟାନ ଦେବା ଉଚିତ। ଦିଲ୍ଲୀ ବାହାରରେ ୮୯୪୧ କୋଟି ଟଙ୍କା ମୂଲ୍ୟର ୩୩ଟି ଦିଲ୍ଲୀ ଜଳ ବୋର୍ଡ ପ୍ରକଳ୍ପର ଶୁଭାରମ୍ଭ ଓ ଉଦଘାଟନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶାହ କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି (ଆପ୍)କୁ ତୀବ୍ର ଆକ୍ରମଣ କରିଛନ୍ତି। ବିରୋଧୀଙ୍କ ଭୋଟ ଚୋରି ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ରେ ବିସଙ୍ଗତି ଅଭିଯୋଗକୁ ଶାହ ସମାଲୋଚନା କରି କହିଛନ୍ତି, ବିରୋଧୀ ଦଳଗୁଡ଼ିକ ଲୋକଙ୍କ ଜନାଦେଶକୁ ଚ୍ୟାଲେଞ୍ଜ କରିବା ପାଇଁ ରାଜନୈତିକ ତଞ୍ଚକତା ଓ ଭିଡ଼ତନ୍ତ୍ର ବ୍ୟବହାର କରୁଛନ୍ତି। ଯଦି ନିର୍ବାଚନ ଜିତିବାକୁ ଚାହୁଁଛ ତେବେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝ। ତୁମେମାନେ ଯେଉଁଠି ନିର୍ବାଚିତ ହୋଇଛ, ସେଠାରେ ଲୋକମାନଙ୍କ କଲ୍ୟାଣ ପାଇଁ ଯୋଜନା କର, ନଚେତ୍ ସେଠାରୁ ମଧ୍ୟ ମୂଳପୋଛ ହୋଇଯିବ ବୋଲି କହିଛନ୍ତି।ଶାହ କହିଛନ୍ତି, ବିରୋଧୀ ଦଳ ବିଜେପି ଜିତିଲେ ଭୋଟ ଚୋରି ଅଭିଯୋଗ କରନ୍ତି, ଏହା କେବଳ ସେମାନଙ୍କ ପରାଜୟକୁ ଘୋଡ଼ାଇବା ପାଇଁ ବାହାନା। ବାସ୍ତବରେ ବିରୋଧୀ ଭୋଟ ଚୋରିର ଅଭିଯୋଗ ଆଣି ଅନୁପ୍ରବେଶକାରୀଙ୍କ ଭୋଟ ବଞ୍ଚାଇବାକୁ ଚାହୁଁଛନ୍ତି। ବିଭିନ୍ନ ରାଜ୍ୟରେ କଂଗ୍ରେସର ନିର୍ବାଚନୀ ପରାଜୟର ଉଦାହରଣ ଦେଇ କହିଛନ୍ତି ଯେ, ୨୦୧୪ରେ ବିଜେପି ଜାତୀୟ ସ୍ତରରେ କ୍ଷମତାକୁ ଆସିବା ପୂର୍ବରୁ ହିଁ ଭୋଟରମାନେ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲେ। କେରଳ, ହିମାଚଳ ପ୍ରଦେଶ ଓ ତେଲେଙ୍ଗାନାରେ କଂଗ୍ରେସର ବିଜୟକୁ ମଧ୍ୟ ଇଙ୍ଗିତ କରି କହିଛନ୍ତି ଯେ, ଯେତେବେଳେ ସେହି ଦଳଗୁଡ଼ିକ ଜିତିଥିଲେ ସେତେବେଳେ ସମାନ ଇଲେକ୍‌ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ଓ ନିର୍ବାଚନ କମିସନ ଥିଲେ।ବିଜେପି ୩୦ ବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହିବ ବୋଲି ଭବିଷ୍ୟବାଣୀ କରି ଶାହ କହିଛନ୍ତି ଯେ, ବିରୋଧୀଙ୍କ ନକାରାତ୍ମକ ରାଜନୀତି ଏହାକୁ କ୍ଷମତାକୁ ଫେରିବାରୁ ବାଧା ଦେବ। ସେ କଂଗ୍ରେସ ଓ ଆପ୍‌କୁ ସେହି ରାଜ୍ୟଗୁଡ଼ିକରେ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରିଛନ୍ତି ଯେଉଁଠାରେ ସେମାନେ ଏବେବି କ୍ଷମତାରେ ଅଛନ୍ତି। ଦିଲ୍ଲୀରେ ପରିବେଶଗତ ସମସ୍ୟା ପାଇଁ ଶାହ କଂଗ୍ରେସ ଓ ଆପ୍ ସରକାରଙ୍କୁ ଦାୟୀ କରିଛନ୍ତି।




# ଗୋଟିଏ ରାତିରେ ୭ ଜାହାଜ ଉପରେ ଆକ୍ରମଣ

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):**ଆମେରିକା ସହିତ ବଢୁଥିବା ଉତ୍ତ ?ଜନା ମଧ୍ୟରେ ତେହେରାନ ରଣନୈତିକ ଜଳପଥ ଉପରେ ନିୟନ୍ତ୍ରଣ ବଜାୟ ରଖିଥିବା ନେଇ ନିଜର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ନୌସେନା କହିଛି ଯେ, ପାରସ୍ୟ ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ସାତଟି ଜାହାଜ ଉପରେ ଆକ୍ରମଣ କରାଯାଇଛି।

ଆଇଆରଜିସି କହିଛି ଯେ, ଉତ୍ତର ପାରସ୍ୟ ଉପସାଗରରେ ଜାହାଜରୁ ଜାହାଜ ତେଲ ସ୍ଥାନାନ୍ତର କରୁଥିବା ଚାରୋଟି ଜାହାଜ ଉପରେ ହୋଇଥିବା ଏକକାଳୀନ ଆକ୍ରମଣରେ ସେସବୁରେ ନିଆଁ ଲାଗିଯାଇଥିଲା। ଉତ୍ତର-କେନ୍ଦ୍ରୀୟ ପାରସ୍ୟ ଉପସାଗରରେ ଜାହାଜରୁ ଜାହାଜକୁ ମାଲ ପରିବହନ କରୁଥିବା ଜାହାଜଗୁଡ଼ିକର ଟ୍ରାକିଂ କରି ପିଛା କରିଥିଲା।ସେହିପରି ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ସମୁଦ୍ର ମାଇନ୍ ଆକ୍ରମଣରେ ଅନ୍ୟ ତିନୋଟି ଜାହାଜ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜାହାଜଗୁଡ଼ିକରେ ନିଆଁ ଲାଗିଯାଇଥିଲା। ଆଇଆରଜିସିର ଦାବିକୁ ଯାଞ୍ଚ କରାଯାଇ ନାହିଁ। ମୃତାହତ, ଜାହାଜର ପରିଚୟ କିମ୍ବା କ୍ଷୟକ୍ଷତିର ପରିମାଣ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ହୋଇନାହିଁ।ଆଇଆରଜିସି ଅନୁଯାୟୀ, ନୌବାହିନୀ ପୂର୍ବରୁ ଜାହାଜ କମ୍ପାନିଗୁଡ଼ିକୁ ତେହେରାନ ଦ୍ୱାରା ବେଆଇନ ସାମୁଦ୍ରିକ ପଥ ଭାବରେ ଦର୍ଶାଯାଇଥିବା ସାମୁଦ୍ରିକ ମାର୍ଗ ବ୍ୟବହାର ନକରିବାକୁ ଚେତାବନୀ ଦେଇଥିଲା। ମାତ୍ର କମ୍ପାନିଗୁଡ଼ିକୁ ଆମେରିକୀୟ ସେନା ନିର୍ଦ୍ଦେଶରେ ବିନା ଅନୁମତିରେ ଜଳପଥ ଦେଇ ଯିବାକୁ ଉଦ୍ୟମ କରିଥିଲେ।ନୌସେନା ଇରାନୀ ଜନତାଙ୍କ ଦୃଢ଼ତା ଏବଂ ସମର୍ଥନ ପାଇଁ ସେମାନଙ୍କୁ ପ୍ରଶଂସା କରି କହିଛି ଯେ, ଜାତୀୟ ଏକତା ଦେଶର ସଶସ୍ତ୍ର ବାହିନୀକୁ ମଜବୁତ କରିଛି ଏବଂ ବିରୋଧୀଙ୍କ ମନୋବଳକୁ ଦୁର୍ବଳ କରିଛି। ନୌସେନା ଇରାନ ଲୋକଙ୍କ ସମର୍ଥନରେ ହର୍ମୁଜ୍ ପ୍ରଣାଳୀରେ ପରିଚାଳନା ଏବଂ ନିୟନ୍ତ୍ରଣ ଜାରି ରଖିଛି।

# ହୁତି ବିଦ୍ରୋହୀଙ୍କ ଦାବି

# ୧୪ ଭାରତୀୟ ଥିବା ଜାହାଜ ଉପରେ ସାଉଦି ଆରବ ଆକ୍ରମଣ କରିଛି

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):**ୟେମେନର ହୁତି ବିଦ୍ରୋହୀମାନେ ଦାବି କରିଛନ୍ତି ଯେ, ଲୋହିତ ସାଗରର ଜୁକାର ଦ୍ୱୀପ ନିକଟରେ ୧୪ ଜଣ ଭାରତୀୟ ନାଗରିକଙ୍କୁ ନେଇ ଯାଉଥିବା ଏକ ଡଙ୍ଗାକୁ ସାଉଦି ଆରବ ଟାର୍ଗେଟ କରିବା ପରେ ସେମାନଙ୍କ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଆରମ୍ଭ ହୋଇଛି। ସିଜିଟିଏନ୍ ୟୁରୋପ ତଥ୍ୟ ଅନୁଯାୟୀ, ହୁତିମାନେ କହିଛନ୍ତି ଯେ, ୧୪ ଭାରତୀୟ ଥିବା ବୋଟ ଉପରେ ସାଉଦି ଆରବ ପକ୍ଷରୁ ଟାର୍ଗେଟ କରାଯାଇଥିଲା।ସେମାନେ ଦାବି କରିଥିଲେ ଯେ, ୟେମେନି ସଶସ୍ତ୍ର ବାହିନୀ ଭାରତୀୟମାନଙ୍କୁ ଉଦ୍ଧାର କରିଛନ୍ତି। ସାଉଦି ଆରବର ଏହି ବେପରୁଆ କାର୍ଯ୍ୟ ଲୋହିତ ସାଗରରେ ଅନ୍ତର୍ଜାତୀୟ ନୌଚାଳନାକୁ ବିପଦରେ ପକାଇଛି। ଅନ୍ତର୍ଜାତୀୟ ସମ୍ପ୍ରଦାୟ ସାଉଦି ଆରବର ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ରୋକିବା ଉଚିତ ବୋଲି ହୁତି ବିଦ୍‌ରୋହୀ କହିଥିବା ସିଜିଟିଏନ୍ ୟୁରୋପ ପକ୍ଷରୁ ପ୍ରକାଶ। ସାଉଦି ଆରବର ଦମ୍ମମ ବିମାନବନ୍ଦରରେ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଓ ଦୁଇ ଜଣ ଆହତ ହେବା ପରେ ଏହା ଖବର ଆସିଛି। ଶାୟବା ତୈଳ ଫିଲ୍ଡରେ ଆଉ ଜଣେ ଭାରତୀୟ ନାଗରିକ ଆହତ ହୋଇଛନ୍ତି। ସାଉଦି ଆରବର ବେସାମରିକ ଓ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି।

# ସାଉଦି ଆରବରେ ଆକ୍ରମଣକୁ ଭାରତର ନିନ୍ଦା

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):** ସାଉଦି ଆରବର ଦମ୍ମାମ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଶାୟବା ତୈଳ କ୍ଷେତ୍ରରେ ହୋଇଥିବା ଆକ୍ରମଣକୁ ଭାରତ କଡ଼ା ନିନ୍ଦା କରିଛି । ଏହି ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଜଣ ଆହତ ହୋଇଥିବା ଜଣାପଡ଼ିଛି । ଏଥିରେ ଦମ୍ମାମ ବିମାନବନ୍ଦରରେ ଦୁଇ ଜଣ ଏବଂ ଶାୟବା ତୈଳ କ୍ଷେତ୍ରରେ ଜଣେ ଭାରତୀୟ ଆହତ ହୋଇଛନ୍ତି ।ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ସାଧାରଣ ନାଗରିକ ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । ଏଭଳି ଆକ୍ରମଣ ତୁରନ୍ତ ବନ୍ଦ ହେବା ଆବଶ୍ୟକ । ଅକ୍ଟୋବର ୨୧ ତାରିଖରେ ଦମ୍ମାମସ୍ଥିତ କିଙ୍ଗ୍ ଫହଦ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ପୂର୍ବ ପ୍ରଦେଶରେ ଥିବା ସାଉଦି ଆରାମକୋର ଶାୟବା ତୈଳ କ୍ଷେତ୍ର ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରିଛି ।ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଭାରତ ସାଉଦି ଆରବର ଲୋକ ଏବଂ ସରକାରଙ୍କ ସହ ଦୃଢ଼ ଭାବେ ଠିଆ ହୋଇଛି । ଦେଶର ସାର୍ବଭୌମତ୍ୱର ସୁରକ୍ଷା ପାଇଁ ସାଉଦି ଆରବକୁ ଭାରତର ସମର୍ଥନ ରହିଛି । ଏଥିସହ ଏହି ଅଞ୍ଚଳରେ ଖୁବ୍‌ଶୀଘ୍ର ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରିବ ବୋଲି ଭାରତ ଆଶା ପ୍ରକାଶ କରିଛି । ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟଙ୍କ ପରିବାର ପ୍ରତି ମନ୍ତ୍ରଣାଳୟ ଗଭୀର ସମବେଦନା ଜଣାଇଛି । ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛି । ରିୟାଦସ୍ଥିତ ଭାରତୀୟ ଦୂତାବାସ ସାଉଦି ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଛି ଏବଂ ପ୍ରଭାବିତ ଭାରତୀୟଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବ ବୋଲି କୁହାଯାଇଛି ।ସାଉଦି ଆରବର ସାଧାରଣ ବିମାନ ଚଳାଚଳ କର୍ତ୍ତୃପକ୍ଷ ଆକ୍ରମଣର ପ୍ରକୃତି ସମ୍ପର୍କରେ ସବିଶେଷ ତଥ୍ୟ ଦେଇନାହାନ୍ତି । ତେବେ ଏହି ଆକ୍ରମଣ ପଛରେ ୟେମେନର ହୁତି ବିଦ୍ରୋହୀଙ୍କ ହାତ ଥିବା ନେଇ ଆଶଙ୍କା କରାଯାଉଛି । ହୁତି ବାହିନୀ ଓ ସାଉଦି ସମର୍ଥିତ ୟେମେନ ସରକାରଙ୍କ ମଧ୍ୟରେ ସଂଘର୍ଷ ବଢୁଥିବା ସମୟରେ ଏହି ଘଟଣା ସାମ୍ନାକୁ ଆସିଛି ।ଗତ କିଛି ଦିନ ମଧ୍ୟରେ ସାଉଦି ଆରବରେ ଏକାଧିକ ଆକ୍ରମଣ ଘଟିଥିବା ଖବର ମିଳିଛି। ଏହାକୁ ନେଇ ଅଞ୍ଚଳର ସୁରକ୍ଷା ସ୍ଥିତି ଉପରେ ଚିନ୍ତା ବଢ଼ିଛି । ବିଶେଷ କରି ବିମାନବନ୍ଦର ଓ ତୈଳ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଟାର୍ଗେଟ୍ କରାଯିବା ଯୋଗୁଁ ଅନ୍ତର୍ଜାତୀୟ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ପରିସ୍ଥିତିରେ ସାଉଦି ଆରବରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ଏବଂ ଆହତଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ଉପରେ ଭାରତୀୟ ଦୂତାବାସ ଗୁରୁତ୍ୱ ଦେଉଛି ।

# ମୁମ୍ବାଇରେ ପ୍ରଦୂଷଣ ଦେଖି ବର୍ଷିଲେ ହାଇକୋର୍ଟ

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):**ମୁମ୍ବାଇର ବାୟୁ ଗୁଣବତ୍ତା ହ୍ରାସ ପାଉଥିବା ଦେଖି ବମ୍ବେ ହାଇକୋର୍ଟ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଏହା ଆଶ୍ଚର୍ଯ୍ୟଜନକ ଯେ, ଉପକୂଳବର୍ତ୍ତୀ ସହର ମୁମ୍ବାଇ ପ୍ରଦୂଷଣ କ୍ଷେତ୍ରରେ ଜାତୀୟ ରାଜଧାନୀ ଦିଲ୍ଲୀକୁ ମଧ୍ୟ ପଛରେ ପକାଇ ଦେଉଛି। ଜନଗହଳିପୂର୍ଣ୍ଣ ସର୍ବସାଧାରଣ ରାସ୍ତାରେ ବାଣ ଫୁଟାଇବା ଓ ଉଚ୍ଚ ଶବ୍ଦ ବ୍ୟବହାର କରୁଥିବା ସାଉଣ୍ଡ ସିଷ୍ଟମ ବ୍ୟବହାର ନିଷେଧ ନିର୍ଦ୍ଦେଶକୁ ସଠିକ୍ ଭାବରେ କାର୍ଯ୍ୟକାରୀ ନକରିବା ପାଇଁ ହାଇକୋର୍ଟ ପୁଲିସ ଓ ପୌର ସଂସ୍ଥାଗୁଡ଼ିକୁ ତୀବ୍ର ଭର୍ତ୍ସନା କରିଛନ୍ତି।ବୁଧବାର ପ୍ରଦୂଷଣ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ବିଚାରପତି ଗିରିଶ ଏସ. କୁଲକର୍ଣ୍ଣୀ ଓ ନୀଲା ଗୋଖଲେଙ୍କ ଖଣ୍ଡପୀଠ ଏହି ପର୍ଯ୍ୟବେକ୍ଷଣ କରିଛନ୍ତି। କୋର୍ଟ ମହାରାଷ୍ଟ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏମପିସିବି), ପୌର କର୍ତ୍ତୃପକ୍ଷ ଓ ପୁଲିସର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରଦୂଷଣ ସମ୍ପର୍କିତ ଏକ ସ୍ୱତଃପ୍ରବୃତ୍ତ ଜନସ୍ୱାର୍ଥ ମାମଲା ଉପରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି।ଶୁଣାଣି ସମୟରେ ଜଷ୍ଟିସ କୁଲକର୍ଣ୍ଣୀ କହିଛନ୍ତି ଯେ, ମୁମ୍ବାଇର ଏକ ପ୍ରାକୃତିକ ଭୌଗୋଳିକ ସୁବିଧା ଅଛି, କିନ୍ତୁ ଏହା ସତ୍ତ୍ୱେ, ସହରର ବାୟୁ ଗୁଣବତ୍ତା ଖରାପ ହେଉଛି। ସାମୁଦ୍ରିକ ପବନ ଓ ଖୋଲା ଆକାଶର ଉଦାହରଣ ଦେଇ ସେ କହିଥିଲେ ଯେ, ମୁମ୍ବାଇର ଆକାଶ ପ୍ରଦୂଷଣମୁକ୍ତ ରହିବା ଉଚିତ। ପ୍ରଦୂଷଣ ସ୍ତର ଦୃଷ୍ଟିରୁ ମୁମ୍ବାଇ ଏବେ ଦିଲ୍ଲୀକୁ ପଛରେ ପକାଇ ଦେଉଥିବା ନେଇ କୋର୍ଟ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି।ଖଣ୍ଡପୀଠଙ୍କ ଅନୁଯାୟୀ, ମଙ୍ଗଳବାର ସହରରେ ଦୃଶ୍ୟମାନତା ୫୦୦ ମିଟରରୁ କମ୍ ହ୍ରାସ ପାଇଛି। ବିଚାରପତି କୁଲକର୍ଣ୍ଣୀ ଅଧିକାରୀଙ୍କ ଦାୟିତ୍ୱ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ଲକ୍ଷ ଲକ୍ଷ ନାଗରିକ ଜରୁରୀକାଳୀନ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ କିପରି ଶାନ୍ତିରେ ଶୋଇପାରୁଛନ୍ତି। ହାଇକୋର୍ଟ ଉଲ୍ଲେଖ କରିଛନ୍ତି ଯେ, ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ, ନିୟମଗୁଡ଼ିକ ନିରନ୍ତର ଉଲ୍ଲଂଘନ କରାଯାଉଛି।ଶୋଭାଯାତ୍ରାରେ ମ୍ୟୁଜିକ ସିଷ୍ଟମ ବ୍ୟବହାର ପାଇଁ ପୂର୍ବ ଅନୁମତି ଆବଶ୍ୟକ କରୁଥିବା ସର୍ତ୍ତାବଳୀ ଓ ନିର୍ଦ୍ଧାରିତ ଡେସିବେଲ ସୀମା ପାଳନ ନକରିବା ଉପରେ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜନଗହଳିପୂର୍ଣ୍ଣ ରାସ୍ତାରେ ବାଣ ଫୁଟାଇବା ଉପରେ ନିୟନ୍ତ୍ରଣ କରାଯାଉନାହିଁ। ଏହା କୋର୍ଟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶର ନିୟମିତ ଉଲ୍ଲଂଘନ ହେଉଥିବା ପରି ମନେ ହେଉଛି ବୋଲି କହିଛନ୍ତି।



# ବିଶୃଙ୍ଖଳା କରୁଛି କଂଗେସ !

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):**SIR ଓ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ମଧ୍ୟରେ ତେଜିଛି ରାଜନୈତିକ ବୟାନବାଜି । ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ୍ କରିଛନ୍ତି ବିଜେପିର ଜାତୀୟ ମୁଖପାତ୍ର ଗୌରବ ଭାଟିଆ । ବିରୋଧୀଙ୍କ ଆନ୍ଦୋଳନ ପଛରେ ଅରାଜକତା ସୃଷ୍ଟି କରିବାର ଉଦ୍ଦେଶ୍ୟ ଥିବା ସେ ଅଭିଯୋଗ କରିଛନ୍ତି ।ଗୌରବ ଭାଟିଆ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ରାଜନୈତିକ ଆଭିମୁଖ୍ୟ ଓ କିଛି ଅନ୍ତର୍ଜାତୀୟ ସଂଗଠନ ସହ ସମ୍ପର୍କକୁ ନେଇ ପ୍ରଶ୍ନ ଉଠୁଛି । ତେବେ ଏହି ସମ୍ପର୍କ ଓ ଅଭିଯୋଗ ନେଇ ସେ ଦେଇଥିବା ମତାମତକୁ ସ୍ୱତନ୍ତ୍ର ଭାବେ ପ୍ରମାଣିତ ତଥ୍ୟ ଭାବେ ଧରାଯାଇପାରିବ ନାହିଁ ।ଭାଟିଆଙ୍କ ଅଭିଯୋଗ ଅନୁସାରେ, 'ଇଣ୍ଡିଆନ୍ ଆଲାଏନ୍ସ ଇନ୍ ପ୍ୟାରିସ୍' ନାମକ ସଂଗଠନ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ଓ ଗଣତନ୍ତ୍ରକୁ ନେଇ ମତ ରଖୁଛି । ଏହି ସଂଗଠନ ଓ ରାହୁଲ ଗାନ୍ଧୀଙ୍କ ମଧ୍ୟରେ ସମ୍ପର୍କ ଥିବା ସେ ଦାବି କରିଛନ୍ତି । ଏହାସହ 'ପ୍ରୋଗ୍ରେସିଭ୍ ଇଣ୍ଟରନ୍ୟାସନାଲ୍' ସଂଗଠନର ନାମ ଉଲ୍ଲେଖ କରି ଭାଟିଆ କହିଛନ୍ତି ଯେ, ଏହାର ପ୍ରତିନିଧିମାନେ ୨୦୨୫ ଏପ୍ରିଲ ୨୮ରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ ।

# ଭାରତ ସହ ସମ୍ପର୍କର ମୂଲ୍ୟ ଦେଇ ପାକିସ୍ତାନ ସହ ଘନିଷ୍ଠତା ବଢ଼ାଇ ହେବନି

**ନୂଆଦିଲ୍ଲୀ,୨୨।୧୦(ଏଜେନ୍ସି):**ଟାରିଫ ବ୍ୟତୀତ ପାକିସ୍ତାନ ସହ ଘନିଷ୍ଠତା ଆଜି ଭାରତ-ଆମେରିକା ମଧ୍ୟରେ ସମ୍ପର୍କ ତିକ୍ତ କରିଛି। ଯାହାକୁ ନେଇ ପ୍ରଥମ ଥର ମୁହଁ ଖୋଲିଛନ୍ତି ଆମେରିକା ବୈଦେଶିକ ସଚିବ ମାର୍କ ରୁବିଓ। ଜାତୀୟ ଗଣମାଧ୍ୟମ ଇଣ୍ଡିଆଟୁଡେକୁ ସାକ୍ଷାତକାର ଦେଇ ରୁବିଓ କହିଛନ୍ତି ଯେ ଭାରତ ସହ ସମ୍ପର୍କର ମୂଲ୍ୟ ଦେଇ ପାକିସ୍ତାନ ସହ ଘନିଷ୍ଠ ସମ୍ପର୍କ ଗଢ଼ାଯାଇପାରିବ ନାହିଁ। ଆତଙ୍କବାଦୀଙ୍କୁ ନେଇ ଦିଲ୍ଲୀ ଓ ୱାଶିଂଟନ ସମାନ ଆଭିମୁଖ୍ୟ ପୋଷଣ କରନ୍ତି ବୋଲି ରୁବିଓ କହିଛନ୍ତି।ରୁବିଓ ବର୍ତ୍ତମାନ ୨ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ତେଣୁ ତାଙ୍କର ଏହି ଇଣ୍ଟରଭ୍ୟୁ ମୁମ୍ବାଇର ତାଜ ମହଲ ପାଲେସ ହୋଟେଲ୍‌ରେ ହୋଇଥିଲା। ୨୦୦୮ରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣରେ ଏହି ହୋଟେଲ୍ ମଧ୍ୟ ଶିକାର ହୋଇଥିଲା। ତେଣୁ ପାକିସ୍ତାନର ଆତଙ୍କବାଦକୁ ନେଇ ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଆମେରିକାର ପାକିସ୍ତାନ ସହ ସମ୍ପର୍କ ଭାରତରେ ଆତଙ୍କବାଦ ବିରୋଧୀ ଲଢେଇକୁ ଦୁର୍ବଳ କରିବ ନାହିଁ ତ ବୋଲି ପ୍ରଶ୍ନ କରିବାର ଏହା ଉପରେ ନିଜ ମତ ରଖିଥିଲେ ରୁବିଓ।ରୁବିଓ କହିଥିଲେ "ମୁଁ ଭାବୁଛି ସେମାନେ ବିଭିନ୍ନ ପ୍ରସଙ୍ଗରେ ନେଉଥିବା ନିଷ୍ପତ୍ତିକୁ ପ୍ରଭାବିତ କରିବା ପାଇଁ ଏହା(ପାକିସ୍ତାନ ସହ ଘନିଷ୍ଠତା) ଆମକୁ ସୁଯୋଗ ଦେଉଛି।" ସବୁଠାରୁ ବଡ଼ କଥା ହେଲା ଆମେରିକା ଉଭୟ ଦେଶ ସହ ସମ୍ପର୍କ ରଖିବାରୁ ଭାରତ-ପାକିସ୍ତାନ ମଧ୍ୟରେ ବଡ଼ ଧରଣର ଯୁଦ୍ଧକୁ ରୋକିପାରୁଛି ବୋଲି ରୁବିଓ କହିଛନ୍ତି।ଭାରତ ସହ ସମ୍ପର୍କ ଦୀର୍ଘଦିନର । ହେଲେ ପାକିସ୍ତାନ ସହ ସମ୍ପର୍କ ନିକଟ ବର୍ଷଗୁଡ଼ିକରେ ସୁଧୁରି ଆସିଛି। ଉଭୟ ପକ୍ଷ ସହ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଏହା ୱାଶିଂଟନକୁ ଏକ ସୁଯୋଗ ଦେଇଛି। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ପୁଣି ଏକ ଯୁଦ୍ଧ ହେଉ ଏକଥା ଆମେରିକା ଚାହୁଁନି ବରଂ ଦୁଇ ଦେଶ ପରସ୍ପର ସହ ବେପାରବଣିଜ ଉପରେ ଗୁରୁତ୍ୱ ଦିଅନ୍ତୁ। ପରସ୍ପରକୁ ସହଯୋଗ କରି ସମୃଦ୍ଧ ଓ ସୁରକ୍ଷା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ ବୋଲି ଆମେରିକା ଚାହୁଁଥିବା ରୁବିଓ କହିଛନ୍ତି।ଆତଙ୍କବାଦ ବିରୁଦ୍ଧରେ ଭାରତ ସହ ସ୍ୱର ମିଳାଇଛି ଆମେରିକା। ଆମେରିକା ମଧ୍ୟ ଆତଙ୍କବାଦର ଶିକାର ହୋଇଛି। ତେଣୁ ୟୁଏସ ସାରା ବିଶ୍ୱରେ ଆତଙ୍କବାଦ ବିରୋଧୀ ଲଢେଇ ଜାରି ରଖିଛି। ଆତଙ୍କବାଦ ପଛରେ ଆମେରିକା ଅପେକ୍ଷା ବିଶ୍ୱର ଅନ୍ୟ କୌଣସି ଦେଶ ଅଧିକ କିଛି କରେ ନାହିଁ। ଆଇଏସଆଇଏସଆଇ ବିରୁଦ୍ଧରେ ହେଉ କିମ୍ବା ଅଲ-କାଏଜା ବିରୁଦ୍ଧରେ ଆମେରିକା ହିଁ କାର୍ଯ୍ୟାନୁଷ୍ଠାନ ନେଇଛି ବୋଲି ସେ କହିଛନ୍ତି। ଯେଉଁ ଦେଶ ପ୍ରତି ଆତଙ୍କବାଦର ବିପଦ ଆସିବ, ସେ ଭାରତ ହେଉ ନ କାହିଁକି ଆମେରିକା ସେମାନଙ୍କ ବିରୁଦ୍ଧରେ ଲଢେଇ କରିବ ବୋଲି ରୁବିଓ କହିଛନ୍ତି।





# ଆରୋହଣ ଫାଇନାନ୍ସିଆଲ୍ ସର୍ଭିସେସ୍ ପକ୍ଷରୁ ନୂତନ ଋଣ ଉପରେ ୧.୨୫% ପର୍ଯ୍ୟନ୍ତ ସୁଧ ହାରରେ ରିହାତି ଘୋଷଣା

**ଭୁବନେଶ୍ୱର, ୨୨।୧୦ (ନି.ପ୍ର) :** ଟେକ୍ନୋଲୋଜି ଆଧାରିତ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ତଥା ମାଇକ୍ରୋଫାଇନାନ୍ସ ସଂସ୍ଥା ଆରୋହଣ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ଯୋଗ୍ୟ ବର୍ତ୍ତମାନର ଋଣଗ୍ରହୀତାମାନଙ୍କ ପାଇଁ ନୂତନ ଋଣ ଉପରେ ୧.୨୫% ପର୍ଯ୍ୟନ୍ତ ସୁଧ ହାରରେ ରିହାତି ପ୍ରଦାନ କରିବା ନିମନ୍ତେ ଏକ ସୀମିତ ସମୟର ଅଫର୍ ଘୋଷଣା କରାଯାଇଛି। ଏହି ଅଫର୍ ୨ ଅକ୍ଟୋବର, ୨୦୨୬ରୁ କାର୍ଯ୍ୟକାରୀ ହୋଇଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସେମାନଙ୍କ ବ୍ୟବସାୟକୁ ସୁଦୃଢ଼ କରିବା ସହିତ ଉତ୍ସବ ଋତୁରେ ବୃଦ୍ଧି ପାଉଥିବା ଚାହିଦାର ସୁଯୋଗ ନେବାରେ ସହାୟତା କରିବା। ୨୦୨୫ ଡିସେମ୍ବର ୩୧ ସୁଦ୍ଧା, ଆରୋହଣ ୧୭ଟି ରାଜ୍ୟର ୩୨୦ଟି ଜିଲ୍ଲାରେ ଥିବା ୧,୦୭୩ଟି ଶାଖାର ନେଟୱାର୍କ ମାଧ୍ୟମରେ ପ୍ରାୟ ୨୦ ଲକ୍ଷ ଋଣଗ୍ରହୀତାଙ୍କୁ ସେବା ଯୋଗାଇ ଆସୁଥିଲା। ଏହାର ଶାଖା ନେଟୱାର୍କ କମ୍ପାନୀକୁ ବିଭିନ୍ନ ବଜାରରେ ନିଜର ଉପସ୍ଥିତି ବଜାୟ ରଖିବା ସହିତ ସେବା ପ୍ରଦାନ କରୁଥିବା



ଅଞ୍ଚଳଗୁଡ଼ିକର ଗ୍ରାହକମାନଙ୍କ ସହ ଯୋଗାଯୋଗ ଓ ସମ୍ପର୍କ ସ୍ଥାପନ କରିବାରେ ସହାୟତା କରେ। ଅନେକ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଉତ୍ସବ ଋତୁ ହେଉଛି ସାମଗ୍ରୀର ମହଜୁଦ ବୃଦ୍ଧି କରିବା, ଗ୍ରାହକଙ୍କ ବଢୁଥିବା ଚାହିଦା ପୂରଣ କରିବା ଏବଂ ବ୍ୟବସାୟର କାରବାର ବୃଦ୍ଧି କରିବାର ଏକ ସୁଯୋଗ। ଏହି ସମୟ ପାଇଁ ପ୍ରସ୍ତୁତ ହେବାରେ ଠିକ୍ ସମୟରେ ଋଣ ଉପଲବ୍ଧ ହେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରେ। ଏହି ଅଫର୍ ମାଧ୍ୟମରେ, ଆରୋହଣ ଯୋଗ୍ୟ ବର୍ତ୍ତମାନର ଋଣଗ୍ରହୀତାମାନଙ୍କୁ ରିହାତିଯୁକ୍ତ ସୁଧ ହାରରେ ଅତିରିକ୍ତ ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଦ୍ୱାରା ସେମାନେ ବ୍ୟବସାୟର ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ଖୋଜିପାରିବେ। "ଉତ୍ସବ ଋତୁ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ବ୍ୟବସାୟର ଅଭିବୃଦ୍ଧି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଆଣିଥାଏ। ସାମଗ୍ରୀ ମହଜୁଦ ରଖିବା ଏବଂ ଗ୍ରାହକଙ୍କ ବଢୁଥିବା ଚାହିଦା ପୂରଣ କରିବା ପାଇଁ ସେମାନଙ୍କୁ ପ୍ରାୟତଃ ଅତିରିକ୍ତ ପାଣ୍ଠିର ଆବଶ୍ୟକତା ପଡ଼ିଥାଏ। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ (DFS) ପକ୍ଷରୁ ପ୍ରଚଳିତ ଋଣ ଗ୍ୟାରେଣ୍ଟି ଯୋଜନା ଆମକୁ ଋଣ ଗ୍ୟାରେଣ୍ଟି କଭରେଜ୍ ପାଇବାରେ ସହାୟତା କରିଛି ଏବଂ ଆମେ ଏହାର ସୁଫଳ ଆମ ଗ୍ରାହକମାନଙ୍କ ସହ ବାଣ୍ଟିବାକୁ ଆଗ୍ରହୀ। ଏହି ପଦକ୍ଷେପ ମାଧ୍ୟମରେ, ଆମେ ଆମର ଯୋଗ୍ୟ ବର୍ତ୍ତମାନର ଋଣଗ୍ରହୀତାମାନଙ୍କୁ ଏହି ସୁଯୋଗଗୁଡ଼ିକର ସଦୁପଯୋଗ କରି ନିଜ ବ୍ୟବସାୟର ଅଭିବୃଦ୍ଧି କରିବାକୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ," ବୋଲି ଆରୋହଣ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମନୋଜକୁମାର ଏନ୍. ନମ୍ବିଆର କହିଛନ୍ତି।

# ହମାରା ବଚପନ ଟ୍ରଷ୍ଟ ରଜୋନିବୃତ୍ତି ଦିବସ ପାଳନ କରିବାକୁ ଓଡ଼ିଶା ଓ ମଧ୍ୟପ୍ରଦେଶରେ ୨୫ ସମ୍ପ୍ରଦାୟରେ ୧୦୦୦ରୁ ଅଧିକ ମହିଳାଙ୍କ ନିକଟରେ ପହଞ୍ଚିଲା

**ଭୁବନେଶ୍ୱର, ୨୨।୧୦ (ନି.ପ୍ର) :** ପ୍ରଥମ ଥର ପାଇଁ ଭୁବନେଶ୍ୱରସ୍ଥିତ ସର୍ବଭାରତୀୟ ଏନ୍‌ଜିଓ ହମାରା ବଚ୍ପନ ଟ୍ରଷ୍ଟ (ଏଚ୍‌ବିଟି) ଏହାର ଫ୍ୟୁଚର ରେଡି ଓମେନ୍ ପ୍ରୋଗ୍ରାମ (ଭବିଷ୍ୟତ ପାଇଁ ପ୍ରସ୍ତୁତ ମହିଳା କାର୍ଯ୍ୟକ୍ରମ) ଅଧୀନରେ ଏହାର ସମସ୍ତ କାର୍ଯ୍ୟକ୍ଷେତ୍ରରେ ବିଶ୍ୱ ରଜୋନିବୃତ୍ତି ଦିବସ (ୱାର୍ଲ୍ଡ ମେନୋପଜ୍ ଡେ) ପାଳନ କରିବାକୁ ପଦକ୍ଷେପ ଗ୍ରହଣ କରିବା ସହିତ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦୁଝର ଏବଂ କନ୍ଧମାଳ ଆଦି ଚାରିଟି ଜିଲ୍ଲା ଏବଂ ମଧ୍ୟପ୍ରଦେଶର ଗୋଟିଏ ଜିଲ୍ଲାରେ ୨୫ଟି ଗ୍ରାମାଞ୍ଚଳ, ଆଦିବାସୀ ବହୁଳ ଓ ସହରାଞ୍ଚଳ ସମୁଦାୟ, ସାତଟି ଗ୍ରାମପଞ୍ଚାୟତ ଓ ୫ଟି ବ୍ଲକ୍‌ରେ ୧୦୦୦ରୁ ଅଧିକ ମଧ୍ୟ ବୟସ୍କା ମହିଳାଙ୍କ ନିକଟରେ ପହଞ୍ଚିଛି। ରଜୋନିବୃତ୍ତିକୁ ନେଇ ରହିଥିବା ନୀରବତାକୁ ଭଙ୍ଗ କରିବା, ମଧ୍ୟ ବୟସ୍କା ମହିଳାଙ୍କର ସଚେତନତା ସ୍ତର ବୃଦ୍ଧି କରିବା ଏବଂ ମହିଳାମାନଙ୍କୁ ଲକ୍ଷଣଗୁଡ଼ିକ ଜାଣିବା ନିମନ୍ତେ ଉତ୍ସାହିତ କରିବା, ଉପଯୁକ୍ତ ସ୍ୱାସ୍ଥ୍ୟସେବାର ସୁଯୋଗ ନେବା ଏବଂ ସେମାନଙ୍କର ଶାରୀରିକ ଓ ଭାବନାତ୍ମକ କଲ୍ୟାଣକୁ ଅଗ୍ରାଧିକାର ଦେବା ନିମନ୍ତେ ଲକ୍ଷ୍ୟ ରଖିଛି। ୨୦୨୬ ବିଶ୍ୱ ରଜୋନିବୃତ୍ତି ଦିବସର ବିଷୟବସ୍ତୁ ହେଉଛି, "କ୍ରନିକ୍ ପେନ୍ ଆଟ ମିଡ୍‌ଲାଇଫ" (ମଧ୍ୟବୟସରେ ଦୀର୍ଘସ୍ଥାୟୀ ଯନ୍ତ୍ରଣା), ଏକ ଗୁରୁତ୍ୱପୂର୍ଣ୍ଣ ତଥା ମହିଳାଙ୍କ ସ୍ୱାସ୍ଥ୍ୟଗତ ପ୍ରସଙ୍ଗକୁ ନେଇ ବାରମ୍ବାର ଅଣଦେଖା କରାଯାଉଥିବା ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରୁଛି। ରଜୋନିବୃତ୍ତି ଜୀବନର ଏକ ସ୍ୱାଭାବିକ ପର୍ଯ୍ୟାୟ, କିନ୍ତୁ ଏହା ସହିତ ସଂପୃକ୍ତ ଶାରୀରିକ ଏବଂ ଭାବନାତ୍ମକ ପରିବର୍ତ୍ତନ ଅନେକ ସମୟରେ ଉପଯୁକ୍ତ ଭାବରେ ବୁଝାଯାଏ ନାହିଁ। ହଠାତ୍ ଶରୀର ଗରମ ହୋଇଯିବା, ନିଦ୍ରାରେ ବ୍ୟାଘାତ, ଚିନ୍ତା, ମାନସିକ ଦ୍ୱନ୍ଦ୍ୱ ତଥା ଅସ୍ଥି ଓ ଗଣ୍ଠି ଯନ୍ତ୍ରଣା ଭଳି ଲକ୍ଷଣଗୁଡ଼ିକ ମହିଳାମାନଙ୍କର ସ୍ୱାସ୍ଥ୍ୟ, ସମ୍ପର୍କ, ଜୀବିକା ଓ ଜୀବନର ମାନ ଉପରେ ପ୍ରଭାବ ପକାଇପାରେ।

ଅନେକ ସମ୍ପ୍ରଦାୟରେ ସୀମିତ ସଚେତନତା, ଲାଗିରହିଥିବା ଭ୍ରାନ୍ତଧାରଣା, ସାମାଜିକ ଲାଞ୍ଛନା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ପର୍ଯ୍ୟାପ୍ତ ଭାବରେ ଉପଲବ୍ଧ ନହେବା ଦ୍ୱାରା ତାହା ମହିଳାମାନଙ୍କୁ ସେମାନଙ୍କର ଅନୁଭୂତି ସମ୍ପର୍କରେ




ଆଲୋଚନା କରିବା ଅଥବା ସମୟୋଚିତ ଭାବରେ ଡାକ୍ତରୀ ପରାମର୍ଶ ଲୋଡିବାରୁ ରୋକିଥାଏ। ଏହାର ପ୍ରଭାବ ବ୍ୟକ୍ତିଗତ ମହିଳାଙ୍କ ଉର୍ଦ୍ଧ୍ୱକୁ ଯାଇ ତାହା ପରିବାର, କାର୍ଯ୍ୟସ୍ଥଳ ଏବଂ ଗୋଷ୍ଠୀଗୁଡ଼ିକ ଉପରେ ପଡ଼ିଥାଏ। ଏହି ପ୍ରୟାସ ଜରିଆରେ ହମାରା ବଚ୍ପନ ଟ୍ରଷ୍ଟ ରଜୋନିବୃତ୍ତି ସମ୍ପର୍କିତ ସଚେତନତାକୁ ମହିଳାଙ୍କ ସ୍ୱାସ୍ଥ୍ୟ, ଇଜ୍ଜତ ଏବଂ ସଶକ୍ତିକରଣର ଏକ ଅତ୍ୟାବଶ୍ୟକ ଅଂଶ ଭାବରେ ଉପସ୍ଥାପନ କରୁଛି। ଏହି କାର୍ଯ୍ୟକ୍ରମ ୪୦ରୁ ୫୫ ବର୍ଷ ବୟସ୍କା ମହିଳାମାନଙ୍କ ଉପରେ ଦୃଷ୍ଟିନିବଦ୍ଧ କରିବା ସହିତ ରଜୋନିବୃତ୍ତି, ତାହାର ଲକ୍ଷଣଗୁଡ଼ିକ, ପୁଷ୍ଟିସାଧନ, ନିଦ୍ରା, ମାନସିକ ସୁସ୍ଥତା ତଥା ଆବଶ୍ୟକ ସମୟରେ ଡାକ୍ତରୀ ଯତ୍ନ ଲୋଡିବାର ଗୁରୁତ୍ୱକୁ ନେଇ ଆଲୋଚନା କରିବା ସକାଶେ ନିରାପଦ ଓ ସମର୍ଥନମୂଳକ ସ୍ଥାନ ଯୋଗାଇଦେଉଛି। ଏକମାସ ବ୍ୟାପୀ ସଚେତନତା ଅଭିଯାନର ଅଂଶ ଭାବରେ ଏଚ୍‌ବିଟି ସଚେତନତା ବୈଠକ ଓ ଗୋଷ୍ଠୀ-ସ୍ତରୀୟ ନିୟୋଜନତା କାର୍ଯ୍ୟକ୍ରମ ହାତକୁ ନେଉଛି। ଭୁବନେଶ୍ୱରରେ ଏହି କାର୍ଯ୍ୟକଳାପ ମଧ୍ୟରେ ମହିଳାମାନଙ୍କୁ ସେମାନଙ୍କର ଅନୁଭୂତି ପ୍ରକାଶ କରିବା, ଭ୍ରାନ୍ତଧାରଣା ସମ୍ପର୍କରେ ପ୍ରଶ୍ନ ପଚାରିବା ଏବଂ ପରସ୍ପର ନିକଟରୁ ଶିକ୍ଷାଲାଭ କରିବା ସକାଶେ ଦଳଗତ ଆଲୋଚନା, ସୃଜନଶୀଳ ଚିତ୍ରାଙ୍କନ ଅଧିବେଶନ ଓ ମୁକ୍ତଗୃହ ଆଲୋଚନା ଆଦି ଅନ୍ତର୍ଭୁକ୍ତ। ଯୋଜନାବଦ୍ଧ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍‌ସି) ଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି ସ୍ୱାସ୍ଥ୍ୟ ଯାଞ୍ଚ, ଯୋଗ ଓ ପ୍ରାଣାୟାମ ଅଧିବେଶନ, ସେମାନଙ୍କ ଗୋଷ୍ଠୀଗୁଡ଼ିକରେ ରଜୋନିବୃତ୍ତି ଚମ୍ପିଅନ୍ ଭାବରେ ସେବା ଯୋଗାଇବାକୁ ଅଧିସ୍ୱୀକୃତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) ଏବଂ ଅଙ୍ଗନବାଡ଼ି କର୍ମୀ (ଏଡବ୍ଲ୍ୟୁଡବ୍ଲ୍ୟୁ)ମାନଙ୍କର ସାମର୍ଥ୍ୟ ନିର୍ମାଣ ଆଦି ଅନ୍ତର୍ଭୁକ୍ତ ରହିଛି। କନ୍ଧମାଳ, କେନ୍ଦୁଝର, ଭୁବନେଶ୍ୱର ଓ ପୁରୀ ତଥା ସମାନ ସମୟରେ ମଧ୍ୟ ପ୍ରଦେଶରେ ସଂପୃକ୍ତ ଅଂଶୀଦାରମାନଙ୍କୁ ସାମିଲ କରି ବ୍ଲକ୍-ସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ମଧ୍ୟ ଯୋଜନା କରାଯାଉଛି। ଗୋଷ୍ଠୀସ୍ତରୀୟ ସଚେତନତା, ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ନିୟୋଜନତା ଏବଂ ସମ୍ମୁଖଭାଗ କର୍ମୀଙ୍କ ସାମର୍ଥ୍ୟ ନିର୍ମାଣକୁ ସମ୍ମିଶ୍ରିତ କରି ଏଚ୍‌ବିଟି ମଧ୍ୟ ବୟସର ଜୀବନ ଓ ରଜୋନିବୃତ୍ତି ସମୟ ଦେଇ ଗତି କରୁଥିବା ମହିଳାମାନଙ୍କ ପାଇଁ ଉପଲବ୍ଧ ସ୍ଥାନୀୟ ସମର୍ଥନକାରୀ ବ୍ୟବସ୍ଥା ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

# ଭିଏଏମ୍‌ଏଲ୍ ମା' ଦୁର୍ଗାଙ୍କ ଆରାଧନା ସହିତ ଶକ୍ତି ଓ ଏକତାର ଉତ୍ସବକୁ ପାଳନ କରିଛି

**ଭୁବନେଶ୍ୱର, ୨୨।୧୦ (ନି.ପ୍ର):** ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ବିଏଏଲ୍‌ଓ, ଝାରସୁଗୁଡ଼ା, ଲାଞ୍ଜିଗଡ଼ ଓ ଖଣି କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ସାଂସ୍କୃତିକ ତଥା ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ନବରାତ୍ରି ଓ ଦୁର୍ଗାପୂଜା ପାଳନ କରାଯାଇଛି। ପରମ୍ପରା ଓ ସାମାଜିକ ଏକତାକୁ ଯୋଡ଼ିବାରେ ପର୍ବପର୍ବାଣିର ଗୁରୁତ୍ୱକୁ ଆଧାର କରି ଆୟୋଜିତ ଏହି ଉତ୍ସବରେ କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଓ ସ୍ଥାନୀୟ ସମୁଦାୟ ଏକାଠି ହୋଇଥିଲେ। ଧାର୍ମିକ ରୀତିନୀତି, ସାଂସ୍କୃତିକ ପରିବେଷଣ ଓ ଉତ୍ସବମୁଖର ସମାବେଶ ମାଧ୍ୟମରେ ଭାରତୀୟ ପରମ୍ପରାର ସମୃଦ୍ଧିକୁ ପ୍ରତିଫଳିତ କରିବା ସହ ପାରସ୍ପରିକ ସମ୍ପର୍କକୁ ଅଧିକ ସୁଦୃଢ଼ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, 'ନବରାତ୍ରି ଓ ଦଶହରା ଅବସରରେ ଭିଏଏମ୍‌ଏଲ୍ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଦେଖାଦେଇଥିବା ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଆନନ୍ଦଦାୟକ ଥିଲା। ମା' ଦୁର୍ଗାଙ୍କ ନଅଟି ସ୍ୱରୂପର ଆରାଧନାଠାରୁ ଆରମ୍ଭ କରି ଧର୍ମ, ନ୍ୟାୟ ଓ ଅଧ୍ୟବସାୟର ବିଜୟର ପ୍ରତୀକ ପ୍ରଭୁ ଶ୍ରୀରାମଙ୍କ ବିଜୟ ଉତ୍ସବ ପର୍ଯ୍ୟନ୍ତ, ଏହି ପର୍ବଗୁଡ଼ିକ ଆମ ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ପ୍ରତିଫଳିତ କରିଛି। ଏହି ଉତ୍ସବଗୁଡ଼ିକର ବିଶେଷତ୍ୱ ହେଉଛି, ଏହା କର୍ମଚାରୀ, ପରିବାରବର୍ଗ ଓ ସ୍ଥାନୀୟ ସମୁଦାୟକୁ ଏକାଠି କରି ଆମର ସମସ୍ତ କାର୍ଯ୍ୟକ୍ଷେତ୍ରରେ ଆନନ୍ଦ, ଆତ୍ମୀୟତା ଓ ସହଭାଗିତାର ମୁହୂର୍ତ୍ତ ସୃଷ୍ଟି କରିଛି।' 'ବେଦାନ୍ତ ଆଲୁମିନିୟମର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପାରମ୍ପରିକ ରୀତିନୀତି ସହ ସାମୂହିକ ସହଭାଗିତାର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଥିଲା। ବିଏଏଲ୍‌ଓରେ



ନବରାତ୍ରି ଅବସରରେ ବାଲକୋନଗର ଉତ୍ସବମୁଖର ହୋଇଉଠିଥିଲା। କର୍ମଚାରୀ, ସେମାନଙ୍କ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦାମାନେ ଗର୍ବା ନୃତ୍ୟ, ସର୍ବସାଧାରଣ ଦୁର୍ଗାପୂଜା ମଣ୍ଡପ ଏବଂ ପର୍ବର ଭାବଧାରାକୁ ପ୍ରଦର୍ଶିତ କରୁଥିବା ଫଟୋ ପ୍ରଦର୍ଶନୀରେ ସାମିଲ ହୋଇଥିଲେ। ଏହି ଆୟୋଜନ ସମଗ୍ର ଟାଉନସିପ୍ ଓ ନିକଟବର୍ତ୍ତୀ ଅଂଚଳର ଲୋକଙ୍କ ମଧ୍ୟରେ ଉତ୍ସବର ଆନନ୍ଦ ଓ ସାଂସ୍କୃତିକ ଗର୍ବର ଭାବନାକୁ ଆହୁରି ବଢ଼ାଇଥିଲା। ଝାରସୁଗୁଡ଼ାରେ ମଧ୍ୟ ଧାର୍ମିକ ଆସ୍ଥା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସମାହାରରେ ଦୁର୍ଗାପୂଜା ପାଳିତ ହୋଇଥିଲା। ମହାସପ୍ତମୀ, ମହାଷ୍ଟମୀ, ପୁଷ୍ପାଞ୍ଜଳି ଓ ସନ୍ଧ୍ୟା ଆଳତି ଭଳି ପାରମ୍ପରିକ ଧାର୍ମିକ କାର୍ଯ୍ୟକ୍ରମ ଉତ୍ସବର ଆଧ୍ୟାତ୍ମିକ ମହତ୍ତ୍ୱକୁ ପ୍ରତିପାଦିତ କରିଥିଲା। ଅନ୍ୟପକ୍ଷରେ ଡାଣ୍ଡିଆ, ସଙ୍ଗୀତ ପରିବେଷଣ, ନୃତ୍ୟ କାର୍ଯ୍ୟକ୍ରମ ଓ ମା'ଙ୍କ ଜାଗରଣ ଉତ୍ସବରେ ଉତ୍ସାହ ଓ ଉଲ୍ଲାସ ଭରିଦେଇଥିଲା। ବିଜୟାଦଶମୀ ଅବସରରେ ରାମଲୀଳା ଓ ରାବଣପୋଡ଼ି କାର୍ଯ୍ୟକ୍ରମ ସହ ଉତ୍ସବର ସମାପନ ହୋଇଥିଲା। ଏହା ଅସତ୍ୟ ଉପରେ ସତ୍ୟ ଓ ଅଧର୍ମ ଉପରେ ଧର୍ମର ବିଜୟର ବାର୍ତ୍ତା ପ୍ରଦାନ କରିଥିଲା। ଲାଞ୍ଜିଗଡ଼ରେ ଏହି ଉତ୍ସବ ଆସ୍ଥା, କାରିଗରୀ ଓ ପରିବେଶ ସଂରକ୍ଷଣ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରିଥିଲା। ପୂଜା ପାଇଁ ସ୍ଥାପିତ ମା' ଦୁର୍ଗାଙ୍କ ମୂର୍ତ୍ତିକୁ ବାରାଣସୀର ତୃତୀୟ ପିଢ଼ିର ଜଣେ କାରିଗର ପବିତ୍ର ଗଙ୍ଗା ମାଟିରେ ହାତରେ ତିଆରି କରିଥିଲେ। ସମ୍ପୂର୍ଣ୍ଣ ପ୍ରାକୃତିକ ସାମଗ୍ରୀରେ ନିର୍ମିତ ଏହି ପରିବେଶ ଅନୁକୂଳ ମୂର୍ତ୍ତି ପର୍ବର ଆଧ୍ୟାତ୍ମିକ ମହତ୍ତ୍ୱ ସହ ପରିବେଶ ପ୍ରତି ଦାୟିତ୍ୱବୋଧକୁ ମଧ୍ୟ ପ୍ରତିଫଳିତ କରିଥିଲା। ବେଦାନ୍ତର ଖଣି କାର୍ଯ୍ୟକ୍ଷେତ୍ରରେ ମଧ୍ୟ ଦୁର୍ଗାପୂଜାକୁ ନେଇ ଉତ୍ସାହ ଦେଖିବାକୁ ମିଳିଥିଲା। ରାୟଗଡ଼ର ଏସ୍‌କେଏସ୍ ଟାଓ୍ୱାର୍ସଠାରେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଏକାଠି ହୋଇ ପାରମ୍ପରିକ ପୂଜାବିଧି, ଡାଣ୍ଡିଆ ରାତ୍ରି ଓ ପାରିବାରିକ ଭୋଜନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କର୍ମକ୍ଷେତ୍ର ବାହାରେ ସହକର୍ମୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଏକାଠି ହେବାର ସୁଯୋଗ ଦେଇଥିବା ଏହି ଆୟୋଜନ ପାରସ୍ପରିକ ସୌହାର୍ଦ୍ଦ୍ୟ, ସହଯୋଗ ଓ ଆତ୍ମୀୟତାକୁ ଆହୁରି ମଜବୁତ କରିଥିଲା। ବେଦାନ୍ତ ଆଲୁମିନିୟମର ସମସ୍ତ କାର୍ଯ୍ୟକ୍ଷେତ୍ରରେ ନବରାତ୍ରି ଓ ଦୁର୍ଗାପୂଜା ଆସ୍ଥା, ସାମୂହିକ ଅଂଶଗ୍ରହଣ ଓ ମିଳିତ ଅନୁଭୂତି ମାଧ୍ୟମରେ ଲୋକଙ୍କୁ ଏକାଠି କରିବା ସହ ସାଂସ୍କୃତିକ ପରମ୍ପରା ଓ ସାମାଜିକ ଏକତାକୁ ସୁଦୃଢ଼ କରିଛି।

# ପିଏଟିରେ ୨୬.୫% ଅଭିବୃଦ୍ଧି ହାସଲ କରିଛି ଆଇସିଆଇସିଆଇ ଲାଇଫ

**ଭୁବନେଶ୍ୱର, ୨୨।୧୦ (ନି.ପ୍ର) :** ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ଲିମିଟେଡର ରିଟେଲ ପ୍ରୋଟେକ୍ସନ ସେଗମେଂଟ ବାର୍ଷିକ ଆଧାରରେ ୪୭.୨% ବୃଦ୍ଧି ପାଇଥିବା ବେଳେ ଆନୁଇଟି ସେଗମେଂଟ ବାର୍ଷିକ ୫୦% ବୃଦ୍ଧି ପାଇଛି। ଯାହାଫଳରେ କମ୍ପାନୀର ରିଟେଲ ସମ୍ ଆସ୍ୟୋରଡ ବା ବୀମା ସୁରକ୍ଷା ରାଶି ବାର୍ଷିକ ଆଧାରରେ ୩୪.୯% ବୃଦ୍ଧି ହୋଇ ୨.୩୨ ଲକ୍ଷ କୋଟି ଟଙ୍କାରେ ପହଂଚିଛି ଯାହା ଗ୍ରାହକଙ୍କ ଦିଆଯାଉଥିବା କଭରେଜ କ୍ଷେତ୍ରରେ ଏକ ଅର୍ଥପୂର୍ଣ୍ଣ ସମ୍ପ୍ରସାରଣକୁ ପ୍ରତିଫଳନ କରୁଛି। ଏହି ଅବଧିରେ କମ୍ପାନୀର ନୂଆ ବ୍ୟବସାୟ ପ୍ରିମିୟମ ବାର୍ଷିକ ୨୫.୦% ବୃଦ୍ଧି ହୋଇ ୧୧,୮୨୧ କୋଟି ଟଙ୍କା ରହିଥିବା ବେଳେ ଭାଲ୍ୟୁ ଅଫ୍ ନ୍ୟୁ ବିଜନେସ୍ (ଭିଏନବି) ୨୬%ର ମାର୍ଜିନ ସହ ୨୨.୩% ବୃଦ୍ଧି ହୋଇ ୧୨୮୩ କୋଟି ଟଙ୍କା ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ ବା ପିଏଟି ବାର୍ଷିକ ୨୬.୫% ବୃଦ୍ଧି ହୋଇ ୭୬୦ କୋଟି ଟଙ୍କା ରହିଛି। ଅନ୍ୟପକ୍ଷରେ ଗତ ସେପ୍ଟେମ୍ବର ୩୦ ତାରିଖରେ ଶେଷ

ହୋଇଥିବା ୨ୟ ତ୍ରୈମାସିକ ଫଳାଫଳକୁ ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ଲିମିଟେଡର ବୋର୍ଡ ନିର୍ଦ୍ଦେଶକଙ୍କ ଦ୍ୱାରା ଅନୁମୋଦନ ଓ ଗ୍ରହଣ କରାଯାଇଛି।

ଏହି ଫଳାଫଳ ସମ୍ପର୍କରେ ଆଇସିଆଇସିଆଇ ଲାଇଫ ଇନ୍ସୁରାନ୍ସ ଲିମିଟେଡର ମୁଖ୍ୟ ପରିଚାଳନା ଅଧିକାରୀ, ସିଦ୍ଧାର୍ଥ ମିଶ୍ର କହିଛନ୍ତି, 'ଗ୍ରାହକ କୈନ୍ଦ୍ରିକତା ସବୁବେଳେ ଆଇସିଆଇସିଆଇ ଲାଇଫର ମୂଳ ନୀତି ରହିଆସିଛି ଏବଂ ଏହି ସ୍ଥାୟୀ ପ୍ରତିବଦ୍ଧତା ଆଗାମୀ ବର୍ଷଗୁଡ଼ିକରେ ଆମର ସମସ୍ତ କାର୍ଯ୍ୟକୁ ମାର୍ଗଦର୍ଶନ ଦେବ। ପ୍ରୋଟେକ୍ସନ ଓ ଆନୁଇଟି ପ୍ଲାନ ଆମର ଦୀର୍ଘକାଳିନ ରଣନୀତିର କେନ୍ଦ୍ରବିନ୍ଦୁ ରହିଆସିଛି। ଏକ ବିବିଧ ବିତରଣ ନେଟୱାର୍କ, ଅଭିନବ ଓ ଗ୍ରାହକ କେନ୍ଦ୍ରିତ ଉତ୍ପାଦ ପୋର୍ଟଫୋଲିଓ, ଗ୍ରାହକ ପ୍ରଥମ ବିକ୍ରି ଓ ସେବା, ଶିଳ୍ପ ଅଗ୍ରଣୀ ଗୁଣବତ୍ତା ପରିମାପ, ମଜବୁତ ରିସ୍କ ଓ ପୁଁଜି ପରିଚାଳନା କ୍ଷମତା ସମର୍ଥନରେ ଆମେ ଏକ ସ୍ଥିର ଓ ସକ୍ଷମ ସଂସ୍ଥା ଅଟୁ ଯାହା ସଫଳତାର ସହ ଉଦୀୟମାନ ସୁଯୋଗଗୁଡ଼ିକୁ ହାସଲ କରିପାରୁଛି। ଆମେ ବ୍ୟବସାୟ ଓ ଲାଭକୁ ସଂତୁଳିତ ରଖି ଏବଂ ବିପଦକୁ ଚତୁରତାର ସହ ପରିଚାଳନା କରିବା ସହ ସ୍ଥାୟୀ ଭିଏନବି ଅଭିବୃଦ୍ଧି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ।'

# ଟାନେଇରା ନିଜର ନୂଆ ପାର୍ବଣ ଅଭିଯାନ ଓ କଲେକ୍ସନ୍ 'ଷୋଳ ଶୃଙ୍ଗାର' ମାଧ୍ୟମରେ ପାଳନ କରୁଛି

**ଭୁବନେଶ୍ୱର, ୨୨।୧୦ (ନି.ପ୍ର) :** ଭାରତରେ ଶୃଙ୍ଗାର ସର୍ବଦା ଏକ ବ୍ୟକ୍ତିଗତ ଅଭିବ୍ୟକ୍ତି ଭାବେ ରହିଆସିଛି। ବିଭିନ୍ନ ଅଞ୍ଚଳ, ସମ୍ପ୍ରଦାୟ ଓ ପିଢ଼ି ଅନୁସାରେ ଏହାର ରୂପ ବଦଳିଥାଇପାରେ, କିନ୍ତୁ କିଛି ପରମ୍ପରା ଏପରି ରହିଛି, ଯାହାକୁ ପ୍ରତ୍ୟେକ ମହିଳା ସହଜରେ ବୁଝିପାରନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି ଘରୁ ବାହାରିବା ପୂର୍ବରୁ ଦର୍ପଣରେ ନିଜକୁ ଶେଷ ଥର ପାଇଁ ଦେଖିବା। ଏହି ମୁହୂର୍ତ୍ତ ସାଧାରଣତଃ କୌଣସି ଉତ୍ସବ ପାଇଁ ପ୍ରସ୍ତୁତ ହେବାର ବ୍ୟସ୍ତତା ମଧ୍ୟରେ ଆସିଥାଏ। କେବେ ଘରର ଦର୍ପଣ ସାମ୍ନାରେ, କେବେ ଲିଫ୍ଟରେ, କାର୍‌ର ଝରକାରେ କିମ୍ବା କାଚ ଦ୍ୱାରରେ ନିଜ ପ୍ରତିବିମ୍ବକୁ ଦେଖିବା ସମୟରେ। ଶାଢ଼ିର ପଲ୍ଲୁକୁ ଠିକ୍ କରିବା, ଅଳଙ୍କାରକୁ ସଜାଡ଼ିବା କିମ୍ବା କେଶର ଏକ ଲଟକୁ ସଜାଇବା। ଆଉ ବେଳେବେଳେ କିଛି ବଦଳାଇବାର ଆବଶ୍ୟକତା ମଧ୍ୟ ନଥାଏ। ସେହି କ୍ଷଣିକ ମୁହୂର୍ତ୍ତରେ ସେ କେବଳ ନିଜକୁ ନିଜେ ନିରୀକ୍ଷଣ କରନ୍ତି। ଅନ୍ୟ କାହା ପରି ହେବା ପାଇଁ ନୁହେଁ, ବରଂ ନିଜର ପ୍ରକୃତ ସୌନ୍ଦର୍ଯ୍ୟକୁ ଅନୁଭବ କରିବା ଓ ତାହାକୁ ପ୍ରଶଂସା କରିବା ପାଇଁ, ଯାହା ପରେ ସେ ପୁଣି ଦୁନିଆର ବ୍ୟସ୍ତତା ମଧ୍ୟକୁ ଫେରିଯାଆନ୍ତି। ନିଜକୁ ନିଜେ ପ୍ରଶଂସା କରିବାର ଏହି ଅକୁହା ଭାବନାକୁ ଟାଟା ଗ୍ରୁପ୍ ?ର ବ୍ରାଣ୍ଡ ଟାନେଇରା ନିଜର ନୂଆ ପାର୍ବଣ ଅଭିଯାନ ଓ କଲେକ୍ସନ୍ 'ଷୋଳ ଶୃଙ୍ଗାର' ମାଧ୍ୟମରେ ପାଳନ କରୁଛି। ଭାରତର ସମୃଦ୍ଧ ଅଳଙ୍କାର ଓ ଶୃଙ୍ଗାର ପରମ୍ପରାରୁ ପ୍ରେରଣା ନେଇ ଏହି ଅଭିଯାନ କେବଳ ସଜେଇ ହେବାର ସୌନ୍ଦର୍ଯ୍ୟ ନୁହେଁ, ବରଂ ନିଜ ପାଇଁ କିଛି ସମୟ ବାହାର କରିବାର ଆନନ୍ଦକୁ ମଧ୍ୟ ଏକ ଆଧୁନିକ ଦୃଷ୍ଟିକୋଣରେ ଉପସ୍ଥାପନ କରୁଛି। ଟାନେଇରାର 'ଷୋଳ ଶୃଙ୍ଗାର' ପାର୍ବଣ କଲେକ୍ସନ୍ ?ରେ ଏହି ଦର୍ଶନର ପ୍ରତିଫଳନ ଦେଖିବାକୁ ମିଳିଛି। ଭାରତର ବିଭିନ୍ନ ଶୃଙ୍ଗାର ପରମ୍ପରାରୁ ପ୍ରେରଣା ନେଇ ଏହି କଲେକ୍ସନ୍‌କୁ ଆଧୁନିକ ମହିଳାଙ୍କ ପସନ୍ଦ ଓ ଜୀବନଶୈଳୀ ଅନୁଯାୟୀ ନୂଆ ରୂପ ଦିଆଯାଇଛି। ଏଥିରେ ବିଳାସପୂର୍ଣ୍ଣ ସିଲ୍କ, ଅର୍ଗାଞ୍ଜା, ଟିସ୍ୟୁ, ଟସର ଏବଂ ପାରମ୍ପରିକ ପାର୍ବଣ ବୁଣାକାମର ସମାହାର ରହିଛି। ଦେଶର ପ୍ରସିଦ୍ଧ ବୁଣାକାର କେନ୍ଦ୍ରଗୁଡ଼ିକର ସୂକ୍ଷ୍ମ କାରିଗରିକୁ ଟାନେଇରାର ନିଜସ୍ୱ ଡିଜାଇନ୍ ଶୈଳୀ ସହିତ ମିଶାଯାଇଛି। ଆକର୍ଷଣୀୟ



ମୋଟିଫ୍ ?, ସୁନ୍ଦର ବିବରଣୀ ଏବଂ ପାରମ୍ପରିକ କଳାର ଆଧୁନିକ ରୂପାନ୍ତର ମାଧ୍ୟମରେ ଏହି ଶାଢ଼ିଗୁଡ଼ିକ ଭାରତୀୟ ବସ୍ତ୍ରକଳାର ସୌନ୍ଦର୍ଯ୍ୟକୁ ପ୍ରକାଶ କରୁଛି। ପାର୍ବଣ ସମୟରେ ଗ୍ରାହକଙ୍କ ସପିଂ ଅନୁଭୂତିକୁ ଆହୁରି ଖାସ୍ କରିବା ପାଇଁ ଟାନେଇରା ପକ୍ଷରୁ ଅଭିଯାନ ଅବଧି ମଧ୍ୟରେ କ୍ରୟ ଉପରେ ସ୍ୱତନ୍ତ୍ର ଉପହାର ଭାଉଚର୍ ପ୍ରଦାନ କରାଯାଉଛି। ଏହି ଅଫର୍ ଦେଶବ୍ୟାପୀ ଟାନେଇରା ଷ୍ଟୋର୍ ?ଗୁଡ଼ିକରେ ଉପଲବ୍ଧ ରହିବ। ଏଥିପାଇଁ ନିୟମ ଓ ସର୍ତ୍ତାବଳୀ ଲାଗୁ ହେବ। ଶୃଙ୍ଗାର ପରି ଟାନେଇରାର ଏକ ଶାଢ଼ି ମଧ୍ୟ ତାହା ପିନ୍ଧୁଥିବା ମହିଳାଙ୍କ ପରିଚୟ ନିର୍ଦ୍ଧାରଣ କରିବା ପାଇଁ ନୁହେଁ, ବରଂ ତାଙ୍କର ସ୍ୱାଭାବିକ ସୌନ୍ଦର୍ଯ୍ୟକୁ ଆହୁରି ଉଜ୍ଜ୍ୱଳ କରିବା ପାଇଁ ଉଦ୍ଦିଷ୍ଟ। ପାରିବାରିକ ଐତିହ୍ୟରୁ ମିଳିଥିବା ଅଳଙ୍କାର, ଆଧୁନିକ ଶୈଳୀରେ ଶାଢ଼ି ପିନ୍ଧିବା କିମ୍ବା ନିଜସ୍ୱ ପସନ୍ଦର ସ୍ପର୍ଶ—ପ୍ରତ୍ୟେକ ଶାଢ଼ି ତାଙ୍କ ବ୍ୟକ୍ତିତ୍ୱର ଏକ ଅଂଶ ହୋଇଯାଏ। ଶାଢ଼ି ତାଙ୍କ ସୌନ୍ଦର୍ଯ୍ୟକୁ ବଢ଼ାଏ, କିନ୍ତୁ ଶାଢ଼ିକୁ ଏବଂ ପ୍ରତ୍ୟେକ ଶୃଙ୍ଗାରକୁ ପୂର୍ଣ୍ଣତା ଦିଅନ୍ତି ସେହି ମହିଳା ନିଜେ। ଏହି ଅଭିଯାନର ମୂଳ ଭାବନା ହେଉଛି—'ଆପ୍ ସେ ହି ପୂରା, ହର ଶୃଙ୍ଗାର'। ଏହା ଏକ ସରଳ କିନ୍ତୁ ଅର୍ଥପୂର୍ଣ୍ଣ ବିଶ୍ୱାସକୁ ପ୍ରକାଶ କରେ: ଶୃଙ୍ଗାରର ଅର୍ଥ ଅନ୍ୟ କାହା ପରି ହେବା ନୁହେଁ, ବରଂ ନିଜକୁ ଆହୁରି ଭଲ ଭାବରେ ଅନୁଭବ କରିବା। ପରମ୍ପରା, ଶୈଳୀ ଓ ଅଳଙ୍କାର ଭିନ୍ନ ହୋଇପାରେ, କିନ୍ତୁ ସେଗୁଡ଼ିକୁ ଜୀବନ୍ତ କରନ୍ତି ମହିଳା ନିଜେ। ତାଙ୍କ ବ୍ୟକ୍ତିତ୍ୱ, ପସନ୍ଦ ଏବଂ ନିଜକୁ ଦେଖିବାର ଦୃଷ୍ଟିକୋଣ ହିଁ ପ୍ରତ୍ୟେକ ଶୃଙ୍ଗାରକୁ ପୂର୍ଣ୍ଣତା ଦିଏ। ଏହି ଅଭିଯାନର ଚଳଚ୍ଚିତ୍ରରେ ବିଭିନ୍ନ ସଂସ୍କୃତି ଓ ଜୀବନର ଭିନ୍ନ ଭିନ୍ନ ପର୍ଯ୍ୟାୟର ପାଞ୍ଚ ଜଣ ମହିଳାଙ୍କୁ ଦେଖାଯାଇଛି, ଯେଉଁମାନେ ପାର୍ବଣ ପାଇଁ ପ୍ରସ୍ତୁତ ହେବାର ପରିଚିତ ବ୍ୟସ୍ତତା ମଧ୍ୟରେ ନିଜ ନିଜ ଶୈଳୀରେ ଆଗକୁ ବଢୁଛନ୍ତି। ସେମାନଙ୍କ ଜୀବନ, ରୀତିନୀତି ଓ ଶୃଙ୍ଗାରର ଅଭିବ୍ୟକ୍ତି ଭିନ୍ନ ହୋଇଥିଲେ ମଧ୍ୟ, ପ୍ରତ୍ୟେକେ ନିଜ ପାଇଁ ସେହି ନିରୋଳା ମୁହୂର୍ତ୍ତଟିଏ ଖୋଜି ପାଆନ୍ତି। ପରେ ଏକ ଉତ୍ସବରେ ସେମାନେ ଜଣେ ବୟସ୍କ ମହିଳାଙ୍କୁ ନିଜ ପ୍ରତିବିମ୍ବ ଦେଖି ଶେଷ ଥର ପାଇଁ ନିଜକୁ ସଜାଡୁଥିବା ଦେଖନ୍ତି। ସେମାନଙ୍କ ମଧ୍ୟରେ ଏକ ବୁଝାମଣାପୂର୍ଣ୍ଣ ହସ ବିନିମୟ ହୁଏ। କୌଣସି କଥା କୁହାଯାଏ ନାହିଁ, କାରଣ କିଛି କହିବାର ଆବଶ୍ୟକତା ନଥାଏ।

# ଏଆଇ+ ସ୍ମାର୍ଟଫୋନର ଅଭିଜ୍ଞତାକୁ ଉନ୍ନତ କରୁଛି ଉପଭୋକ୍ତାଙ୍କ ମତାମତ

**ଭୁବନେଶ୍ୱର, ୨୨।୧୦ (ନି.ପ୍ର) :** ଏଆଇ+ ସ୍ମାର୍ଟଫୋନ ପ୍ରକୃତ ଉପଭୋକ୍ତାଙ୍କ ମତାମତକୁ ଉତ୍ପାଦ ଓ ସେବା ଉନ୍ନତିରେ ସାମିଲ କରି ନିଜର ଗ୍ରାହକ-ପ୍ରଥମ ଆଭିମୁଖ୍ୟକୁ ଅଧିକ ସୁଦୃଢ଼ କରିଛି। ଗ୍ରାହକ ସମୀକ୍ଷା, ଦୈନନ୍ଦିନ ଡିଭାଇସ୍ ବ୍ୟବହାର ଏବଂ ବିକ୍ରି ପରବର୍ତ୍ତୀ ଯୋଗାଯୋଗରୁ ମିଳିଥିବା ତଥ୍ୟ ଆଧାରରେ, ଏହି ବ୍ରାଣ୍ଡ ସଫ୍ଟୱେର୍ ଅପଡେଟ୍, ଉନ୍ନତ ପରୀକ୍ଷଣ ଏବଂ ଅଧିକ ପ୍ରତିକ୍ରିୟାଶୀଳ ଗ୍ରାହକ ସହାୟତା ମାଧ୍ୟମରେ କ୍ୟାମେରା ଷ୍ଟାବିଲିଟି, କନେକ୍ଟିଭିଟି ଓ କାର୍ଯ୍ୟଦକ୍ଷତା ସମ୍ପର୍କିତ ଚିନ୍ତାଗୁଡ଼ିକୁ ଦୂର କରୁଛି। ଏହି ଆଭିମୁଖ୍ୟ ଏଆଇ+ ସ୍ମାର୍ଟଫୋନର କେବଳ ନିଜ ଉପଭୋକ୍ତାଙ୍କ ପାଇଁ ନୁହେଁ, ବରଂ ସେମାନଙ୍କ ସହ ମିଶି ଉତ୍ପାଦ ନିର୍ମାଣ କରିବାର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଏହାର ସ୍ମାର୍ଟଫୋନ ପୋର୍ଟଫୋଲିଓରେ ଗ୍ରାହକମାନେ ଏଆଇ+ ସ୍ମାର୍ଟଫୋନକୁ ଏହାର ଡିଜାଇନ, କ୍ୟାମେରା କ୍ଷମତା, ବ୍ୟାଟେରୀ ଲାଇଫ, ପ୍ରଦର୍ଶନ ଓ ମୂଲ୍ୟ ପାଇଁ ପ୍ରଶଂସା କରିଛନ୍ତି। ନୋଭା ୨ ୫ଜି ଏହାର ବ୍ୟାଟେରୀ ପ୍ରଦର୍ଶନ ଓ ଆକ୍ସେସିବିଲିଟି ପାଇଁ ସକାରାତ୍ମକ ମତାମତ ଗ୍ରହଣ କରିଥିବା ବେଳେ ନୋଭା ୨ ପାୱାର ୫ଜିକୁ ବିଶେଷ କରି ଏହାର ବ୍ଲୁ ଫ୍ୟୁଜନ କଲର୍‌ର ସାମଗ୍ରିକ




ଅନୁଭୂତି ଓ ଡୁଆଲ ଟୋନ ଡିଜାଇନ ପାଇଁ ପ୍ରଶଂସା କରାଯାଉଛି। ନୋଭା ୨ ଅଲଟ୍ରା ୫ଜିକୁ ଏହାର ଫଟୋଗ୍ରାଫି ଅନୁଭୂତି, କାର୍ଯ୍ୟଦକ୍ଷତା ଓ ଆମୋଲେଡ ଡିସ୍‌ପ୍ଲେ ପାଇଁ ପ୍ରଶଂସା କରାଯାଉଥିବା ବେଳେ ନୋଭା ୨ ୫ଜି ଓ ନୋଭା ୨ ପ୍ରୋ ୫ଜି ନିଜର ସାମଗ୍ରିକ ଅନୁଭୂତି ଓ ମୂଲ୍ୟ ପାଇଁ ଉତ୍ସାହଜନକ ପ୍ରତିକ୍ରିୟା ହାସଲ କରିଛନ୍ତି। ସେହିପରି ଏଆଇ+ ୨ ପଲସ ୨ ଏହାର ବ୍ୟାଟେରୀ, ଡିସପ୍ଲେ ଓ ଡିଜାଇନ ପାଇଁ ଗ୍ରାହକଙ୍କ ଠାରୁ ଉନ୍ନତ ମତାମତ ଗ୍ରହଣ କରିଛି।

ଏହି ଆଭିମୁଖ୍ୟ ସମ୍ପର୍କରେ ଏଆଇ+ ସ୍ମାର୍ଟଫୋନର ବ୍ରାଣ୍ଡ, ମାର୍କେଟିଂ ଓ ଗ୍ରୋଥ ବିଭାଗର ମୁଖ୍ୟ ଆର୍ଚି ଗୋଗୋଇ କହିଛନ୍ତି, 'ଏଆଇ+ ସ୍ମାର୍ଟଫୋନରେ ଆମେ ବିଶ୍ୱାସ କରୁ ଯେ ଉନ୍ନତ ଟେକ୍ନୋଲୋଜି ନିର୍ମାଣ କରିବା, ଏହାକୁ ବ୍ୟବହାର କରୁଥିବା ଲୋକଙ୍କ ମତାମତ ଶୁଣିବା ସହ ଆରମ୍ଭ ହୋଇଥାଏ। ଗ୍ରାହକଙ୍କ ମତାମତ ଆମକୁ ଆମେ କ'ଣ ଠିକ୍ କରୁଛୁ ଏବଂ କେଉଁଠି ସୁଧାର ଆବଶ୍ୟକ ତାହା ବୁଝିବାରେ ସାହାଯ୍ୟ କରିଥାଏ। ସଫ୍ଟୱେର୍ ଅପଡେଟ୍ ହେଉ, ମଜବୁତ ଉତ୍ପାଦ ପରୀକ୍ଷଣ କିମ୍ବା ଅଧିକ ପ୍ରତିକ୍ରିୟାଶୀଳ ବିକ୍ରି ପରବର୍ତ୍ତୀ ସହାୟତା, ଆମର ଲକ୍ଷ୍ୟ ହେଉଛି ଏହି ତଥ୍ୟଗୁଡ଼ିକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବା।

# ଦେଶର ସବୁଠାରୁ ବଡ଼ ଜିଓ ଆଇପିଓ ପ୍ରଥମ ଦିନରେ ହିଁ ୩.୧୬ ଗୁଣ ସବସ୍କ୍ରାଇବ୍

**ମୁମ୍ବାଇ, ୨୨।୧୦ (ନି.ପ୍ର):** ଦେଶର ସର୍ବବୃହତ୍ ୩୦,୨୧୩ କୋଟି ଟଙ୍କାର ଜିଓ ଆଇପିଓ ପ୍ରଥମ ଦିନରେ ହିଁ ୩.୧୬ ଗୁଣ ସବସ୍କ୍ରିପସନ୍ ହାସଲ କରିଛି। ବୁଧବାର ଜିଓ ପ୍ଲାଟଫର୍ମସର ଆଇପିଓକୁ ନେଇ ନିବେଶକଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଦେଇଛି। ପ୍ରାୟ ୩୦.୫ ଲକ୍ଷ ଆବେଦନ ମିଳିଥିବା ବେଳେ, ଆଙ୍କର୍ ନିବେଶକଙ୍କୁ ବାଦ୍ ଦେଲେ ସାଧାରଣ ନିବେଶକଙ୍କ ପକ୍ଷରୁ ପ୍ରାୟ ୬୯,୭୪୫ କୋଟି ଟଙ୍କାର ବିଡ୍ ମିଳିଛି। ବୃହତ୍ ସଂସ୍ଥାଗତ ନିବେଶକ (କ୍ୟୁଆଇବି) ବର୍ଗରେ ୯.୪୨ ଗୁଣ ସବସ୍କ୍ରିପସନ୍ ହୋଇଛି। କର୍ମଚାରୀ ଓ ରିଲାଏନ୍ସ ସେୟାରଧାରକଙ୍କ ପାଇଁ ସଂରକ୍ଷିତ କୋଟା ମଧ୍ୟ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଛି। ଏଯାବତ୍ ଜିଓ ଆଇପିଓ ପାଇଁ ମୋଟ ପ୍ରାୟ ୩.୨୦ ଲକ୍ଷ କୋଟି ଟଙ୍କାର ବିଡ୍ ମିଳିସାରିଛି। ଏଥିରେ ଆଙ୍କର୍ ନିବେଶକଙ୍କ ପକ୍ଷରୁ ପ୍ରାୟ ୨.୫୦ ଲକ୍ଷ କୋଟି ଟଙ୍କା ଏବଂ ଅଣ-ଆଙ୍କର୍ ନିବେଶକଙ୍କ ପକ୍ଷରୁ ପ୍ରାୟ ୭୦,୦୦୦ କୋଟି ଟଙ୍କାର ବିଡ୍ ସାମିଲ ରହିଛି। ଜିଓ ଆଇପିଓରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ କୋଟା ୧.୩୬ ଗୁଣ ଏବଂ ସେୟାରଧାରକଙ୍କ କୋଟା ୧.୪୬ ଗୁଣ ସବସ୍କ୍ରାଇବ୍ ହୋଇଛି। କର୍ମଚାରୀଙ୍କ ପାଇଁ ୫୦୦ କୋଟି ଟଙ୍କା ଏବଂ ଯୋଗ୍ୟ ରିଲାଏନ୍ସ




ସେୟାରଧାରକଙ୍କ ପାଇଁ ୨,୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସେୟାର ସଂରକ୍ଷିତ ରଖାଯାଇଛି। ଅଣ-ସଂସ୍ଥାଗତ ନିବେଶକ (ଏନଆଇଆଇ) ବର୍ଗରେ ୧.୬୮ ଗୁଣ ଏବଂ ଖୁଚୁରା ବା ରିଟେଲ ନିବେଶକ ବର୍ଗରେ ୭୩ ପ୍ରତିଶତ ସବସ୍କ୍ରିପ୍ସନ୍ ହୋଇଛି। ରିଟେଲ ବର୍ଗରେ ପ୍ରଥମ ଦିନରେ ହିଁ ପ୍ରାୟ ୬,୯୦୮ କୋଟି ଟଙ୍କାର ବିଡ୍ ମିଳିବା ମଧ୍ୟ ଏକ ରେକର୍ଡ। ଭାରତୀୟ ଆଇପିଓ ଇତିହାସରେ ପ୍ରଥମ ଦିନରେ ରିଟେଲ ନିବେଶକ ବର୍ଗରେ ଏହା ଏଯାବତ୍ ସର୍ବାଧିକ ବିଡ୍ ରାଶି। ୨୦୨୬ର ଅନ୍ୟ ବଡ଼ ଆଇପିଓଗୁଡ଼ିକ ସହ ତୁଳନା କଲେ, ଜିଓର ଆରମ୍ଭ ବେଶ୍ ଦ୍ରୁତ ରହିଛି। ଚଳିତ ବର୍ଷ ଜିଓ ବ୍ୟତୀତ ତିନିଟି ବଡ଼ ଆଇପିଓ ମଧ୍ୟରୁ ଏନଏସଇରେ ପ୍ରଥମ ଦିନରେ ୪୨ ପ୍ରତିଶତ, ଏସବିଆଇ ଫଣ୍ଡସ ମ୍ୟାନେଜମେଣ୍ଟରେ ୬୮ ପ୍ରତିଶତ ଏବଂ ମଣିପାଲ ହେଲଥରେ ମାତ୍ର ୧୫ ପ୍ରତିଶତ ସବସ୍କ୍ରିପ୍ସନ୍ ମିଳିଥିଲା। ଏହି ଆଇପିଓଗୁଡ଼ିକ ମଧ୍ୟରୁ କୌଣସିଟି ମଧ୍ୟ ପ୍ରଥମ ଦିନରେ ସମ୍ପୂର୍ଣ୍ଣ ସବସ୍କ୍ରାଇବ୍ ହୋଇପାରି ନଥିଲା। ଏହାର ଓଲଟା ଭାବରେ ଜିଓ ଆଇପିଓ ପ୍ରଥମ ଦିନରେ ହିଁ ୩୧୬ ପ୍ରତିଶତ ସବସ୍କ୍ରିପ୍ସନ୍ ହାସଲ କରିଛି। ଜିଓର ପ୍ରଥମ ଦିନର ସବସ୍କ୍ରିପ୍ସନ୍ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ସମ୍ପୂର୍ଣ୍ଣ ବିଡିଂ ଅବଧିର ସବସ୍କ୍ରିପ୍ସନକୁ ମଧ୍ୟ ପଛରେ ପକାଇଛି। ଜିଓ ପୂର୍ବରୁ ଦେଶର ସର୍ବବୃହତ୍ ଆଇପିଓର ରେକର୍ଡ ହ୍ୟୁଣ୍ଡାଇ ଇଣ୍ଡିଆ ନାମରେ ଥିଲା। ଅକ୍ଟୋବର ୨୦୨୪ରେ ଆସିଥିବା ହ୍ୟୁଣ୍ଡାଇ ଇଣ୍ଡିଆ ଆଇପିଓକୁ ପ୍ରଥମ ଦିନରେ ମାତ୍ର ୧୮ ପ୍ରତିଶତ ସବସ୍କ୍ରିପ୍ସନ୍ ମିଳିଥିଲା। ସମ୍ପୂର୍ଣ୍ଣ ବିଡିଂ ଅବଧିରେ ମଧ୍ୟ ଏହା ମାତ୍ର ୨.୩୭ ଗୁଣ ସବସ୍କ୍ରାଇବ୍ ହୋଇଥିଲା। ଉଲ୍ଲେଖନୀୟ ଯେ, ଜିଓ ଆଇପିଓରେ ନିବେଶ ପାଇଁ ଆହୁରି ଦୁଇ ଦିନ ବାକି ଅଛି। ଏହି ଆଇପିଓ ଅକ୍ଟୋବର ୨୩ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ତେଣୁ ନିବେଶକଙ୍କ ପାଖରେ ଏଥିରେ ଆବେଦନ କରିବା ପାଇଁ ଆହୁରି ସମୟ ରହିଛି।

# ଇଣ୍ଟରନ୍ୟାସନାଲ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ (ଆଇପିଏଏଫ)ର ୯ମ ବାର୍ଷିକ ଉତ୍ସବ ଭୁବନେଶ୍ୱରରେ ଅନୁଷ୍ଠିତ ହେବ

**ଭୁବନେଶ୍ୱର, ୨୨।୧୦ (ନି.ପ୍ର) :** ଭାରତର ଅନ୍ୟତମ ସର୍ବାଧିକ ସମ୍ମାନଜନକ ସାଂସ୍କୃତିକ ଆନ୍ଦୋଳନ ଇଣ୍ଟରନ୍ୟାସନାଲ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ (ଆଇପିଏଏଫ) ତାହାର କ୍ରମାଗତ ନବମ ବର୍ଷ ନିମନ୍ତେ ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରିବା ସହିତ ୨୦୨୬ ଅକ୍ଟୋବର ୨୪ ତାରିଖ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଜୟଦେବ ଭବନରେ ଆୟୋଜିତ ହେବାକୁ ଯାଉଛି। ଆଇପିଏଏଫ୍ ଭୁବନେଶ୍ୱର ୨୦୨୬ରେ ସ୍ଥାନ ପାଇବାକୁ ଥିବା ପ୍ରଦର୍ଶନଗୁଡ଼ିକ ମଧ୍ୟରେ ସୁପ୍ରସିଦ୍ଧ ପଣ୍ଡିତ ଅଭିରାମ ନନ୍ଦ ଓ ଦଳଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ବଂଶୀ ବାଦନ, ବିଶିଷ୍ଟ କଳାକାର ଶାୟୋମିତା ଦାସଗୁପ୍ତାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ, ଏସଏସଭିଏମ୍ ଗ୍ରୁପ୍‌ର ଉଦୀୟମାନ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ପ୍ରଦର୍ଶନ ଏବଂ ଭୁବନେଶ୍ୱରସ୍ଥିତ ସତ୍ୟଭାମା ଦେବୀ କଲେଜ ଫର୍ ହିଅରିଂ ଇମ୍ପାୟାର୍ଡ (ଏସ୍‌ଡିସିଏଚ୍‌ଆଇ)ର ପ୍ରତିଭାସମ୍ପନ୍ନ କଳାକାରଙ୍କ ଦ୍ୱାରା ସ୍ୱତନ୍ତ୍ର ସମାବେଶୀ ପ୍ରଦର୍ଶନ ଆଦି ଅନ୍ତର୍ଭୁକ୍ତ। ଇଣ୍ଟରନ୍ୟାସନାଲ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ (ଆଇପିଏଏଫ) ଭୁବନେଶ୍ୱର ୨୦୨୬ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଳନ କରିବାକୁ ଯାଇ ଅନନ୍ୟ ଶାସ୍ତ୍ରୀୟ ସଂଗୀତ, ପାରମ୍ପରିକ ନୃତ୍ୟ, ଲୋକକଳା ପ୍ରଦର୍ଶନ ଏବଂ ସମାବେଶୀ କଳାତ୍ମକ ଅଭିବ୍ୟକ୍ତିର ଏକ ସନ୍ଧ୍ୟା ଉପସ୍ଥାପନ କରିବ। ଏହି ଉତ୍ସବ କଳାକାର, ସାଂସ୍କୃତିକ ନେତୃବୃନ୍ଦ ଏବଂ ଦର୍ଶକମାନଙ୍କୁ କଳାତ୍ମକ ଉତ୍କର୍ଷ, ସାଂସ୍କୃତିକ ବିନିମୟ ଓ ସୃଜନଶୀଳ ସହଯୋଗୀତାର ଗୋଟିଏ ମଞ୍ଚରେ ଏକତ୍ରିତ କରିବାକୁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନ କଳାପ୍ରେମୀ, ସାଂସ୍କୃତିକ ରସଜ୍ଞ, ବିଶିଷ୍ଟ ଅତିଥିବୃନ୍ଦ, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ କର୍ପୋରେଟ ଜଗତର ନେତୃବୃନ୍ଦ ଯୋଗଦେବା ଆଶା କରାଯାଉଛି।

ଆଇପିଏଏଫ୍ ସାମାଜିକ ଉଦ୍ୟୋଗୀ ଶ୍ରୀ ଶ୍ୟାମ ପାଣ୍ଡେ, ଡାଇରେକ୍ଟର, ଇଣ୍ଟରନ୍ୟାସନାଲ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲଙ୍କର ଏକ ପ୍ରୟାସ ଅଟେ। ଅହମଦାବାଦର ଟାଗୋର ହଲ୍‌ରେ ୨୦୧୫ ଜୁଲାଇ ୨୩ ତାରିଖରେ ପ୍ରତିଷ୍ଠିତ ହୋଇଥିବା ଆଇପିଏଏଫ୍ ସମଗ୍ର ଭାରତରେ ୨୫୦ରୁ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିସାରିଛି। ଏହି ଉତ୍ସବ ବିଭିନ୍ନ ସମାଜ ଓ ସଂସ୍କୃତିଗୁଡ଼ିକୁ ପ୍ରଦର୍ଶନ କଳାର ସାର୍ବଜନୀନ ଭାଷା ଜରିଆରେ ଏକତ୍ରିତ କରିବାକୁ ଉତ୍ସର୍ଗୀକୃତ ଅଟେ। ପ୍ରଦର୍ଶନ କଳା ଜରିଆରେ ପାରମ୍ପରିକ କଳା ରୂପ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ ପରମ୍ପରା ଗୁଡ଼ିକୁ ଉତ୍ସାହିତ କରିବା ତଥା ସେଗୁଡ଼ିକର ସଂରକ୍ଷଣ କରିବା ଆମର ଲକ୍ଷ୍ୟ। ଆଇପିଏଏଫ୍ ପ୍ରତିଷ୍ଠିତ କଳାକାରମାନଙ୍କ ନିମନ୍ତେ ଏକ ମଞ୍ଚ ଯୋଗାଇଦେବା ସହିତ ଭିନ୍ନକ୍ଷମ ଏବଂ ଉଦୀୟମାନ କଳାକାରମାନଙ୍କୁ ସ୍ୱୀକୃତି ଓ ସୁଯୋଗ ନେବା ଦିଗରେ ସହାୟତା କରି ସେମାନଙ୍କୁ ସମର୍ଥନ ଯୋଗାଇଦେଉଛି। ଆଇପିଏଏଫ୍ ପ୍ରତିବର୍ଷ ସମଗ୍ର ଭାରତରେ ରାଜ୍ୟ ରାଜଧାନୀ ଓ ସାଂସ୍କୃତିକ ଦୃଷ୍ଟିରୁ ସମୃଦ୍ଧ ସହରଗୁଡ଼ିକରେ ଉତ୍ସବଗୁଡ଼ିକ ଆୟୋଜନ କରୁଛି। ଏହି ଉତ୍ସବ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଗୁରୁଗାଁଓ, ଗୁଆହାଟୀ, ନାଗପୁର, ଲକ୍ଷ୍ନୌ, ବାରାଣସୀ, ଶିଲଂ, ରାୟପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ, ଲେହ, ତ୍ରିଭାନ୍ଦ୍ରମ, ଡେରାଡୁନ, ଜମ୍ମୁ, ଜୟପୁର, ବାଙ୍ଗାଲୋର, ହାଇଦରାବାଦ, ପୁରୀ, ଗୋଆ ଓ ଚେନ୍ନାଇ ଆଦି ସହରରେ ଆୟୋଜିତ ହୋଇସାରିଛି। ଆଇପିଏଏଫ୍ ମଧ୍ୟ ଭିନ୍ନକ୍ଷମ ବର୍ଗ ମଧ୍ୟରେ ପ୍ରଦର୍ଶନ କଳାକୁ ପ୍ରୋତ୍ସାହିତ କରୁଥିବା ଏକ ପାଞ୍ଚ-ଦିବସୀ ବିଶ୍ୱସ୍ତରୀୟ ଉତ୍ସବ ଦେହାତୀତ (ପୂର୍ବରୁ ସମର୍ଥନାମରେ ପରିଚିତ) ଆୟୋଜନ କରିଥିଲା। ଏହି ଉତ୍ସବ ମଧ୍ୟପ୍ରଦେଶ ସରକାରଙ୍କର ସଂସ୍କୃତି ବିଭାଗ ଓ ସାମାଜିକ ନ୍ୟାୟ ଓ ଭିନ୍ନକ୍ଷମ କଲ୍ୟାଣ ବିଭାଗ ସହଯୋଗୀତାରେ ଭୋପାଳସ୍ଥିତ ଭାରତ ଭବନଠାରେ ୨୦୧୭ ମସିହା ଜୁନ୍ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସେଥିରେ ସମଗ୍ର ବିଶ୍ୱରୁ ପ୍ରାୟ ୫୦ ଜଣ କଳାକାର ଅଂଶଗ୍ରହଣ କରିଥିଲେ। କୋଭିଡ-୧୯ ମହାମାରୀ ସମୟରେ ଆଇପିଏଏଫ୍ ୩୫ଟି ଅନଲାଇନ ପେଡ୍ କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ କଳାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଜାରି ରଖିଥିଲା।









# କୋଇଡ଼ା ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଧୁମଧାମରେ ପାଳିତ

**କୋଇଡ଼ା, ୨୨/୧୦ (ନି.ପ୍ର):** ଖଣିଜ ସମ୍ପଦରେ ସମୃଦ୍ଧ କୋଇଡ଼ା ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସାମାଜିକ ଏକତା, ସାଂସ୍କୃତିକ ସମନ୍ୱୟ ଓ ଭାଇଚାରାର ପ୍ରତୀକ । ଦଶନ୍ଧି ଦଶନ୍ଧି ଧରି ଏହି ପର୍ବ ବିଭିନ୍ନ ଭାଷା ଓ ସମ୍ପ୍ରଦାୟର ଲୋକଙ୍କୁ ଏକତ୍ର କରିଆସୁଛି । ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, କୋଇଡ଼ା ବ୍ଲକ ଅଞ୍ଚଳରେ ପ୍ରଥମେ ୧୯୬୬ ମସିହାରେ ଟେନସାଠାରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା । କିଛି ବଙ୍ଗୀୟ, ଗଞ୍ଜାମ ଓ ସ୍ଥାନୀୟ ପରିବାରଙ୍କ ମିଳିତ ଉଦ୍ୟମରେ ଏହି ପରମ୍ପରାର ଶୁଭାରମ୍ଭ ହୋଇଥିବା କୁହାଯାଏ ।ଏହାର ପରବର୍ତ୍ତୀ ବର୍ଷ, ୧୯୬୭ ମସିହାରେ କୋଇଡ଼ାଠାରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା । ଏଥିରେ ସ୍ୱର୍ଗତ ବେଣୁଧର ନାଏକ, ଥାନା ଅଧିକାରୀ ବୈଦ୍ୟାର ବାବୁ, ନୀଳମଣି ଦାସ,ହରି ସାହୁ, ବଂଶୀଲାଲ ଜୟସ୍ୱାଲ, ଉମାକାନ୍ତ ମହାପାତ୍ର ଓ କେଶବ ଭଞ୍ଜଙ୍କ ଭୂମିକା ରହିଥିଲା । ସେହିପରି ୧୯୭୨ ମସିହାରେ କାଲଟାଠାରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା । ଏଥିରେ ପ୍ରଫୁଲ୍ଲ କୁମାର ଜେନା, ଏସ୍.ଏନ୍. ହୋତା,ଗୋପୀନାଥ ନାୟକ,ଚକ୍ରଧର ବସ୍ତିଆ, ଭାନୁ ନାୟକ, ବିରଞ୍ଚି ପଟ୍ଟନାୟକ, ତ୍ରିଦେବ ସିଂହ, କିଷାନ ମୁଣ୍ଡାରୀଙ୍କ ସମେତ ଅନେକ ବ୍ୟକ୍ତିଙ୍କ ଅବଦାନ ଥିଲା । ପ୍ରାରମ୍ଭିକ ସମୟରେ ସୀମିତ ସାଧନ ମଧ୍ୟରେ ମୂର୍ତ୍ତି ନିର୍ମାଣ, ମେଢ଼ ପ୍ରସ୍ତୁତି ଓ ପାରମ୍ପରିକ ପୂଜାବିଧି



ମାଧ୍ୟମରେ ଉତ୍ସବ ପାଳନ କରାଯାଉଥିଲା । ସମୟ ସହ ଆକର୍ଷଣୀୟ ତୋରଣ, ଆଧୁନିକ ଆଲୋକସଜ୍ଜା ଓ ରାବଣପୋଡ଼ି ଏହି ଉତ୍ସବର ଆକର୍ଷଣ ବଢ଼ାଇଛି ।ଟେନସାରୁ କୋଇଡ଼ା ଓ କାଲଟା ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପରମ୍ପରା ଆଜି ମଧ୍ୟ ଅଞ୍ଚଳର ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରୁଛି । ପିଢ଼ି ପରେ ପିଢ଼ି ପୂଜା କମିଟି ଓ ସ୍ଥାନୀୟ ଲୋକଙ୍କ ସହଯୋଗ ଏହି ଐତିହ୍ୟକୁ ଜୀବନ୍ତ ରଖିଛି ।

## ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବହେଳା ଅଭିଯୋଗ

# ପ୍ରସୂତି ମହିଳା ଓ ନବଜାତ ଶିଶୁଙ୍କ ମୃତ୍ୟୁ, ହସ୍ପିଟାଲରେ ଉତ୍ତେଜନା

**ମାଲକାନଗିରି, ୨୨।୧୦ (ନି.ପ୍ର):** ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ପ୍ରସୂତି ମହିଳା ଓ ତାଙ୍କ ନବଜାତ ଶିଶୁଙ୍କ ମୃତ୍ୟୁକୁ ନେଇ ଗୁରୁତର ଅଭିଯୋଗ ଉଠିଛି । ଚିକିତ୍ସାରେ ଅବହେଳା ଓ ଚିକିତ୍ସା ପ୍ରଦାନରେ ବିଳମ୍ବ ଯୋଗୁଁ ମା' ଓ ଶିଶୁଙ୍କ ଜୀବନ ଯାଇଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ଘଟଣାକୁ କେନ୍ଦ୍ର କରି ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖାଦେବା ସହ ପରିବାରବର୍ଗ ଓ ସମ୍ପର୍କୀୟମାନେ ପ୍ରତିବାଦ ଜଣାଇଛନ୍ତି । ପରିବାର ପକ୍ଷରୁ ମିଳିଥିବା ଅଭିଯୋଗ ଅନୁଯାୟୀ, ରାତିରେ ପ୍ରସବ ଯନ୍ତ୍ରଣା ବଢ଼ିବାରୁ ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ତେବେ ହସ୍ପିଟାଲରେ ପହଞ୍ଚିବା ପରେ ଆବଶ୍ୟକ ତତ୍ପରତା




ଦେଖାଯାଇ ନଥିବା ଏବଂ ଚିକିତ୍ସାରେ ବିଳମ୍ବ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ପରବର୍ତ୍ତୀ ସମୟରେ ମହିଳାଙ୍କର ସିଜରିଆନ୍ ଅସ୍ତ୍ରୋପଚାର କରାଯାଇଥିଲା । ଅସ୍ତ୍ରୋପଚାର ପରେ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା । କିନ୍ତୁ ଆଇସିୟୁରେ ମଧ୍ୟ ଉପଯୁକ୍ତ ଚିକିତ୍ସା ଓ ଯତ୍ନ ମିଳି ନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଶେଷରେ ମା' ଓ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ପରିବାରବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଘଟଣାକୁ ନେଇ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ହସ୍ପିଟାଲ ପରିସରରେ ପ୍ରତିବାଦ କରିବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉଚିତ୍ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି । ଏହି ଘଟଣାରେ ପ୍ରକୃତରେ ଚିକିତ୍ସାଗତ ଅବହେଳା ହୋଇଛି କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆଣିବା ସହ ଦାୟିତ୍ୱ ନିର୍ଦ୍ଧାରଣ କରିବା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ।

## ବନ ବିଭାଗର ଚଢ଼ାଉ

# ୭୪ ଶାଳ କାଠ ଜବତ : ୩ ଗିରଫ



**ରାୟଗଡ଼ା, ୨୨।୧୦ (ନି.ପ୍ର):** ରାୟଗଡ଼ା ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଆହୋଲଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡା ବନାଞ୍ଚଳ ଅଧିକାରୀଙ୍କ ସହ ଟିକିରି ଏବଂ ରାୟଗଡା ବନାଞ୍ଚଳ ର ବନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ରାତ୍ର ପେଟ୍ରୋଲିଙ୍ଗ କରିବା ସମୟରେ ଏକ କାଠ ବୋଝେଇ ପିକଅପ ଭ୍ୟାନ୍ ସହ ତିନି ଜଣଙ୍କୁ ଅଟକ ରଖିଛି ଟିକିରି ବନବିଭାଗ ।ତିନି ଜଣଙ୍କୁ ଅଟକ ରଖି ପଚରା ଉଚରା କରିବା ବେଳେ ଖରକା ଗ୍ରାମ ନିକଟସ୍ଥ ଖରକା ସଂରକ୍ଷିତ ଜଙ୍ଗଲରୁ ୭୪ ଗୋଟି ଶାଳ କାଠ ନେଉଥିବା ଜଣାପଡିଛି ।ଅଟକ ରଖାଯାଇଥିବା ତିନି ଜଣ ଅଭିଯୁକ୍ତ ମାନେ ଲିମ ଅଡାର ଗ୍ରାମର (୧) ଈମିଥୁନ ନାଏକଈ , ବୟସ -୩୨ ବର୍ଷ,ପିତା ରାମେଶ୍ୱର ନାଏକ (୨) ଦାସ ମାଝୀ, ବୟସ- ୩୪ ବର୍ଷ,ପିତା -ଜିମ୍ବିରି ମାଝୀ ଏବଂ (୩)ଗଣପତି ମାଝୀ, ବୟସ-୪୨ ବର୍ଷ,, ପିତା ଲାଲମଣି ମାଝୀ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏ ନେଇ ତଦନ୍ତ ଜାରି ରହିଛି ।

# କୁଚିଣ୍ଡା ରେ ରାବଣ ପୋଡ଼ି ସହିତ ଦଶହରା ସମ୍ପନ୍ନ

**କୁଚିଣ୍ଡା,୨୨/୧୦(ନି.ପ୍ର.):** ପବିତ୍ର ବିଜୟା ଦଶମୀ ଉପଲକ୍ଷେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମହା ସମାରୋହରେ ଦଶହରା ଏବଂ ଐତିହାସିକ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅସତ୍ୟ ଉପରେ ସତ୍ୟର ବିଜୟ ଏବଂ ଅନ୍ୟାୟ ଉପରେ ନ୍ୟାୟର ପ୍ରତୀକ ଭାବେ ପାଳିତ ଏହି ଉତ୍ସବରେ ପ୍ରଭୁ ଶ୍ରୀରାମ ଙ୍କ ବିଜୟ ବାର୍ତ୍ତା ପ୍ରତିଧ୍ୱନିତ ହୋଇଥିଲା । ବିଧି ଅନୁଯାୟୀ ପୂଜାର୍ଚ୍ଚନା ପରେ ଆକାଶଛୁଆଁ ବିରାଟକାୟ ରାବଣ ପ୍ରତିମୂର୍ତ୍ତି ଦାହ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଆକର୍ଷଣୀୟ ଆତସବାଜୀ ଓ ରଙ୍ଗାରଙ୍ଗ ବାଣ ଫୁଟା ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା, ଯାହା ସମଗ୍ର ପରିବେଶକୁ ଉତ୍ସବମୁଖର କରି ତୋଳିଥିଲା । ଏହି ଶୁଭ ଅବସରରେ ସ୍ଥାନୀୟ ବିଧାୟକ ତଥା କ୍ୟାବିନେଟ୍ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜା ମଣ୍ଡପ ପରିଦର୍ଶନ କରିବା ସହ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା



ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଐତିହାସିକ ବାମଣ୍ଡା ରାଜ୍ୟର ରାଜ ପରିବାର ର ରାଣୀ ମାଁ ଅରୁନ୍ଧତୀ ଦେବୀ ଓ ଯୁବରାଜ ନମନ ଗଙ୍ଗଦେବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଉତ୍ସବର ଶୋଭା ବୃଦ୍ଧି କରିଥିଲେ । ଏହି ଭବ୍ୟ ମହୋତ୍ସବକୁ ଉପଭୋଗ କରିବା ପାଇଁ କୁଚିଣ୍ଡା ସହର ସମେତ ଆଖପାଖ ଗ୍ରାମାଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ତଥା ଦର୍ଶକଙ୍କ ପାଇଁ ରାତ୍ରି ପାଇଁ ଅନେକ ନାଚ, ଗୀତ,ମେଲୋଡି ନାନାଦି ଆଧୁନିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକ ଙ୍କ ପ୍ରବଳ ସମାଗମ ହୋଇଥିଲା । ଜନଗହଳିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ସହ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଆୟୋଜକ କମିଟିର ସୁପରିଚାଳନା ଏବଂ ଜନସାଧାରଣଙ୍କ ସହଯୋଗ କାରଣରୁ ସମଗ୍ର କାର୍ଯ୍ୟକ୍ରମଟି ବେଶ ଶାନ୍ତିପୂର୍ଣ୍ଣ ଓ ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଛି ।

# ରାଜେନ୍ଦ୍ରନଗର ମଙ୍ଗଳା ମନ୍ଦିରରେ ନିଆରା ପରମ୍ପରାରେ ଦଶହରା ପୂଜା



**କଟକ, ୨୨।୧୦ (ନି.ପ୍ର) :** କଟକ ମହାନଗର ନିଗମର ୫୨ ନମ୍ବର ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ରନଗରସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ମାଆ ମଙ୍ଗଳାଙ୍କ ଦଶହରା ପୂଜା ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ଏହି ପୂଜାରେ ଦେଖିବାକୁ ମିଳେ ଏକ ନିଆରା ପରମ୍ପରା । କଟକ ସହରର ବିଭିନ୍ନ ପୂଜାମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବାବେଳେ ଏଠାରେ ମାଆଙ୍କ ଘଟ ପୂଜା କରାଯାଇଥାଏ । ପରମ୍ପରା ଅନୁଯାୟୀ, ତିନିଦିନ ଧରି ମାଆଙ୍କ ଘଟକୁ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରାଯିବା ପରେ ଘଟ ବିସର୍ଜନ କରାଯାଇଥାଏ । ମହାଷ୍ଟମୀ ଅବସରରେ ଶ୍ରଦ୍ଧାଳୁ ଭକ୍ତମାନେ ମାଆଙ୍କ ନିକଟରେ ବ୍ରତ ପାଳନ କରିଥାନ୍ତି । ପୂଜାର ଶେଷ ଦିନରେ ଭକ୍ତମାନଙ୍କ ପାଇଁ ଦହିପଖାଳର ବ୍ୟବସ୍ଥା କରାଯାଇଥିଲା । ଏହି ଧାର୍ମିକ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ସର୍ବମଙ୍ଗଳା ମହିଳା ସଭାର ସଭାପତି କୃଷ୍ଣଚନ୍ଦ୍ର ମାହୁନ୍ତ, ଉପସଭାପତି ରାଜେନ୍ଦ୍ର କୁମାର ଷଡ଼ଙ୍ଗୀ, ସମ୍ପାଦକ ସରୋଜ କୁମାର ସ୍ୱାଇଁ, ସହସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ ମିଶ୍ରଙ୍କ ସମେତ ବରିଷ୍ଠ ନାଗରିକ ଉଲ୍ଲାସ ପାଇକରାୟ, ଗଜେନ୍ଦ୍ର ନାଥ ନାୟକ, ପ୍ରଫୁଲ୍ଲ ମୁଦୁଲି, ଶିବଚରଣ ପଣ୍ଡା, ଶରତ ଚନ୍ଦ୍ର ପତି, ଗିରିଜା ମହାନ୍ତି, ଅଜିତ କୁମାର ନାୟକ, ପ୍ରଦୀପ ସେଠୀ, ମହେଶ ମହାପାତ୍ର, ସଞ୍ଜୟ କୁମାର ପାତ୍ର, ସନ୍ଦୀପ ସାମନ୍ତରାୟ, ଅଜୟ କୁମାର ଦାସ, ବିନୟ କେତନ ଚୌଧୁରୀ, ବୀରକିଶୋର ସାହୁ ଓ ଜୀବନ ବଲ୍ଲଭ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ପୂଜକ ଶାରଦା ପ୍ରସାଦ ଷଡ଼ଙ୍ଗୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ପରିପ୍ରେକ୍ଷୀରେ ସାମ୍ବାଦିକ ଓ ବରିଷ୍ଠ ନାଗରିକ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପୂଜା ରାଜେନ୍ଦ୍ରନଗର ଅଞ୍ଚଳର ଧାର୍ମିକ ପରମ୍ପରା ଓ ସାମାଜିକ ଏକତାର ଏକ ନିଆରା ପରିଚୟ ବହନ କରୁଛି ।

# ବିଦ୍ୟୁତ ବିଭାଗ ଠିକା କର୍ମଚାରୀଙ୍କ ସାମ୍ବାଦିକ ସମ୍ମିଳନୀ

**ଡେଲାଙ୍ଗ,୨୨।୧୦ (ନି.ପ୍ର):** ବିଦ୍ୟୁତ ବିଭାଗର ଠିକା କର୍ମଚାରୀଙ୍କ ପକ୍ଷରୁ ଟାଟା ହଟାଅ ଓଡିଶା ବଞ୍ଚାଅ ଅଭିଯାନ ତଥା ବିଦ୍ୟୁତ ବିଭାଗ ଠିକା କର୍ମଚାରୀଙ୍କ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ହାଟ ଡେଲାଙ୍ଗସ୍ଥିତ ରାମଚନ୍ଦ୍ରପୁର ଠାରେ ଥିବା ବିଜୟ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ କୃଷକ ନେତା ଅଶୋକ ପ୍ରଧାନ, ଓଡିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଞ୍ଚର ସମ୍ପାଦକ ବସନ୍ତ କୁମାର ପଲାଇ ,ଠିକା କର୍ମଚାରୀ ଦିଲୀପ କୁମାର ଭୋଇ,




ସରୋଜ କୁମାର ପାତ୍ର, ଚିତରଞ୍ଜନ ବିଶ୍ୱାଳ ଙ୍କ ସମେତ ଛଟେଇ ଠିକା କର୍ମଚାରୀମାନେ ଉପସ୍ଥିତ ଥିଲେ । ସ୍ମାର୍ଟ ମିଟର ଲଗାଇ ବହୁ ପରିମାଣରେ ଗ୍ରାହକଙ୍କୁ ଲୁଟ କରିବା ସହିତ ଅକସ୍ମାତ ବିଦ୍ୟୁତ କାଟ, ସର୍ଭିସ ତାର ପରିବର୍ତନ କରିବା ନାରେ ୧୧୨୮ ଟଙ୍କା ହରିଲୁଟ ,ମିଟର ଘୁଞ୍ଚାଇବା ପାଇଁ ୭୯୮ ଟଙ୍କା ଲୁଟ, ମିଟର ଚେକିଙ୍ଗ ନାରେ ୫୯୦ ଟଙ୍କା ଆଦାୟ, ଲକ୍ଷାଧିକ ଟଙ୍କା ଫାଇନ ପକାଇ ଜନସାଧାରଣଙ୍କୁ ଠକେଇ,ମନଇଚ୍ଛା ବକେୟା ଯୋଡି ଗ୍ରାହକଙ୍କୁ ଲାଇନ କାଟିଦେବା ନିମନ୍ତେ ଧମକ ଦେବା, ଅନଲାଇନ ବିଲରେ ହରିଲୁଟ କରିବା, ନିରୀହ ଗ୍ରାହକ ମାନଙ୍କ ଠାରୁ ଅଧିକ ବିଲ ଆଦାୟ କରି ମାନଇଚ୍ଛା ମିଟର ଚାର୍ଜ ଲୁଟିବା ଆଦି ଟାଟା ପାୱାରର ପକ୍ଷରୁ କରାଯାଉଥିବା ଜୁଲମକୁ ଠିକା କର୍ମଚାରୀ ସଂଗଠନ ଓ ବିଦ୍ୟୁତ ଉପଭୋକ୍ତାଙ୍କ ପକ୍ଷରୁ ବିରୋଧ କରାଯାଇଛି ।ସେହିପରି ବିଦ୍ୟୁତ ବିଭାଗ ପକ୍ଷରୁ ଛଟେଇ ଠିକା କର୍ମଚାରୀଙ୍କୁ ପୁନଃ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ , ମିଟର ରିଡର ଓ ବିଲ ସଂଗ୍ରହ କରୁଥିବା କର୍ମଚାରୀଙ୍କୁ ଶ୍ରମଆଇନ ଅନୁସାରେ ବେତନ ଦିଆଯାଉ, ଦକ୍ଷତା ଅନୁସାରେ କାର୍ଯ୍ୟରେ ନିଯୋଜିତ କରିବା ସହ ରାଜ୍ୟ ଓ କେନ୍ଦ୍ର ଶ୍ରମ ଆଇନ ଅନୁସାରେ ଦରମା ପ୍ରଦାନ କରାଯାଉ ଆଦି ବିଭିନ୍ନ ଦାବି କରଯାଇଥିଲା ।ଆଗାମୀ ଦିନରେ ଏନେଇ ସରକାର କୌଣସି ପଦକ୍ଷେପ ଗ୍ରହଣ ନକଲେ ବିଦ୍ୟୁତ ଉପଭୋକ୍ତା ଓ ଛଟେଇ ଠିକା କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଟାଟା ପାୱାର ବିରୋଧରେ ଜନଆନ୍ଦୋଳନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି । ସୂଚନା ଥାଉକି ଦୀର୍ଘ ୧୪ ବର୍ଷ ହେବ ଟାଟା ପାୱାର ମାନମାନି ଯୋଗୁ ଠିକା ବିଦ୍ୟୁତ୍ ତାଙ୍କର ହକ ପାଇବାରୁ ବଞ୍ଚିତ ହେଉଛନ୍ତି । ବାରମ୍ବାର ମାନ୍ୟବର ଓଡ଼ିଶା ସରକାର, ଜିଲ୍ଲାପାଳ, ଶ୍ରମ ଆୟୁକ୍ତ, ଶ୍ରମ ସଚିବ, ଶକ୍ତି ସଚିବ, ଶକ୍ତି ମନ୍ତ୍ରୀ ଓ ମୁଖ୍ୟ ଆରକ୍ଷୀ ଅଧିକ୍ଷକଙ୍କ ଅବଗତି ନିମନ୍ତେ ଦୃଷ୍ଟି ଆକର୍ଷଣ କରଯାଇଥିଲା ।

# ସିଟି ହସ୍ପିଟାଲ ପରିସରରେ ମା, ଆତଙ୍କନାଶିନୀଙ୍କ ଶାରଦୀୟ ଉତ୍ସବ

**କଟକ, ୨୨।୧୦ (ନି.ପ୍ର):** କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସିଟି ହସ୍ପିଟାଲ ପରିସରରେ ଥିବା ମା ଆତଙ୍କନାଶିନୀ ଙ୍କ ଶାରଦୀୟ ଉତ୍ସବ ସମାପନ ହୋଇଯାଇଛି । ଦଶହରା ପର୍ବର ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ମା ଙ୍କ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା, ଶେଷ ଦିବସରେ ମାଙ୍କ ପାଖରେ ଭୋଗ ଲାଗି କରାଯାଇ ଶତାଧିକ ଭକ୍ତ ଶ୍ରଦ୍ଧାଳୁ ଙ୍କୁ




ପ୍ରସାଦ ବଣ୍ଟନ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ଏହି ପୀଠରେ ପ୍ରତିବର୍ଷ ଶାରଦୀୟ ପୂଜା ଅବସରରେ ମା ଆତଙ୍କନାସିନୀ ଙ୍କ ଷୋଡଶ ଉପଚାର ରେ ପୂଜାର୍ଚ୍ଚନା କରାଯାଇଥାଏ ବୋଲି ମନ୍ଦିରର ପୂଜକ କୃଷ୍ଣଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି । ଏହି ଉତ୍ସବ ରେ ମନ୍ଦିରର କର୍ମକର୍ତ୍ତା ଓ ହସ୍ପିଟାଲ ର କର୍ମଚାରୀ ମାନେ ଯୋଗଦେଇ ସମସ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ ।

# ୩୮ ତମ ରାବଣ ପୋଡି ଉତ୍ସବ ମହାସମାରୋହରେ ଅନୁଷ୍ଠିତ

**ଜଗତସିଂହପୁର, ୨୨।୧୦ (ନି.ପ୍ର):** ଆଜି ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗ ରେ ରାବଣ ପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଶ୍ରୀ ରାମ କ୍ଲବ ସମ୍ପାଦକ ଶ୍ରୀ ବିଜୟ କୁମାର ରାଉତ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମାନ୍ୟବର ବିଧାୟକ-ତଥା-ଅଧ୍ୟକ୍ଷ, ଜିଲ୍ଲା ଯୋଜନା ବୋର୍ଡ, ଜଗତସିଂହପୁର ଶ୍ରୀ ଅମରେନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ ନିଶା ସେବନ ଓ ମୋବାଇଲ ବ୍ୟବହାର ଠାରୁ ଯୁବସମାଜ ଦୂରେଇ ରହିବା ପାଇଁ ନିବେଦନ କରିବା ସହ ଭସାଣି କାର୍ଯ୍ୟକ୍ରମ ରେ ନିଶା ସେବନ ନ କରିବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଦୁର୍ନୀତିକୁ ବିରୋଧ କରି ସ୍ୱର ଉତ୍ତୋଳନ କରିବା ପାଇଁ ସମସ୍ତଙ୍କୁ ଉପଦେଶ ଦେଇଥିଲେ । ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ ଶେଷରେ ରାବଣ ଦେହରେ ବୈଦ୍ୟୁତିକ ଅଗ୍ନି ସଂଯୋଗ କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ



, ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ଥାନପତି ମେଢ଼ ର ସଭାପତି ଶ୍ରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଶ୍ରୀରାମ କ୍ଲବର ସଭାପତି ଶ୍ରୀ ରତ୍ନାକର ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ରାମଲୀଳା ପ୍ରଦର୍ଶିତ ହୋଇଥିଲା ।ଏଥିରେ ରାବଣ ଜଟାୟୁ ଯୁଦ୍ଧ, ସୀତା ହରଣ,ରାମ ରାବଣ ଯୁଦ୍ଧ ଓ ରାବଣ ବଧ ବେଶ ଆକର୍ଷଣୀୟ ହୋଇଥିଲା । କାର୍ଯ୍ୟକ୍ରମରେ ଆକର୍ଷଣୀୟ ବୈଦ୍ୟୁତିକ ଆତସ ବାଜି ପ୍ରଦର୍ଶନ କରାଯାଇଥିଲା । ଶେଷରେ ଶ୍ରୀରାମ କ୍ଲବ୍ ର କାର୍ଯ୍ୟକର୍ତ୍ତା ଶ୍ରୀଯୁକ୍ତ ସୁଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।ଆରକ୍ଷୀ ବାହିନୀ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

# ପୋଖରୀରେ ବୁଡ଼ି ବାଳକ ମୃତ

**ବୁଗୁଡା, ୨୨।୧୦ (ନି.ପ୍ର) :** ବୁଗୁଡ଼ା ଥାନା ଅନ୍ତର୍ଗତ କାନସୁକା ଗ୍ରାମ ପୋଖରୀରେ ବୁଡି ଜଣେ ବାଳକ ମୃତ୍ୟ ବରଣ କରିଥିବା ଜଣାଯାଇଛି । ମୃତ ବାଳକ ଜଣକ ହେଲେ ନୟାଗଡ ଜିଲ୍ଲା ହରେକୃଷ୍ଣପୁର ଗ୍ରାମର କୁଶ ମହାନ୍ତିଙ୍କ ପୁଅ ସାଇ ମହାନ୍ତି (୧୨) ।ଘଟଣାରୁ ପ୍ରକାଶ ଯେ, ହରେକୃଷ୍ଣପୁର ଗାଁ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ବାଳକ ସାଇ ତା'ର ମାଆଙ୍କ ସହ ଛୁଟି କଟାଇବାକୁ ଅଜାଘର କାନସୁକା ଗାଁକୁ ଆସିଥିଲା । ତେବେ ଆଜି ଅପରାହ୍ନରେ ସାଇ ଶୌଚ ପାଇଁ ଗାଁ ପୋଖରୀକୁ ଯାଇଥିଲା ବେଳେ ଅସାବଧାନତାବଶତଃ ସେଠାରେ ସେ ପାଣିରେ ବୁଡିଯାଇଥିଲା । ତା'କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି ।

# ୧୨ତମ ରାବଣ ପୋଡି ମହୋତ୍ସବ ଅନୁଷ୍ଠିତ

**ପିପିଲି,୨୨।୧୦ (ନି.ପ୍ର) :** ରାବଣ ପୋଡି ଉତ୍ସବ ହେଉଛି ହିନ୍ଦୁ ଧର୍ମର ଏକ ପ୍ରମୁଖ ପର୍ବ ଦଶହରା ବା ବିଜୟାଦଶମୀର ଅନ୍ତିମ ଏବଂ ଆକର୍ଷଣୀୟ ଅଂଶ । ଏହି ଦିନ ଅଧର୍ମ, ଅନ୍ୟାୟ ଓ ପାପର ପ୍ରତୀକ ଲଙ୍କାଧିପତି ରାବଣର ଏକ ବିଶାଳ ପୋତଳା (ପୁତ୍ତଳିକା) ତିଆରି କରାଯାଇ ସେଥିରେ ଅଗ୍ନି ସଂଯୋଗ କରାଯାଇଥାଏ । ଏହି ଉତ୍ସବଟି ମୁଖ୍ୟତଃ ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟକୁ ସୂଚିତ କରେ ।ହିନ୍ଦୁ ପୁରାଣ ଅନୁସାରେ, ମହାପ୍ରତାପୀ ରାକ୍ଷସ ରାଜା ରାବଣ ମାତା ସୀତାଙ୍କୁ ହରଣ କରିନେଇଥିଲା । ଏହାପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଏବଂ ରାବଣ ମଧ୍ୟରେ ଏକ ମହାଯୁଦ୍ଧ ହୋଇଥିଲା । ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥି (ବିଜୟାଦଶମୀ) ଦିନ ପ୍ରଭୁ ଶ୍ରୀରାମ ରାବଣକୁ ବଦ୍ଧ କରି ସୀତାଙ୍କୁ ଉଦ୍ଧାର କରିଥିଲେ । ଏହି ବିଜୟର ସ୍ମୃତି ସ୍ୱରୂପ ପ୍ରତିବର୍ଷ ଦଶହରା ଦିନ ରାବଣ ପୋଡି ଉତ୍ସବ ପାଳନ କରାଯାଏ ।ଏହି ଅବସରରେ ପିପିଲି ଇନ୍ଦିରା ଗାନ୍ଧୀ ପଡିଆ ଠାରେ 'ସଚେତନ ନାଗରିକ ମଞ୍ଚ' ପିପିଲି ପକ୍ଷରୁ ୧୨ତମ ରାବଣ ପୋଡି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବି ସୁରେଶ ରଥ ଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥିଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ପିପିଲି ଥାନା



ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ସାଂସଦ ପ୍ରତିନିଧି ସୁକାନ୍ତ ଭଞ୍ଜ,ନାଗରିକ ମଞ୍ଚ ଉପଦେଷ୍ଟା ଭଗବାନ ସେଠୀ ଏବଂ ବୁଦ୍ଧନେଶ୍ୱର ଦାସ ପ୍ରମୁଖ ଯୋଗଦେଇ ରାବଣ ପୋଡି ମହୋତ୍ସବ ପାଳନ ଉପରେ ମତ ରଖିଥିଲେ ।ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବରିଷ୍ଠ ଚାନ୍ଦୁଆ ଶିଳ୍ପୀ ଜବାର ଖାଁ, ସଫଳ ଚାଷୀ ସୁବାସ ଚନ୍ଦ୍ର ନାୟକ, ସମାଜସେବୀ ତଥା ଯୁବ ଚଳଚିତ୍ର ପ୍ରଯୋଜକ ଶୁଭ୍ରଜିତ ଜେନା, ବରିଷ୍ଠ ଶିକ୍ଷକ ହେମନ୍ତ ପ୍ରଧାନ, ଡେଲାଙ୍ଗ ଓଡିଶା ଆଦର୍ଶ ବିଦ୍ୟାଳୟ କ୍ରୀଡା ଶିକ୍ଷୟତ୍ରୀ ଶୁଭଶ୍ରୀ ତ୍ରିପାଠୀ, କଣ୍ଠଶିଳ୍ପୀ ସଂଗୀତା ଦାଶ, ବରିଷ୍ଠ ସାମ୍ବାଦିକ ରଜତ ରଞ୍ଜନ ଦାସ, ସାମ୍ବାଦିକ ଦୁର୍ଗାମାଧବ ମିଶ୍ର, ଯୁବ ଚାନ୍ଦୁଆ ଶିଳ୍ପୀ ଅକ୍ଷୟ ମହାପାତ୍ର, କୃତି ଛାତ୍ରଛାତ୍ରୀ ପ୍ରତୀକ୍ଷା ମିଶ୍ର, ଅର୍ପିତା ଦାସ, ସାଇସୁଦ୍ଧା ଶତପଥୀ, ମମତା ସାହୁ ଓ ପ୍ରତିଭା ପ୍ରିୟଦର୍ଶିନୀ ବେହେରା ଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ସୁଦାମ ଖୁଣ୍ଟିଆ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ମଞ୍ଚ ପରିଚାଳନା ସାରଦା ପ୍ରସାଦ ପ୍ରଧାନ କରିଛନ୍ତି । କାର୍ଯ୍ୟକ୍ରମ ଶେଷରେ ଅତିଥି ମାନଙ୍କ ହାତରେ ରାବଣ ପୁତ୍ତଳିକାରେ ଅଗ୍ନି ସଂଯୋଗ କରାଯାଇ ରାବଣ ପୋଡି ଉତ୍ସବ ପାଳନ କରାଯାଇଥିଲା । ନାଗରିକ ମଞ୍ଚ ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶିକ୍ଷାବିତ ପ୍ରସନ୍ନ ଦାସ ଧନ୍ୟବାଦ ଦେଇଥିଲେ ।

## ପାରାଦୀପ ବେଳାଭୂମି ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳି

# ସଫେଇ ଅଭିଯାନରେ ମିଳିଲା ବହୁ ମଦ ବୋତଲ, ପୋଲିସ ପାଟ୍ରୋଲିଂ ପାଇଁ ଦାବି

**ପାରାଦୀପ, ୨୨।୧୦ (ନି.ପ୍ର):** ପାରାଦୀପ ସମୁଦ୍ର ବେଳାଭୂମିରେ ପୁଣି ମଦ୍ୟପଙ୍କ ଆଡ୍ଡା ଜମିବା ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି । ଆଇପିଏସ୍ ଅଧିକାରୀ ଆଜିଂକ୍ୟ ବାବୁରାଓଙ୍କ କାର୍ଯ୍ୟାନୁଷ୍ଠାନ ଫଳରେ ଏସବୁ କାର୍ଯ୍ୟକଳାପ ପ୍ରାୟ ବନ୍ଦ ହୋଇଯାଇଥିବା ବେଳେ ତାଙ୍କର ବଦଳି ପରେ ବେଳାଭୂମିରେ ଏଭଳି ସ୍ଥିତି ପୁଣି ଦେଖାଦେଇଥିବା କୁହାଯାଉଛି । ଗତ ରବିବାର ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ ପକ୍ଷରୁ ନିୟମିତ ଅନ୍ତରରେ ଆୟୋଜିତ ସମୁଦ୍ର ବେଳାଭୂମି ସଫେଇ ଅଭିଯାନ ସମୟରେ ବହୁ ସଂଖ୍ୟାରେ ମଦ ବୋତଲ ମିଳିବା ପରେ ଏଭଳି ଘଟଣାକୁ ନେଇ ଚିନ୍ତା ବଢ଼ାଇଛି । ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ ପ୍ରତ୍ୟେକ ରବିବାର



ବେଳାଭୂମି ସଫେଇ କରିବା ସହ ସାଧାରଣ ଲୋକଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରିଆସୁଛି । ବେଳାଭୂମିରେ ଏଣେତେଣେ ଆବର୍ଜନା ନ ପକାଇ ଡଷ୍ଟବିନ୍‌ରେ ପକାଇବାକୁ ସଂଘ ପକ୍ଷରୁ ଲୋକଙ୍କୁ ନିବେଦନ କରାଯାଉଛି । କିନ୍ତୁ ବେଳାଭୂମିରେ ମଦ ବୋତଲ ଓ ଅନ୍ୟ ଆବର୍ଜନା ପଡ଼ି ରହିବା ସହରର ସ୍ୱଚ୍ଛତା ଏବଂ ପରିବେଶ ପାଇଁ ଏକ ଚିନ୍ତାଜନକ ବିଷୟ ହୋଇଛି । ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ତଥା ପାରାଦ୍ୱୀପ ପୌରପାଳିକାର ସ୍ୱଚ୍ଛତା ରାଷ୍ଟ୍ରଦୂତ ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି ଯେ, "ଆମକୁ ଫରକ ପଡୁଛି । ଆମ ବେଳାଭୂମି ଓ ଆମ ସହରକୁ ସ୍ୱଚ୍ଛ, ସୁନ୍ଦର ଏବଂ ସୁସ୍ଥ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଛୋଟ ଛୋଟ ଦାୟିତ୍ୱ ତୁଲାଇଲେ ସ୍ୱଚ୍ଛ ପାରାଦ୍ୱୀପ, ସୁସ୍ଥ ପାରାଦ୍ୱୀପ ଗଠନ ସମ୍ଭବ ହେବ । ଏହାଦ୍ୱାରା ହିଁ ସ୍ୱଚ୍ଛ ଭାରତର ସ୍ୱପ୍ନ ସାକାର ହୋଇପାରିବ ।' ନିଶାଠାରୁ ଦୂରେଇ ରହିବା ସହ ସମସ୍ତେ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବା ଉଚିତ । ବେଳାଭୂମିରେ ଲୋକଙ୍କ ବସିବା ପାଇଁ ଉଦ୍ଦିଷ୍ଟ ବେଞ୍ଚଗୁଡ଼ିକରେ କିଛି ବ୍ୟକ୍ତି ମଦ୍ୟପାନ କରୁଥିବା ଏବଂ ମଦ୍ୟପମାନଙ୍କ ଉପଦ୍ରବ ନେଇ ଅଭିଯୋଗ ଆସୁଥିବାରୁ ଏହା ଉପରେ ତୁରନ୍ତ ରୋକ୍ ଲଗାଇବା ଆବଶ୍ୟକ । ବେଳାଭୂମିରେ ନିୟମିତ ପୋଲିସ ପାଟ୍ରୋଲିଂ କରିବା ସହ ମଦ୍ୟପାନ କରି ସାଧାରଣ ପରିବେଶକୁ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ସେଶ୍ରୀ ମହାପାତ୍ର ପ୍ରଶାସନ ଓ ପୋଲିସକୁ ଅନୁରୋଧ କରିଛନ୍ତି । ବେଳାଭୂମି କେବଳ ଏକ ପର୍ଯ୍ୟଟନସ୍ଥଳୀ ନୁହେଁ, ଏହା ପାରାଦ୍ୱୀପର ପରିଚୟ । ତେଣୁ ଏହାର ସ୍ୱଚ୍ଛତା, ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ପ୍ରଶାସନ ସହ ଜନସାଧାରଣ ମଧ୍ୟ ସହଯୋଗ କରିବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି ।

# ଇଣ୍ଡିଆ କେମ୍ ୨୦୨୬ : ଭାରତର ରାସାୟନିକ ଏବଂ ପେଟ୍ରୋରାସାୟନିକ ଶିଳ୍ପର ଅଭିବୃଦ୍ଧି କ୍ଷେତ୍ରରେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ପ୍ରତିଶ୍ରୁତିବଦ୍ଧ

ପାରାଦୀପ, ୨୨/୧୦::- ଇଣ୍ଡିଆ କେମ୍ ୨୦୨୬ ର ଉଦଘାଟନୀ ଅଧିବେଶନରେ ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ତଥା ରାସାୟନିକ ଏବଂ ସାର ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ସମ୍ବୋଧନ କରି ୨୦୪୦ ସୁଦ୍ଧା ଭାରତର ରାସାୟନିକ ଏବଂ ପେଟ୍ରୋରାସାୟନିକ ଶିଳ୍ପକୁ ୧ ଟ୍ରିଲିୟନ ଆମେରିକୀୟ ଡଲାରରେ ପରିଣତ କରିବାର ଦୂରଦୃଷ୍ଟି ପ୍ରକାଶ କରିଛନ୍ତି। ଏହି ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ପାଇଁ ସେ କାର୍ଯ୍ୟକାରୀ ନୀତି, ପୁଞ୍ଜିନିବେଶ ବୃଦ୍ଧି, ଶିଳ୍ପ ସହଯୋଗ, ଆଧୁନିକ ମୌଳିକ କଞ୍ଚାମାଲ ଏବଂ ନବସୃଜନ ଉପରେ ଗୁରୁତ୍ୱାରୋପ କରିଛନ୍ତି।



ଏହି ଉଦଘାଟନୀ ଅଧିବେଶନରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡ଼ନବୀସ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ପ୍ରମୁଖ ଯୋଗଦାନ କରିଥିଲେ।

ଏହି ପଦକ୍ଷେପ ଭାରତର ଶିଳ୍ପ ମୌଳିକ କଞ୍ଚାମାଲକୁ ଦୃଢ଼ କରିବା, ସ୍ଥାୟୀ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଏବଂ ପୁଞ୍ଜିନିବେଶ, ବାଣିଜ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ପ୍ରତିବଦ୍ଧତାକୁ ଦର୍ଶାଉଛି।ସେହିପରି ପାରାଦୀପ ବନ୍ଦର ପ୍ରାଧିକରଣ ଭାରତର ରାସାୟନିକ ଏବଂ ପେଟ୍ରୋରାସାୟନିକ କ୍ଷେତ୍ରର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ବନ୍ଦର-ନିର୍ଦ୍ଦେଶିତ ଲଜିଷ୍ଟିକ୍ସ ଏବଂ ବାଣିଜ୍ୟ ସଂଯୋଗକୁ ସୁଦୃଢ଼ କରିବାକୁ ପ୍ରତିଶ୍ରୁତିବଦ୍ଧ।

# ପାନୀୟ ଜଳର ଗୁଣବତ୍ତା ଯାଞ୍ଚକୁ ଅଧିକ କଡ଼ାକଡ଼ି କରିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର, ୨୧।୧୦:ରେଳ ଷ୍ଟେସନ ଓ ଅନ୍ୟାନ୍ୟ ରେଳ ପରିସରରେ ଯାତ୍ରୀ ଏବଂ ରେଳ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ଓ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୂର୍ବ ତଟ ରେଳପଥ ପକ୍ଷରୁ ନିୟମିତ ଜଳର ଗୁଣବତ୍ତା ଯାଞ୍ଚ ଓ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣକୁ ଅଧିକ ତ୍ୱରାନ୍ୱିତ କରାଯାଇଛି।

୨୫ ସେପ୍ଟେମ୍ବରରୁ ୧୪ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଜଳର ଗୁଣବତ୍ତା ଯାଞ୍ଚ ଅଭିଯାନରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍?, ସମ୍ବଲପୁର ଓ ରାୟଗଡ଼ା—ତିନୋଟି ଯାକ ମଣ୍ଡଳରେ ବ୍ୟାପକ ପରୀକ୍ଷଣ କରାଯାଇଥିଲା। ଏହି ଅଭିଯାନରେ ଅବଶିଷ୍ଟ କ୍ଲୋରିନ୍?ର ମାତ୍ରା, ଜୀବାଣୁ ସମ୍ବନ୍ଧୀୟ ମାନଦଣ୍ଡ ଏବଂ ଜଳର ରାସାୟନିକ ଉପାଦାନ ପରୀକ୍ଷଣ କରାଯାଇ ନିର୍ଦ୍ଧାରିତ ଗୁଣବତ୍ତା ମାନଦଣ୍ଡ ପାଳନ ସୁନିଶ୍ଚିତ କରାଯାଇଥିଲା।

ଏହି ଅବଧି ମଧ୍ୟରେ ତିନୋଟି ମଣ୍ଡଳରେ ମୋଟ ୧,୨୩୦ଟି ଅବଶିଷ୍ଟ କ୍ଲୋରିନ୍ ପରୀକ୍ଷଣ କରାଯାଇଥିଲା। ଏହି ଅବଧି ମଧ୍ୟରେ, ତିନୋଟିଯାକ ବିଭାଗରେ ମୋଟ ୧,୨୩୦ ଟି 'ରେସିଡୁଆଲ୍ କ୍ଲୋରିନ୍' (କ୍ୱରଶ୍ୱସୟଙ୍କବକ୍ଷ ମକ୍ଷକ୍ଷକ୍ଟକ୍ୱସଭର) ପରୀକ୍ଷା କରାଯାଇଥିଲା ଏବଂ ଏହାର ଫଳାଫଳ ସନ୍ତୋଷଜନକ ତଥା ନିର୍ଦ୍ଧାରିତ ମାନଦଣ୍ଡ ଅନୁରୂପ ରହିଥିଲା। ସେହିପରି, ଏହି ଅଭିଯାନରେ ପୂର୍ବ ତଟ ରେଳପଥ ପକ୍ଷରୁ ମୋଟ ୧୩୩ଟି ଜୀବାଣୁ ସମ୍ବନ୍ଧୀୟ ପରୀକ୍ଷଣ କରାଯାଇଥିଲା। ଏଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୬୫ଟି, ସମ୍ବଲପୁର ମଣ୍ଡଳରେ ୪୩ଟି ଏବଂ ରାୟଗଡ଼ା ମଣ୍ଡଳରେ ୨୫ଟି ନମୁନା ପରୀକ୍ଷା କରାଯାଇଥିଲା। ସମସ୍ତ ନମୁନାର ଫଳାଫଳ ସନ୍ତୋଷଜନକ ରହିଥିଲା ଏବଂ କୌଣସି ନମୁନାରେ ଜୀବାଣୁ ସମ୍ବନ୍ଧୀୟ ଅସନ୍ତୋଷଜନକ ଫଳାଫଳ ମିଳିନଥିଲା।ଏହା ବ୍ୟତୀତ, ଖୋର୍ଦ୍ଧା ରୋଡ୍ ଓ ସମ୍ବଲପୁର ମଣ୍ଡଳରେ ମୋଟ ୨୮ଟି ରାସାୟନିକ ବିଶ୍ଳେଷଣ ପରୀକ୍ଷଣ କରାଯାଇଥିଲା। ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ପରୀକ୍ଷା କରାଯାଇଥିବା ୧୫ଟି ନମୁନାର ଫଳାଫଳ ସନ୍ତୋଷଜନକ ରହିଥିବାବେଳେ ସମ୍ବଲପୁର ମଣ୍ଡଳର ୧୩ଟି ନମୁନାର ପରୀକ୍ଷା ଫଳ ଆସିବାକୁ ବାକି ରହିଛି। ଏହି ଅବଧିରେ ରାୟଗଡ଼ା ମଣ୍ଡଳରେ କୌଣସି ରାସାୟନିକ ବିଶ୍ଳେଷଣ ପରୀକ୍ଷଣ କରାଯାଇନଥିଲା।

ପୂର୍ବ ତଟ ରେଳପଥ ପକ୍ଷରୁ ନିୟମିତ ବ୍ୟବଧାନରେ ପାନୀୟ ଜଳର ଗୁଣବତ୍ତା ଯାଞ୍ଚ, ଆବଶ୍ୟକସ୍ଥଳେ ପୁନଃ ପରୀକ୍ଷଣ ଏବଂ ଜଳର ଗୁଣବତ୍ତାରେ କୌଣସି ବ୍ୟତିକ୍ରମ ଦେଖାଦେଲେ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଯାତ୍ରୀ ଓ ରେଳ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ସହ ରେଳ ପରିସରରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ ପୂର୍ବ ତଟ ରେଳପଥ ନିରନ୍ତର ପ୍ରୟାସ ଜାରି ରଖିଛି।

# ଯାଜପୁର ନଗର କଂଗ୍ରେସ ପକ୍ଷରୁ ସିଇସିଙ୍କ କୁଶପୁ□ଳିକା ଦାହ



ଯାଜପୁର: ଯାଜପୁର ନଗର କଂଗ୍ରେସ ପକ୍ଷରୁ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ତଥା ଗିରଫଦାରୀ ଦାବୀରେ ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତଙ୍କ ଆବାହକତ୍ୱରେ ଗୌତମବୁଦ୍ଧ ସଂସ୍କୃତି ଭବନ ସ୍ଥିତ ଡ. ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂ□ି ନିକଟରୁ ପଦଯାତ୍ରାରେ ବାହାରି ଗାନ୍ଧୀଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଖିଳଭାରତୀୟ କଂଗ୍ରେସ କମିଟିର ସଭାପତିଙ୍କ ନିର୍ଦ୍ଦେଶ ତଥା ପି.ସି.ସି. ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫଦାରୀ ନିମନ୍ତେ ନଗର କଂଗ୍ରେସ ପକ୍ଷରୁ ଗାନ୍ଧୀଛକ ଠାରେ ତାଙ୍କର କୁଶପୁ□ଳିକା ଦାହ କରାଯାଇଥିଲା। ପ୍ରଥମ ଶ୍ରେଣୀ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ନିମନ୍ତେ ଓଡ଼ିଶାର ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ଇସ୍ତଫା, କେନ୍ଦ୍ର ସରକାରଙ୍କର ଏମ୍.ଏମ୍.ଡି.ଆଇ ଆଇନକୁ ସମ୍ପୂର୍ଣ୍ଣ ଭାବରେ ବାତିଲ କରିବା, ତଥା ଯାଜପୁରର ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କର ତୁରନ୍ତ ଥଇଥାନ ଏବଂ ଦୀର୍ଘକାଳୀନ ସରକାରୀ ସାହାଯ୍ୟ ନିମନ୍ତେ ସ୍ଲୋଗାନ ଦିଆଯାଇଥିଲା। ଏହି ବିକ୍ଷୋଭରେ ପୂର୍ବତନ ଲୋକସଭା ସାଂସଦ ଅ□ଳ ଦାସ, କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ହୃଷିକେଶ ପତି, ଦିଲ୍ଲୀପ ଦାଶ, ଦୁର୍ଯ୍ୟୋଧନ ବେହେରା, ଭାସ୍କର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ଅବଦୁଲ୍ ସଲିମ, ନକୁଳ ଦେବ ସାହୁ, ଅକ୍ଷୟ କୁମାର ଶତପଥୀ, ଅବଦୁଲ ରାଉଫ୍, ନାଗାର୍ଜ୍ଜୁନ ପତି, ସେକ୍ ବାଦ୍‌ଶାହା, ବିଜୟ ମହାପାତ୍ର, ପାଗୁ ଦାସ, ଅରିଜିତ୍ ନାୟକ, ଦେବାଶୀଷ ସାମନ୍ତ ପ୍ରମୁଖ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବରେ ପିସିସି ତରଫରୁ ହଳଧର ସେଠୀ ଯୋଗଦେଇ ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପୂର୍ବ ତଟ ରେଳପଥ ପକ୍ଷରୁ ବିଭିନ୍ନ ରେଳ ଷ୍ଟେସନରେ 'ଜନ ସମ୍ବାଦ' ଅଭିଯାନ

ଭୁବନେଶ୍ୱର, ୨୨।୧୦:ପୂର୍ବତଟ ରେଳପଥ ପକ୍ଷରୁ ଆଜି ବିଭିନ୍ନ ରେଳ ଷ୍ଟେସନରେ 'ଜନ ସମ୍ବାଦ' ଅଭିଯାନ ଆୟୋଜନ କରାଯାଇଛି। ରେଳପଥ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗକୁ ସୁଦୃଢ଼ କରିବା, ଯାତ୍ରୀମାନଙ୍କୁ ସଚେତନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ଏହି କାର୍ଯ୍ୟକ୍ରମର ଅଂଶସ୍ୱରୂପ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଭୁବନେଶ୍ୱର ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ରେଳ ସେବା ଓ ଯାତ୍ରୀ ସୁବିଧା ସମ୍ପର୍କରେ ସେମାନଙ୍କ ମତାମତ ଏବଂ ପରାମର୍ଶ ଗ୍ରହଣ କରିଥିଲେ। ଏଥିସହ ସେ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧା ଓ ସ୍ୱଚ୍ଛତାର ସମୀକ୍ଷା କରିଥିଲେ। ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇବା ସହ ରେଳ ଷ୍ଟେସନ ପରିସରକୁ ସ୍ୱଚ୍ଛ ଓ ଯାତ୍ରୀ ଅନୁକୂଳ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ମହାପ୍ରବନ୍ଧକ ଷ୍ଟେସନ ପରିସରରେ ଆୟୋଜିତ ସ୍ୱଚ୍ଛତା ଅଭିଯାନର ମଧ୍ୟ ନେତୃତ୍ୱ ନେଇଥିଲେ। ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ, ସୁସ୍ଥ ଓ ଉତ୍ତମ ପରିବେଶ ସୁନିଶ୍ଚିତ କରିବାରେ ପରିମଳ ଓ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସେ ବାର୍ତ୍ତା ଦେଇଥିଲେ। ଏହି ପଦକ୍ଷେପରେ ରେଳପଥର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି ରେଳ ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ, ସୁନ୍ଦର ଓ ଯାତ୍ରୀ ଅନୁକୂଳ ରଖିବା ଦିଗରେ ସାମୂହିକ ଦାୟିତ୍ୱବୋଧର ପରିଚୟ ଦେଇଥିଲେ। 'ଜନ ସମ୍ବାଦ' ଅଭିଯାନ ରେଳ ଅଧିକାରୀ, ଯାତ୍ରୀ ଓ ଜନସାଧାରଣଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରୁଛି। ଏହା ମାଧ୍ୟମରେ ଯାତ୍ରୀମାନଙ୍କ ଆବଶ୍ୟକତା ବୁଝିବା, ସେମାନଙ୍କ ସମସ୍ୟାର ସମାଧାନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ସଂଗ୍ରହ କରିବା ସମ୍ଭବ ହେଉଛି। ଏହି ଅଭିଯାନ ସମୟରେ ରେଳ ଅଧିକାରୀ ଓ କର୍ମଚାରୀମାନେ ଯାତ୍ରୀ ସୁରକ୍ଷା, ସ୍ୱଚ୍ଛତା, ଦାୟିତ୍ୱପୂର୍ଣ୍ଣ ଯାତ୍ରା ଏବଂ ରେଳ ପରିସରର ସଠିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରୁଛନ୍ତି।

ଏହି ଅଭିଯାନ ଯାତ୍ରୀମାନଙ୍କୁ ଷ୍ଟେସନରେ ଉପଲବ୍ଧ ସୁବିଧା, ଯାତ୍ରୀ ଆନୁଷଙ୍ଗିକ ସେବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତି ସମ୍ପର୍କରେ ନିଜସ୍ୱ ମତାମତ ଓ ପରାମର୍ଶ ରଖିବାକୁ ଉତ୍ସାହିତ କରୁଛି। ଏପରି ସିଧାସଳଖ ଆଲୋଚନା ମାଧ୍ୟମରେ ରେଳ କର୍ତ୍ତୃପକ୍ଷ ଜନସାଧାରଣଙ୍କ ଆଶା ଓ ଆବଶ୍ୟକତାକୁ ଭଲ ଭାବେ ବୁଝିବା ସହ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିପାରୁଛନ୍ତି। ଏହା ମାଧ୍ୟମରେ ପୂର୍ବ ତଟ ରେଳପଥ ସୁରକ୍ଷିତ, ସ୍ୱଚ୍ଛ, ଦକ୍ଷ ଓ ଯାତ୍ରୀ ଅନୁକୂଳ ରେଳ ସେବା ପ୍ରଦାନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିଛି।

# ବିଷାକ୍ତ ସାପ ଏବେ ଜଙ୍ଗଲ ଛାଡି ଜନବସତି ମୁହାଁ

ଡେଲାଙ୍ଗ : ଡେଲାଙ୍ଗ ବ୍ଲକରେ ଏବେ ଘରେ ଏବଂ ଗାଁ ରାସ୍ତା ରେ ବିଷାକ୍ତ ସାପ ଙ୍କ ପାଦୁର୍ଭାବ ଦେଖିବାକୁ ମିଳୁଛି। ବିଷାକ୍ତ ସାପ କାମୁଡାରେ ଅନେକ ଲୋକଙ୍କ ଜୀବନ ଯାଉଛି। ସାପ ମାନେ କାହାକୁ ଭୟ ନକରି ଜନ ବସତି ମୁହାଁ ହୋଇ ଲୋକ ମାନଙ୍କୁ କାମୁଡିବାର ଖବର ଏବେ ନୈନ୍ଦିନ ଶୁଣିବାକୁ ମିଳୁଛି। ଏନେଇ ସ୍ନେକ ହେଲ୍ପଲାଇନ ସଦସ୍ୟ ସୁଶାନ୍ତ ବେହେରା ଙ୍କୁ ପଚାରିବାରେ ସେ କୁହନ୍ତି ପ୍ରତି ବର୍ଷ ଅପେକ୍ଷା ଚଳିତ ବର୍ଷ ବିଷାକ୍ତ ସାପ ନାଗ, ତମ୍ପ, ଚିତି ବୋଡା, ରଣା ଆଦି ସାପ ଏବେ ଖାଦ୍ୟ ଅଭାବ ପାଇଁ ବାହାରେ ବୁଲୁଥିବା ସହ ଜଙ୍ଗଲ ଛାଡି ଗାଁ ଗଣ୍ଡା ରେ ଘରେ ପସୁଛନ୍ତି। ସାପ ଧରିବା ପାଇଁ ପ୍ରତ୍ୟକ ଦିନ ସହ ସହ ଫୋନ ଆସୁଛି। ଘରେ ସାପ ପଶୁଥିବା ବେଳେ ଅସାବଧାନତା ପାଇଁ ଲୋକମାନଙ୍କୁ ସାପ କାମୁଡି ଥିବା ଭଳି ଦୃଘଟଣା ସାମ୍ନା କୁ ଆସୁଛି। ଖାଦ୍ୟଅଭାବ ଓ ପରିବେଶ ପ୍ରଦୂଷଣ ପାଇଁ ସାପ ମାନେ ଗାତ ଭିତରୁ ବାହାରକୁ ଆସୁଥିବା ସେ ଅଭିଯୋଗ କରିଛନ୍ତି । ବିଷାକ୍ତ ସାପ ଦେଖି ସାଧାରଣ ଲୋକ ମାନେ ଭୟଭୀତ ହୋଇ ପଡୁଥିବା ବେଳେ ସାପକୁ ନିଜେ ମାରିବାକୁ କିମ୍ବା ଧରିବାକୁ ଆଗ ଚେଷ୍ଟା କରନ୍ତୁ ନାହିଁ।

# ମା ବଡ଼ ପିତାବଳୀ ଙ୍କ ମଣ୍ଡପ ପ୍ରତିଷ୍ଠା ଉତ୍ସବ

ଆଠମଲ୍ଲିକ (ମନ୍ଥନ): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଅଏଡା ପଞ୍ଚାୟତ ଅଏଡା ଗ୍ରାମ ନିକଟରେ ଥିବା ମା ବଡ଼ ପିତାବଳୀ ଙ୍କ ପୂଜା ନୂତନ ଭାବରେ ନିର୍ମିତ ହୋଇଥିବା ପୂଜା ମଣ୍ଡପ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମ ରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବ ରେ ପୂଜକ ଅନାମ ଦେହୁରୀ ସକାଳୁ ମା ଙ୍କ ର ଯଥା ପୂଜା ରୀତିନୀତି ସମ୍ପନ୍ନ କରି ପୂଜା ମଣ୍ଡପ କୁ ପ୍ରତିଷ୍ଠା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ରେ ଗ୍ରାମ ସଭାପତି ସୁରେନ୍ଦ୍ର ବଡ଼ମାଳି, ସମ୍ପାଦକ ରଞ୍ଜନ କୁମାର ସାହୁ, ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଗ୍ରାମ ର ବରିଷ୍ଠ ନାଗରିକ ଦଶରଥ ପ୍ରଧାନ, ଶିବ ନାରାୟଣ ଦନ୍ତା, ବିରଞ୍ଚି ଭୁକ୍ତା, ସୁଧାଂଶୁ ଶେଖର ପ୍ରଧାନ, ଆର୍ତ୍ତ ବନ୍ଧୁ ସାହୁ ରାମଚନ୍ଦ୍ର ପ୍ରଧାନ, ଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ପୂଜା ମଣ୍ଡପ ସହିତ ସମ୍ମୁଖ ଭାଗରେ ଥିବା ସ୍ୱାଗତ ତ୍ୱରଣ ମଧ୍ୟ ଉଦଘାଟିତ ହୋଇଥିଲା କ୍ଷ ଏହି ଉପଲକ୍ଷେ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ପ୍ରସାଦ ସେବନ କରିଥିଲେ।



# ଶାନ୍ତି ଶୃଙ୍ଖଳା ସହ ରାବଣ ପୋଡି ଓ ମେଲାଣି କାର୍ଯ୍ୟକ୍ରମ

ରାଜଗାଙ୍ଗପୁର: ରାଜଗାଙ୍ଗପୁର ସହର ରେ ଐତିହାସିକ ସର୍ବପୁରାତନ ପାରମ୍ପରିକ ଶାରଦୀୟ ଦୁର୍ଗା ପୂଜା ୬ ଦିନ ଧରି ଭକ୍ତି ମୟ ପରିବେଶ ଭିତରେ ପାଳିତ ହୋଇ ଦଶହରା ଦିନ ପ୍ରତି ମଣ୍ଡପ ଠାରେ ବିବାହିତ ମହିଳା ମାଁ ଦୂର୍ଗା ଙ୍କୁ ପାନପତ୍ର ଦୁବଘାସ ସିନ୍ଦୂର ଫୁଲ ଦେଇ ବରଣ କରି ମିଷ୍ଟାନ୍ନ ପ୍ରଦାନ ପରେ ବିଦାୟୀ ଦେଇ ଆଗାମୀ ବର୍ଷ ପୁନଃଶ୍ଚ ଆଗମନ ପାଇଁ ପ୍ରାର୍ଥନା କରିଥିଲେ। ସିନ୍ଦୂର ଦାନ କାର୍ଯ୍ୟକ୍ରମ ରେ ସ୍ଥାନୀୟ ମହିଳା ଏକ ଅପର କୁ ପବିତ୍ର ସିନ୍ଦୂର ଲଗାୟୀ ସ୍ୱାମୀ ଙ୍କ ଦୀର୍ଘ କାମନା କରି ସିନ୍ଦୂର ଖେଳ ଅନୁଷ୍ଠିତ ହୋଇଥିଲା ଅପରାହ୍ନ ତିନିଟା ସମୟରେ ମାଁ ଦୂର୍ଗା ଙ୍କ ପ୍ରତିମା ଶୋଭାଯାତ୍ରା ରେ ନାଚଗୀତ ସହ ଲିପଲୋଇ ଅସ୍ଥାୟୀ ପୋଖରୀ ଠାରେ ଶ୍ରଦ୍ଧାଳୁ ଅଶ୍ରୁଳ ନୟନରେ ବିସର୍ଜନ କରିଥିଲେ। ସନ୍ଧ୍ୟା ସମୟରେ ଡାଲମିଆ ସିମେଣ୍ଟ କଲୋନୀ ବୀର ବୀରସା ମୁଣ୍ଡା ଖେଳ ପଡ଼ିଆରେ ପ୍ରାୟ ୧୦ ହଜାର ସାଧାରଣ ନାଗରିକ ଙ୍କ ଉପସ୍ଥିତି ରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବାଣ ଫୁଟାଇ ଆତିଶବାଜି କାର୍ଯ୍ୟକ୍ରମ ପରେ ରାମ ଲକ୍ଷ୍ମଣ ସୀତା ଙ୍କ ବେଶ୍ ଧାରଣ କରିଥିବା କଳାକାର ଙ୍କ ଦ୍ୱାରା ରାବଣ ପୋଡି ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଥିଲା ଏହି ଅବସରରେ ଡାଲମିଆ ସିମେଣ୍ଟ କାରଖାନା କାର୍ଯ୍ୟ ନିର୍ଦ୍ଦେଶକ ଅଧିକାରୀ ଆଶୁତୋଷ ତିୱାରି ଏଡିପିଓ ବିଭୁତି ଭୁଷଣ ଭୋଇ ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମାଜିକ ସଂଗଠନ କାରଖାନା ର ଅଧିକାରୀ କର୍ମଚାରୀ ଅଗ୍ନିଶମ ବିଭାଗ ସୁରକ୍ଷା ବଳ ଙ୍କ ଉପସ୍ଥିତି ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚ ପରିଚାଳନା କରିଥିଲେ ଅମରେଶ ପଣ୍ଡା, ଅଶୋକ ସାହୁ ଓ ସିଂ ବାବୁ।



# ନାବାଳିକାଙ୍କୁ ଅପହରଣ, ଗଣଦୁଷ୍କର୍ମ ପରେ ହତ୍ୟା



ଜଳେଶ୍ୱର, ୨୨/୧୦( ନିପ୍ର): ଜଳେଶ୍ୱର ଥାନା ନାମ୍‌ପୋ ଫାଣ୍ଡି ଅନ୍ତର୍ଗତ ବର୍ତ୍ତନା ପଞ୍ଚାୟତର ଶୋଳଶଣ୍ଡା ଓ ବର୍ତ୍ତନା ଗ୍ରାମ ମଧ୍ୟବର୍ତ୍ତୀ ରାସ୍ତା ପାର୍ଶ୍ୱରେ ଥିବା ହେରାପଦା ଗ୍ରାମର ପଡ଼ିଆ ସନ୍ନିକଟ ଥିବା ଏକ ଗଛ ନିକଟରୁ ଗୁରୁବାର ସକାଳ ସମୟରେ ଗୋଟେ ଗଳିତ ଶବ ମିଳିଥିଲା। ଲୋକ ଦେଖି ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ।ଖବର ପାଇ ଜଳେଶ୍ୱର ଥାନା ଆଇ .ଆଇ.ସି ଅଶୋକ କୁମାର ବାରିକ୍ ଏବଂ ଅନ୍ୟ ଅଧିକାରୀ ମାନେ ପହଂଚି ତଦନ୍ତ କରିଥିଲେ।ଶବ ନିକଟରୁ ଏକ ବାଇକ୍?ର ଚାବି ଓ ନାବାଳିକାଙ୍କ ଜୋତା ମିଳିଛି।ସୂଚନା ଅନୁସାରେ ମୃତ ନାବାଳିକା ଜଣକ ପଶ୍ଚିମବାଡ଼ ପଞ୍ଚାୟତ ଦେବକୁମାର ଗ୍ରାମର ଅରୁଣ ଜେନାଙ୍କ ଝିଅ ଦୀପିକା ଜେନା ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପ୍ରାୟ ୭ରୁ ୮ ଦିନ ତଳେ ନାବାଳିକା ଜଣକ ନିଖୋଜ ହୋଇଥିବା ନେଇ ପରିବାର ପକ୍ଷରୁ ନାମ୍‌ପୋ ଫାଣ୍ଡିରେ ଗତ ୧୬ ତାରିଖରେ ଅପହରଣ ଅଭିଯୋଗ କରାଯାଇଥିଲା।ଅଭିଯୁକ୍ତଙ୍କୁ ଫାଣ୍ଡିକୁ ଡାକି କାହା ଇସାରାରେ ପୋଲିସ ଛାଡ଼ି ଦେଇଛି ବୋଲି ଗୁରୁତର ଅଭିଯୋଗ ଆଣିଛନ୍ତି ବିଜେପି ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ। ଆଜି ତାଙ୍କ ଗଳିତ ମୃତଦେହ ଏକ ଧାନ ବିଲରୁ ମିଳିବା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।ପ୍ରାଥମିକ ସୂଚନା ଅନୁସାରେ, ନାବାଳିକାଙ୍କ ଶରୀରରେ ପୋଡ଼ିଯାଇଥିବା ଚିହ୍ନ ଥିବାରୁ ତାଙ୍କୁ ପେଟ୍ରୋଲ ଢାଳି ପୋଡ଼ି ଦିଆଯାଇଥିବା ସନ୍ଦେହ କରାଯାଉଛି। ତେବେ ଘଟଣାର ପ୍ରକୃତ କାରଣ ଏବଂ ମୃତ୍ୟୁର ପରିସ୍ଥିତି ସମ୍ପର୍କରେ ପୋଲିସର ତଦନ୍ତ ପରେ ସ୍ପଷ୍ଟ ହେବ। ଏ ନେଇ ଜଳେଶ୍ୱର ଥାନାରେ ସୁଲତାନପୁର ଗ୍ରାମର ଚନ୍ଦ୍ରକାନ୍ତ ଜେନା (୨୨)ନାମରେ ମଧ୍ୟ ଅଭିଯୋଗ ହୋଇଥିଲା। ଏ ନେଇ ଗଳିତ ଶବ ଦେଖିବା ପରେ ଏକ ଗଣ ଦୁଷ୍କର୍ମ ସହିତ ହତ୍ୟା ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ ଏବଂ ପରିବାର ଲୋକ।

# ଦାମୋଦରପୁରରେ ସୋମନାଥ ବ୍ରତ ପାଳିତ

ଗଞ୍ଜାମ, ୨୨।୧୦: ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ଦଶହରା ଅବସରରେ ସୋମନାଥ ବ୍ରତ ପାଳିତ ହୋଇଯାଇଛି।



ଉକ୍ତ ବ୍ରତ କାର୍ଯ୍ୟକ୍ରମରେ ଶତାଧିକ ମହିଳା ଏକତ୍ରିତ ହୋଇ ବ୍ରତ ପାଳନ କରିଥିଲେ।ନୂତନ ବସ୍ତ୍ର ପରିଧାନ ପୂର୍ବକ ଭୋଗ ନୈବେଦ୍ୟ ସମର୍ପଣ କରି ବ୍ରତ ପାଳନ କରିଥିଲେ । ପଣ୍ଡିତ ମାଗତା ପଣ୍ଡା ଙ୍କ ମୁଖ ନିସୃତ ଦେବ ବାଣୀ ସ୍ଥାନୀୟ ଅଂଚଳ ରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସେହିପରି ଗଞ୍ଜାମ ବ୍ଲକ ର ବିଭିନ୍ନ ଗ୍ରାମ ରେ ଉକ୍ତ ବ୍ରତ ପାଳନ ଅବସରେ ସୋମନାଥ ମହାପ୍ରଭୁ ଙ୍କୁ ଆରାଧନା କରାଯାଇଥିଲା ।

# ଜରପଡା :ଦଶହରା ଦୂର୍ଗା ପୂଜା ଓ ରାବଣ ପୋଡ଼ି ସହ ଭସାଣୀ ଉତ୍ସବ

ଛେଣ୍ଡିପଦା, ୨୨।୧୦(ମନ୍ଥନ )- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ଗ୍ରାମ ସ୍ଥିତ ହାଟପଦା ଠାରେ ପଞ୍ଚ ଦିନ ବ୍ୟାପି ଶାରଦୀୟ ଦୁର୍ଗାପୂଜା, ଦଶହରା ଦୂର୍ଗା ପୂଜା ଓ ରାବଣ ପୋଡ଼ି ସହ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜରପଡା ଗ୍ରାମ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜରପଡା ଗ୍ରାମ ସଭାପତି ତ୍ରିନାଥେଶ୍ୱର ପ୍ରଧାନ,ସମ୍ପାଦକ ରିତେଶ କୁମାର ସାହୁ, ଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

ଏହି ଅବସରରେ ଗତ ୧୮ତାରିଖ ରୁ ୨୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ମା ଦୂର୍ଗା ଦେବୀ ଙ୍କ ମୃଣ୍ମୟୀ ପ୍ରତିମା କୁ ଯଥାବିଧି ପୂଜାର୍ଚ୍ଚନା ପୂର୍ବକ ପଣ୍ଡିତ ପୂଜକ ରାଧାନାଥ ମିଶ୍ର ଯଥାବିଧି ରୀତିନୀତି ଅନୁଯାୟୀ ପ୍ରତ୍ୟେକ ଦିନ ମା ଦୂର୍ଗା ଙ୍କ ମୃଣୟ ପ୍ରତିମାକୁ ରୀତି, ନୀତି ଅନୁଯାୟୀ ହୋମ, ଯଜ୍ଞ ଚଣ୍ଡୀପାଠ, ମନ୍ତ୍ର, ଶ୍ଳୋକ ପାଠ ସହ ଧୂପ, ଦୀପ ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଏଥିରେ ଯଜ୍ଞ କର୍ତ୍ତା ଭାବରେ ବରିଷ୍ଠ ନାଗରିକ ତଥା ପୂର୍ବତନ ସରପଞ୍ଚ ରସାନନ୍ଦ ସାହୁ ପୂଜା ମଣ୍ଡପ ରେ ପୂଜା ନୀତି ତୁଲାଇଥିଲେ । ମା' ଙ୍କ ପୂଜା ମଣ୍ଡପ ସମ୍ମୁଖ ରେ ଗ୍ରାମବାସୀ ଙ୍କ ପକ୍ଷରୁ ଅହୋରାତ୍ର ନାମ, ସଂକୀର୍ତ୍ତନ ଭଜନ ଜଣାଣ ଆଦି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥି ସହିତ ସହିତ କଟକ ଶ୍ରୀ କ୍ଷେତ୍ର ଭଜନ ମଞ୍ଚ ଓ ଭୁବନେଶ୍ୱରର ସୁମନ ଡ୍ୟାଆନ୍ସ ଗ୍ରୁପ୍, ସ୍ଥାନୀୟ ଅଞ୍ଚଳର ଶିଶୁ କଳାକାର ଛାତ୍ର, ଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ପବିତ୍ର ବିଜୟା ଦଶମୀ ଅବସରରେ ପୌରାଣିକ ଉପାଖ୍ୟାନ ଉପରେ ଆଧାରିତ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ସୁଗ୍ରୀବ, ଜାମ୍ବବ, ରାବଣ,ସମେତ ବିଭିନ୍ନ ପଶୁ ବାଘ, ସିଂହ, ହାତୀ, ଠେକୁଆ, ଭାଲୁ, ଆଦି କୌତୁହଳ ବେଶ ଭୂଷାରେ ସୁସଜ୍ଜିତ ହୋଇ କଳାକାର ମାନେ ବିରାଟ ପଟୁଆରରେ ହାଟପଦା ଠାରୁ ମା ଦୂର୍ଗା ଙ୍କ ପୂଜା ମଣ୍ଡପ ରୁ ଗୌଡ ବାଡ଼ି ଖେଳ, ଘଣ୍ଟୁଆଳ ବାଜା ବଜାଇ ,ସାଉଣ୍ଡ, ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକ ଲାଇଟ୍ ଲଗାଇ,ଡ଼ିଜେ ବାଜା,ବ୍ୟାଣ୍ଡ ବଜାର ତାଳେ ତାଳେ ଗ୍ରାମ , ବଜାର ବସଷ୍ଟାଣ୍ଡ ଦେଇ ପୁଣି ପୂଜା ମଣ୍ଡପ ନିକଟ ଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ଏଥି ସହିତ ବିରାଟ ପଟୁଆରରେ ଘଣ୍ଟ, ଶଙ୍ଖ, ବାଜା ବାଣ ଫୁଟାଇ ହରିବୋଲ, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହେଉଥିଲା। ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ସଜ୍ଜିତ ରଥ ଉପରେ ବସି ଯାତ୍ରା ପଡ଼ିଆ ଠାରେ ପହଞ୍ଚି ଥିଲେ ।ଏହାପରେ ପୂର୍ବରୁ ସଜ୍ଜିତ ୪୨ ଫୁଟ୍ ଉଚ୍ଚ ବିରାଟ କାୟ ମହାରାଜ ରାବଣ ଙ୍କ ପ୍ରତିମୂର୍ତ୍ତି କୁ ଧନୁ ତୀର ମାରି ଅଗ୍ନି ସଂଯୋଗ କରି ବଧ କରିବା ସହ ବିଜୟ ଉତ୍ସବ ପାଳନ କରି ଥିଲେ। ଏହି ଅବସରରେ ୬୨ କିଗ୍ରା ୪ଶହ ଗ୍ରାମ ଓଜନ ବିଶିଷ୍ଟ ମା ଦୁର୍ଗା ଦେବୀ ଙ୍କ ଆଜ୍ଞା ଲଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜରପଡା ଗ୍ରାମର ବିଶ୍ୱଜିତ୍ ସାହୁ ୫୫ ହଜାର ଟଙ୍କା ରେ ନିଲାମ ବଢ଼ି ବିଜୟୀ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଜରପଡା ଜୋନ ଜିଲ୍ଲା ପରିଷଦ ସଦସ୍ୟା ଭାନୁପ୍ରିୟ। ପ୍ରଧାନ, ସମ୍ମାନୀତ ଅତିଥି ସମିତି ସଭ୍ୟ। ପ୍ରମିଳା ପଲେଇ, ଜରପଡା ଗ୍ରାମ ସଭାପତି ତ୍ରୀନାଥେସ୍ୱର ପ୍ରଧାନ,ସମ୍ପାଦକ ରିତେଶ କୁମାର ସାହୁ, ପ୍ରମୁଖ ଯୋଗ ଦେଇ ବିଶ୍ୱଜିତ୍ ସାହୁ ଙ୍କୁ ମଞ୍ଚରେ ଉତ୍ତରୀୟ ଦେଇ ଆଜ୍ଞା ଲଡୁ, ଆଜ୍ଞା ମାଳ ଓ ଏକ ସୁନାର ଲକେଟ ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା ।କ୍ରୀଡ଼ା ଅଧ୍ୟାପକ ରଞ୍ଜନ କୁମାର ସାହୁ ମଞ୍ଚ ପରିଚାଳନା କହିଥିଲେ ।

ଅନ୍ୟ ପକ୍ଷରେ ୨୨ ତାରିଖ ଗୁରୁବାର ସକାଳେ ମା ଦୂର୍ଗା ଦେବୀଙ୍କ ମୃଣ୍ମୟୀ ପ୍ରତିମା ମେଢ଼ କୁ ଏକ ବିରାଟ ଶୋଭାଯାତ୍ରାରେ ବଜାର, ଗ୍ରାମ, ବସ ଷ୍ଟାଣ୍ଡ, ପରିକ୍ରମା କରି ଭାଗିରଥିପୁର ଗ୍ରାମ ନିକଟ ଖଳା ଛା।ଞ୍ଚୁଣି ଜାମୁଝରିଆ ନାଳ ଠାରେ ବିସର୍ଜନ କରିବା ସହ ଭସାଣୀ ଉତ୍ସବ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ପରିଚାଳନା କମିଟି ତଥା ଦୁର୍ଗା ପୂଜା କମିଟି ସଦସ୍ୟ ମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନା କରିଥିଲେ । ସ୍ଥାନୀୟ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ ।

# ରାଜଗାଙ୍ଗପୁର ରେଳଷ୍ଟେସନଠାରେ ଜନ ସମ୍ବାଦ କାର୍ଯ୍ୟକ୍ରମ

ରାଜଗାଙ୍ଗପୁର : ରାଜଗାଙ୍ଗପୁର ରେଳଷ୍ଟେସନ ର ବିଭିନ୍ନ ସମସ୍ୟା କୁ ନେଇ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ପକ୍ଷରୁ ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ ଅନ୍ତର୍ଗତ ଆପଣଙ୍କ କଥା ଆମର ଉଦ୍ୟମ କାଲିର ଭବିଷ୍ୟତ ସମ୍ବନ୍ଧରେ ଜନସାଧାରଣଙ୍କ ବିଭିନ୍ନ ପ୍ରକାରର ସମସ୍ୟା କୁ ନେଇ ଜନ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ସ୍ଥାନୀୟ ବାସିନ୍ଦା ଓ ରେଳ ଯାତ୍ରୀ ଙ୍କ ମତାମତ ମୌଖିକ ଓ ଲିଖିତ ଅଭିଯୋଗ ଗ୍ରହଣ କରାଯାଇ ସମସ୍ୟା ସମ୍ପର୍କରେ ରେଳ ବିଭାଗ ଉଚ୍ଚ କର୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପସ୍ଥିତ ଅଧିକାରୀ ସୂଚନା ଦେଇଥିଲେ। ରାଜଗାଙ୍ଗପୁର ରୁ ଦେବବ୍ରତ ମିତ୍ର ଙ୍କ ରିପୋର୍ଟ




Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ